R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୮
ତିଥି : ତୃତୀୟା
୨୧ ଜାନୁଆରୀ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 108
21 January 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ହାଇଦ୍ରାବାଦ-କୋଲକାତା ନିବେଶକଙ୍କ ସମ୍ମିଳନୀରେ ବଡ଼ ସଫଳତା

## ଆସିବ ୧ ଲକ୍ଷ ୬୭ ହଜାର କୋଟିର ନିବେଶ

ଭୁବନେଶ୍ୱର, ୨୦ ।୧ (ସବ୍ୟୁ) : ହାଇଦ୍ରାବାଦ ଓ କୋଲକାତାରେ ହୋଇଥିବା ନିବେଶକଙ୍କ ସମ୍ମିଳନୀରେ ବ୍ୟାପକ ସଫଳତା ମିଳିଛି । ଏହି ଦୁଇ ସହରରୁ ୧ ଲକ୍ଷ ୬୭ ହଜାର କୋଟିର ନିବେଶ ସମ୍ମିଳନୀରୁ ଆସିବା ସହ ୧ ଲକ୍ଷ ୪୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓଡ଼ିଶା ଅର୍ଥନୀତି ଏବେ ଭବିଷ୍ୟତ ପାଇଁ ଏକ ଶିଳ୍ପର ପାୱାର ହାଉସ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଶିଳ୍ପପତିମାନଙ୍କ ସହ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ସମୟ ହେଉଛି ପ୍ରକୃତ ସମୟ । ଆମେ ନିବେଶକାରୀଙ୍କୁ ଓଡ଼ିଶାରେ ନିବେଶ କରିବା ଲାଗି ସ୍ୱାଗତ କରୁଛୁ । ଭବିଷ୍ୟତ ପାଇଁ ଅର୍ଥନୀତିକୁ ସୁଦୃଢ଼ କରାଯିବ । ଓଡ଼ିଶାରେ ପାରମ୍ପରିକ ଭାବେ ଇସ୍ପାତ, ଖଣି ଓ ଭାରି ଶିଳ୍ପର ଏକ ପ୍ରକୃଷ୍ଟ ଭିତ୍ତିଭୂମି ରହିଛି । ଓଡ଼ିଶା ଏବେ ଆଇଟି, ଆଇଟିଇଏସ୍, ଏରୋସ୍ପେସ୍, ବୟନ, ଧାତବ ଆନୁଷଙ୍ଗିକ, ଇଞ୍ଜିନିୟରିଂ ସାମଗ୍ରୀ, ପ୍ଲାଷ୍ଟିକ୍, କେମିକାଲ, ପ୍ୟାକେଜିଂ, ପୁନଃ ପ୍ରକ୍ରିୟାକରଣ, ଔଷଧ, ମେଡିକାଲ ଯନ୍ତ୍ରାଂଶ ଓ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଆଗକୁ ହାତ ବଢ଼ାଇଛି । ୨୦୨୫ ଡିସେମ୍ବରରେ ହାଇଦ୍ରାବାଦ, ୨୦୨୬ ଜାନୁଆରୀରେ କୋଲକାତାରେ ନିବେଶକଙ୍କ ସମ୍ମିଳନୀ ହୋଇଥିଲା । ନିବେଶକାରୀମାନେ (୯ ପୃଷ୍ଠାରେ)




### ୧ ଲକ୍ଷ ୪୬ ହଜାର ନିଯୁକ୍ତି ସୁଯୋଗ

### ଓଡ଼ିଶା ଅର୍ଥନୀତି ଏବେ ଭବିଷ୍ୟତ ଲାଗି ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀ

### ଶାନ୍ତି ବୋର୍ଡରେ ସାମିଲ ନହେଲେ ଟ୍ରମ୍ପଙ୍କ ଶୁଳ୍କ ଚେତାବନୀ

## ଫ୍ରାନ୍ସ ଉପରେ ୨୦୦% ଶୁଳ୍କ ଲଗାଇବାକୁ ଧମକ

ନୂଆଦିଲ୍ଲୀ, ୨୦ ।୧ (ସବ୍ୟୁ) : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡ଼ରେ ଯୋଗ ନଦେଲେ ୨୦୦% ଶୁଳ୍କ ଲାଗିବ ବୋଲି ସେ ଧମକ ଦେଇଛନ୍ତି । ବିଶେଷକରି ଫ୍ରାନ୍ସ ଏହି ଶାନ୍ତି ବୋର୍ଡ଼ରେ ଯୋଗଦେବା ପାଇଁ ଟ୍ରମ୍ପଙ୍କ ନିମନ୍ତ୍ରଣକୁ ଫ୍ରାନ୍ସ ପ୍ରତ୍ୟାଖ୍ୟାନ କରିଛି । ଏଥିରେ ଉତ୍‌କ୍ଷିପ୍ତ ହୋଇ ଟମ୍ପ କହିଛନ୍ତି ଯେ ଫ୍ରାନ୍ସର ମଦ ଓ ସାମ୍ପେନ ଉପରେ ୨୦୦% ଶୁଳ୍କ ଲଗାଇବେ ।

ଟ୍ରମ୍ପଙ୍କ ଏହି ଧମକ ପରେ ଫ୍ରାନ୍ସର ନେତାମାନେ କହିଛନ୍ତି ଯେ ଏହି ଶୁଳ୍କ ଧମକ ଫ୍ରାନ୍ସର ବିଦେଶୀ ନୀତିର ବିରୁଦ୍ଧାଚରଣ କରୁଛି । ଏହା ଗ୍ରହଣୀୟ ନୁହେଁ । ସୋମବାର ସନ୍ଧ୍ୟାରେ ଟ୍ରମ୍ପ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ବକ୍ତବ୍ୟ ନେଇ ପ୍ରଶ୍ନ କରାଯାଇଥିଲା । ଟ୍ରମ୍ପ କହିଥିଲେ, ଯେଉଁମାନେ ତାଙ୍କୁ ଚାହିଁବେ ନାହିଁ ସେମାନେ ଅଫିସରୁ ଶୀଘ୍ର ବାହାରିଯିବେ । ୨୦୦% ଶୁଳ୍କ ସେ ଲଗାଇବେ । ଏ ସମ୍ପର୍କରେ ଫ୍ରାନ୍ସର ରାଷ୍ଟ୍ରପତିଙ୍କୁ ସୂଚନା ଦିଆଯାଇଛି । ଟ୍ରମ୍ପ ଟ୍ରୁଥ୍‌ସୋଶିଆଲରେ ମାକ୍ରେନଙ୍କୁ ଏକ ବାର୍ତ୍ତା ପୋଷ୍ଟ କରିଛନ୍ତି । ସେ ଲେଖିଛନ୍ତି ଯେ ଦୁଇ ନେତା ଇରାନ ଓ ସିରିଆ ପ୍ରସଙ୍ଗରେ ସହମତ । କିନ୍ତୁ ବୁଝିପାରୁ ନାହିଁ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡରେ କ'ଣ କରୁଛନ୍ତି? ବିଶ୍ୱ ଅର୍ଥନୈତିକ ଫୋରମ ଅବସରରେ ଟ୍ରମ୍ପଙ୍କୁ ଭେଟିବାକୁ ପ୍ରସ୍ତାବ ଦେଇଥିଲି । ଗୁରୁବାର ଟ୍ରମ୍ପ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିପାରନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଟ୍ରମ୍ପଙ୍କର ଏହି ଶାନ୍ତି ବୋର୍ଡ଼ ସେପ୍ଟେମ୍ବର ୨୦୨୫ରେ ଗାଜା ବିବାଦ ସମାଧାନ ପାଇଁ ଗଠନ କରାଯାଇଥିଲା । ସୋମବାର ଟ୍ରମ୍ପ କହିଛନ୍ତି ଯେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କୁ ମଧ୍ୟ ଶାନ୍ତି ବୋର୍ଡର ସଭାପତି ପାଇଁ ନିମନ୍ତ୍ରଣ କରାଯାଇଛି । ଆମେରିକା ପକ୍ଷରୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଉଛି ।



### ୟୁଏଇ ଓଡ଼ିଆ ସମାଜର ଦାବି

## ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନ ସେବା ଜାରି ରହୁ




ଭୁବନେଶ୍ୱର, ୨୦ ।୧ (ସବ୍ୟୁ) : ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଉଡାଣ ସେବା ଜାରି ରଖାଯାଉ । ୨୦୨୬ ମାର୍ଚ୍ଚ ୩୦ରୁ ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ଦୁବାଇରୁ ଭୁବନେଶ୍ୱର ସିଧାସଳଖ ବିମାନସେବା ବନ୍ଦ କରିବା ପାଇଁ ସୂଚନା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ୟୁଏଇରେ ରହୁଥିବା ଓଡ଼ିଆ ସମାଜ ପକ୍ଷରୁ ମୁଖ୍ୟ ସଚିବଙ୍କୁ ଅନୁରୋଧ କରାଯାଇଛି ।

### ମୁଖ୍ୟ ସଚିବଙ୍କୁ ଦେଲେ ସ୍ମାରକପତ୍ର

ମୁଖ୍ୟ ସଚିବଙ୍କୁ ୟୁଏଇ ଓଡ଼ିଆ ସମାଜ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ଆସନ୍ତା ମାର୍ଚ୍ଚ ୩୦ରୁ ଇଣ୍ଡିଗୋ ଏୟାରଲାଇନ୍ସ ୱେବ୍‌ସାଇଟ୍‌ରେ ଦୁବାଇ ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ସେବା ବ୍ୟାହତ କରାଯିବା ନେଇ ସୂଚନା ମିଳୁଛି । ବର୍ତ୍ତମାନ ଅନ୍‌ଲାଇନ୍‌ରେ ଏନେଇ ଟିକେଟ ବୁକିଂ ହୋଇପାରୁନାହିଁ । ୨୦୨୫ ସେପ୍ଟେମ୍ବରରେ ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଠିକଣା ସମୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ହସ୍ତକ୍ଷେପ କରିବାରୁ ଏହି ସେବା ପୁନଃ ବାହଲ ହୋଇଥିଲା । ଏହି ବିମାନ ସେବା ଜାରି ରହିଲେ ଓଡ଼ିଆ ସମୁଦାୟ ଓ ଅନ୍ୟ ଅଂଶୀଦାରମାନଙ୍କର ଅନେକ ସୁବିଧା ହୋଇପାରିବ । ସେହିଭଳି ଆବୁଧାବିରୁ ଭୁବନେଶ୍ୱର ସପ୍ତାହକୁ ୩ ଦିନ ସିଧାସଳଖ ବିମାନ ସେବା ରହିଥିଲା । ବର୍ତ୍ତମାନ ଏଥିରେ ବ୍ୟାଘାତ ସୃଷ୍ଟି ହୋଇଛି । ଏହା ଫଳରେ ଓଡ଼ିଶା ଓ ୟୁଏଇରେ ରହୁଥିବା ଅଧିକାଂଶ ଲୋକ ଓ ଆବୁଧାବିରେ ଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । (୯ ପୃଷ୍ଠାରେ)

### ବିଜେପି ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ନେଲେ ନୀତିନ ନବୀନ

## ନୀତିନ ମୋ 'ବସ୍' : ମୋଦୀ

ନୂଆଦିଲ୍ଲୀ, ୨୦ ।୧ (ସବ୍ୟୁ) : ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନୀତିନ ନବୀନ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ୪୫ ବର୍ଷୀୟ ନବୀନ ହେଉଛନ୍ତି ପୂର୍ବତନ ବିଧାୟକ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ ଓ ସେ ବିହାରର ବାଙ୍କୀପୁର ବିଧାନସଭା

### ୫ ରାଜ୍ୟର ବିଧାନସଭା ନିର୍ବାଚନକୁ ଫୋକସ

ନିର୍ବାଚନମଣ୍ଡଳୀରୁ ଲଗାତାର ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସ୍ୱାଗତ କରିଛନ୍ତି । ସ୍ୱାଗତ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦଳ ବିଷୟରେ ଯେତେବେଳେ କୌଣସି କଥା ଆସିବ ସେତେବେଳେ ନୀତିନ ନବୀନ ହେଉଛନ୍ତି ତାଙ୍କ ବସ୍ ଓ ସେ ଜଣେ ଦଳୀୟ କର୍ମୀ । ନବୀନଙ୍କୁ ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟକୁ ସେ ସମ୍ପୂର୍ଣ୍ଣ ସଫଳତାର ସହ ସମ୍ପନ୍ନ କରିଛନ୍ତି । ଯେଉଁ ଲୋକମାନେ ପିଲାଦିନେ ରେଡିଓରେ ଖବର ଶୁଣୁଥିଲେ ବର୍ତ୍ତମାନ ଏଆଇ ବ୍ୟବହାର କରିବାରେ ପାରଙ୍ଗମ, ନୀତି ହେଉଛନ୍ତି ସେହି ପୀଢ଼ିର ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଯୁବପୀଢ଼ି ଭାଷାରେ କହିବାକୁ ଗଲେ ନୀତିନ ହେଉଛନ୍ତି ସହସ୍ରାବ୍ଦୀ । ନବୀନ ଦଳର ପ୍ରତ୍ୟେକ କର୍ମୀ ପାଇଁ ଦଳର ବହୁତ ଲାଭଦାୟକ ହେବେ । ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ଼ଭାନୀ ଓ ମୁରଲୀ ମନୋହର ଯୋଶୀଙ୍କ ନେତୃତ୍ୱରେ (୯ ପୃଷ୍ଠାରେ)



## ସାଧାରଣତନ୍ତ୍ର ଦିବସରେ ୟୁରୋପିଆନ କାଉନ୍‌ସିଲ ଅଧ୍ୟକ୍ଷ ମୁଖ୍ୟଅତିଥି

ନୂଆଦିଲ୍ଲୀ, ୨୦ ।୧ (ସବ୍ୟୁ) : ଆଗାମୀ ସାଧାରଣତନ୍ତ୍ର ଦିବସରେ କ'ଣ ଥିମ୍ ରହିବ ଓ କିଏ ମୁଖ୍ୟଅତିଥି ହେବେ ଏ ନେଇ ସୂଚନା ଦିଆଯାଇଛି । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଭାରତର ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ପ୍ରମୁଖ ଭାଗରେ ରହିବ ।

ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଗଣମାଧ୍ୟମକୁ କହିଛନ୍ତି ଯେ ଏଥର ବନ୍ଦେ ମାତରମ୍‌କୁ ସ୍ୱତନ୍ତ୍ର ଥିମ୍ ଭାବେ କେନ୍ଦ୍ରିତ କରାଯିବ । ଏଥିରେ ଜନସାଧାରଣଙ୍କ ଭାଗିଦାରୀ ବହୁସଂଖ୍ୟାରେ ରହିବ । ଆଜାଦୀକା ଅମୃତ ମହୋତ୍ସବ ଓ ଆତ୍ମ ନିର୍ଭର ଭାରତ ମଧ୍ୟ ଏଥର କାର୍ଯ୍ୟକ୍ରମରେ ଦେଖିବାକୁ ମିଳିବ । ୟୁରୋପିଆନ୍ କାଉନ୍‌ସିଲର ଅଧ୍ୟକ୍ଷ ଆଣ୍ଟୋନୋ (୯ ପୃଷ୍ଠାରେ)

### ଅଦାଲତ ଅବମାନନା ମାମଲା

## ଉଚ୍ଚଶିକ୍ଷା ସଚିବ ଅରବିନ୍ଦଙ୍କ ବିରୋଧରେ ୱାରେଣ୍ଟ

କଟକ, ୨୦ ।୧ (ସବ୍ୟୁ): ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ବିରୋଧରେ ଗିରଫଦାରୀ ୱାରେଣ୍ଟ ଜାରି କରିଛନ୍ତି । ଆସନ୍ତା ୨୨ ତାରିଖରେ ପୁଲିସ୍ ତାଙ୍କୁ ଅଦାଲତରେ ହାଜର କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଯଦି ୨୨ ତାରିଖ ପୂର୍ବରୁ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଇଥାଏ ତାହେଲେ ଗିରଫଦାରୀ ୱାରେଣ୍ଟ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ତପନ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆଗତ ଅଦାଲତ ଅବମାନନା ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ଆଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ବର୍ଦ୍ଧିତ ଦରମା ଦିଆନଯିବାରୁ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ଗତ ଜୁଲାଇ ୩୦ ତାରିଖରେ ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ତାଙ୍କ ପ୍ରାପ୍ୟ ୮ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ୮ ସପ୍ତାହ ପରେ ମଧ୍ୟ ଆବେଦନକାରୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରାଗଲା ନାହିଁ । ଫଳରେ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ରୁଜୁ କରିଥିଲେ । ହାଇକୋର୍ଟ ବିଭାଗୀୟ (୯ ପୃଷ୍ଠାରେ)

## ରାଜ୍ୟରେ ନିର୍ମାଣ ହେବ ରେଲୱେ ୧୬୬ ଓଭରବ୍ରିଜ୍

ଭୁବନେଶ୍ୱର, ୨୦ ।୧ (ସବ୍ୟୁ): ରାଜ୍ୟର ସଡ଼କ ନେଟ୍‌ୱାର୍କର ସୁଦୃଢ଼ୀକରଣ କ୍ଷେତ୍ରରେ ରେଲୱେ ଓଭର ବ୍ରିଜ୍‌ର ପ୍ରମୁଖ ଭୂମିକା ରହିଛି । ରେଲୱେ ଫାଟକ ବଦଳରେ ରେଲୱେ ଓଭର ବ୍ରିଜ୍ ହେବା ଦ୍ୱାରା ଯାତ୍ରା ସମୟରେ ହେଉଥିବା ଅତିରିକ୍ତ ଭିଡ଼ ହ୍ରାସ ସହ ସମୟ ଅବଧି କମିବା ଏବଂ ଧନଜୀବନକୁ ସୁରକ୍ଷା କରିହେବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ହେବାକୁ ଥିବା ୧୬୬ଟି ରେଲୱେ ଓଭର ବ୍ରିଜ୍ ପାଇଁ ନିର୍ମାଣ ଲାଗି ସମୀକ୍ଷା ହୋଇଛି ।

ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ପୂର୍ବତଟ ରେଳବାଇ ଓ ନିର୍ମାଣ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ୧୬୬ଟି ରେଲୱେ ଓଭର ବ୍ରିଜ୍ ଗୁଡିକର ନିର୍ମାଣ ଅଗ୍ରଗତି ଗତ କିଛି ବର୍ଷ ହେଲା ମନ୍ଥର ସ୍ଥିତିରେ ଥିଲା । ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗର ସକ୍ରିୟ ପଦକ୍ଷେପ ସ୍ୱରୂପ ଭାରତ ସରକାରଙ୍କ ରେଳବାଇ ମନ୍ତ୍ରଣାଳୟର ନୂତନ ନୀତି-୨୦୨୪ କୁ ଉପଯୋଗ କରି ପୂର୍ବତଟ (୯ ପୃଷ୍ଠାରେ)

### ନିଆଁ ଲାଗିବା ପରେ ଚେତିଲା ବିଏମ୍‌ସି

## ପଲିଥିନ ଟାଣିବା, ବିକ୍ରି ଉପରେ ଲାଗିଲା ରୋକ

ଭୁବନେଶ୍ୱର, ୨୦ ।୧ (ସବ୍ୟୁ) : ୟୁନିଟ-୧ ହାଟରେ ନିଆଁ ଲାଗିବା ପରେ ଚେତିଲା ବିଏମସି । ଗତକାଲି ହାଟରେ ୪୦ରୁ ଉର୍ଦ୍ଧ୍ୱର୍ ଦୋକାନରେ ନିଆଁ ଲାଗି ପାଉଁଶ ହୋଇଯାଇଛି । ଏହା ପରେ ବିଏମସି ଅଧିକାରୀ ତତ୍ପର ହୋଇଛନ୍ତି । ଦୋକାନୀମାନେ ନିଜ ନିଜ ଦୋକାନ ଆଗକୁ ଜବର ଦଖଲ କରିବା, ପଲିଥିନ ପାଲ ଟାଣିବା, ଦୋକାନରେ ବିକ୍ରି ପାଇଁ ପଲିଥିନି ରଖିଥିବା ହେତୁ ଅଗ୍ନିକାଣ୍ଡକୁ ଆୟତ୍ତ କରିହେଲା ନାହିଁ । ଦୋକାନୀମାନେ ସେଠାରେ ଗୋଦାମ ଘର କରିଥିବାରୁ ଏପରି ପରିସ୍ଥିତି ଉପୁଜିଲା । ପୂର୍ବରୁ ଏ ସଂପର୍କରେ ବାରମ୍ବାର ଏକ ନମ୍ବର ବ୍ୟବସାୟୀ ସଂଘକୁ ଅବଗତ କରାଯାଇଥିଲେ ମଧ୍ୟ ସେମାନେ ଏହାକୁ ଗୁରୁତ୍ୱର ସହ ନେଇନଥିଲେ ବୋଲି ବିଏମସି ମିନିଛି ।

ବୁଧବାର ଏକ ନମ୍ବର ହାଟକୁ ବ୍ୟବସ୍ଥିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏବେ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ । ମାର୍କେଟ ମଧ୍ୟରେ କୌଣସି ହୋଟେଲ ରହିବ ନାହିଁ । ମାର୍କେଟ ଭିତରେ ଯେଉଁମାନେ ରାସ୍ତାକୁ ଜବରଦଖଲ କରିଛନ୍ତି କିମ୍ବା ନିଜ ଦୋକାନ ଆଗକୁ ମଡାଇ ଦେଇଛନ୍ତି, ସେସବୁକୁ ଉଚ୍ଛେଦ କରାଯିବ । ଏଣିକି କୌଣସି ବ୍ୟବସାୟୀ ଦୋକାନ ଆଗରେ ପଲିଥିନି ଟାଣି ପାରିବେ ନାହିଁ କିମ୍ବା ବିକ୍ରି କରିପାରିବେ ନାହିଁ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଙ୍କ ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ । ମାର୍କେଟ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରାଯିବ । ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ



### ମାର୍କେଟ ଭିତରେ ହୋଇପାରିବ ନାହିଁ ହୋଟେଲ

### ଅଗ୍ନି ନିରାପତ୍ତାକୁ ନିଶ୍ଚିତ କରିବାକୁ ହେବ ଫାୟାର ଅଡିଟ୍

ମାର୍କେଟ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ତାହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିଶନର । ମାର୍କେଟ ଭିତରେ ଜବରଦଖଲ ଉଚ୍ଛେଦ (୯ ପୃଷ୍ଠାରେ)

### ଏକ ନମ୍ବର ହାଟ ନିଆଁ

## ଲାଗିଲା ନା' ଲଗାଇଦେଲେ

ଭୁବନେଶ୍ୱର, ୨୦ ।୧ (ସବ୍ୟୁ) : ବିଳମ୍ବିତ ରାତିରେ ଏକ ନମ୍ବର ହାଟରେ ନିଆଁ ଲାଗି କୋଟି କୋଟି ଟଙ୍କାର ସମ୍ପତ୍ତି ଜଳିଗଲା । ୪୦ରୁ ଉର୍ଦ୍ଧ୍ୱ ଦୋକାନ ଜଳି ପାଉଁଶ ହୋଇଯାଇଛି । ଜୀବିକା ହରାଇଥିବା ଛୋଟ ବ୍ୟବସାୟୀମାନେ ଅସହାୟ ହୋଇପଡିଥିଲେ । କାରଣ ଦୋକାନ ରୋଜଗାରରୁ ପରିବାର ପ୍ରତିପୋଷଣ କରନ୍ତି । କୌଣସି କାରଣରୁ ଦୈବାତ୍ ନିଆଁ ଲାଗିଗଲା ନା' ନିଆଁ ଉଦ୍ଦେଶ୍ୟମୂଳକ ଭାବେ କିଏ ଲଗାଇଦେଲା ତାହା ଜଣାପଡ଼ିନାହିଁ । ନିଆଁ ଲାଗିବାର କାରଣ ଖୋଜୁଛି ଅଗ୍ନିଶମ ବାହିନୀ ।

ସୋମବାର ବିଳମ୍ବିତ ରାତିରେ ଏକ ନମ୍ବର ହାଟରେ ଅଗ୍ନିକାଣ୍ଡ ଘଟି ୪୦ରୁ ଉର୍ଦ୍ଧ୍ୱ ଛୋଟବଡ ଦୋକାନ ଜଳିଗଲା ଅଗ୍ନିକମାନଙ୍କ ସାମ୍ନାରେ । ଗୋଟିଏ ଦୋକାନ ଲିଭାଇଲେ ଆଉ ଗୋଟିଏ ଦୋକାନ ଜଳୁଥାଏ । ନିଆଁଲିଭା ପାଇଁ ୧୩ଗାଡି, ୭୦ ଅଗ୍ନିକ ନିୟୋଜିତ ଥିଲେ ମଧ୍ୟ ୪୦ ଦୋକାନ ହୁ ହୁ ହୋଇ ଜଳିଗଲା । ନିଆଁ ପ୍ରଥମେ ଏକ ପ୍ଲାଷ୍ଟିକ ରଶି ଦୋକାନରୁ ଲାଗିବା ଆରମ୍ଭ ହୋଇଥିଲା । ପ୍ଲାଷ୍ଟିକ ରଶି ଦୋକାନ ପାଖରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର ଦୋକାନ ଥିବାରୁ ତାହା ସବୁ ବିସ୍ଫୋରଣ ହୋଇଥିଲା । ରାତି ୩ଟା ପର୍ଯ୍ୟନ୍ତ ନିଆଁକୁ ଲିଭାଇ ଚାଲିଥିଲେ ଅଗ୍ନିକ ।

ଜଳିଯାଇଥିବା ଦୋକାନ ମଧ୍ୟରେ ପୂଜା ସାମଗ୍ରୀ, ଖେଳନା, ବଡି-ପାମ୍ପଡ, ମିକ୍ସର, ଫଳ, ପତ୍ରଠୋଲା ଦୋକାନ, ମିଠାଦୋକାନ, ଛୋଟ ହୋଟେଲକୁ ମିଶାଇ ଅନ୍ୟାନ୍ୟ ବହୁ ନିତ୍ୟ ଆବଶ୍ୟକ ଦୋକାନ ଥିବା କୁହାଯାଉଛି । ଅଗ୍ନିକମାନଙ୍କୁ ନିଆଁ ଲିଭାଇବା ପାଇଁ ସମସ୍ୟା ସୃଷ୍ଟି ହେବାର କାରଣ ଗଳି ବାଟରେ ଗାଡି (୯ ପୃଷ୍ଠାରେ)

## ସ୍ୱାସ୍ଥ୍ୟପୋଯୋଗୀ ହଳଦୀ କ୍ଷୀର



ଆମ ଭାରତୀୟ ପରମ୍ପରାରେ ହଳଦୀ କ୍ଷୀରକୁ ଏକ ମହୌଷଧି ଭାବରେ ଗଣନା କରାଯାଏ। ଏହା କେବଳ ଏକ ସ୍ୱାଦିଷ୍ଟ ପାନୀୟ ନୁହେଁ ବରଂ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିବାରେ ଏକ ଶକ୍ତିଶାଳୀ କାବଚ ଭାବରେ କାର୍ଯ୍ୟ କରେ। ହଳଦୀରେ ଥିବା 'କର୍କୁମିନ୍' ନାମକ ଉପାଦାନ ଏହାକୁ ଏତେ ପ୍ରଭାବଶାଳୀ କରିଥାଏ । ନିୟମିତ ଭାବେ ରାତିରେ ଶୋଇବା ପୂର୍ବରୁ ହଳଦୀ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ ।

୧. ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି

ହଳଦୀ କ୍ଷୀର ଶରୀରର ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଭୂତାଣୁ ଏବଂ ଜୀବାଣୁ ଜନିତ ସଂକ୍ରମଣରୁ ଆମକୁ ରକ୍ଷା କରେ । ବିଶେଷକରି ଋତୁ ପରିବର୍ତ୍ତନ ସମୟରେ ଏହା ଶରୀରକୁ ଭିତରୁ ମଜବୁତ ରଖିବାରେ ସହାୟକ ହୁଏ । ପ୍ରତିଦିନ ଏହାର ସେବନ ଦ୍ୱାରା ଆମେ ବାରମ୍ବାର ପଡୁଥିବା ରୋଗରୁ ମୁକ୍ତି ପାଇପାରିବା । ସୁସ୍ଥ ରହିବା ପାଇଁ ଏହା ଏକ ସହଜ ଏବଂ ଘରୋଇ ଉପାୟ ଅଟେ ।

୨. ଥଣ୍ଡା ଏବଂ କାଶରୁ ମୁକ୍ତି

ହଳଦୀ କ୍ଷୀର ଥଣ୍ଡା, ଜ୍ୱର ଏବଂ କାଶ ପାଇଁ ଏକ ଅମୋଘ ଔଷଧ ଭାବରେ କାର୍ଯ୍ୟ କରିଥାଏ । ଏହାର ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଗଳାରେ ଥିବା ସଂକ୍ରମଣ ଏବଂ ଯନ୍ତ୍ରଣାକୁ ତୁରନ୍ତ ଉପଶମ ଦେଇଥାଏ । କାଶ ହେଉଥିବା ସମୟରେ ଉଷୁମ ହଳଦୀ କ୍ଷୀର ପିଇବା ଦ୍ୱାରା ଛାତିରେ ଜମିଥିବା କଫ ସହଜରେ ବାହାରିଯାଏ । ଏହା ନାକ ବନ୍ଦ ହେବା ସମସ୍ୟାରୁ ମଧ୍ୟ ମୁକ୍ତି ଦେଇ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରେ । ଶୀତଦିନେ ଏହି ପାନୀୟ ଶରୀରକୁ ଉଷୁମ ରଖିବା ପାଇଁ ରାମବାଣ ସଦୃଶ ।

୩. ଗଣ୍ଠି ଯନ୍ତ୍ରଣା ଏବଂ ପ୍ରଦାହ ହ୍ରାସ

ହଳଦୀରେ ପ୍ରଚୁର ପରିମାଣରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଛି ଯାହା ଶରୀରର ଯନ୍ତ୍ରଣା କମାଇବାରେ ସାହାଯ୍ୟ କରେ । ଆର୍ଥ୍ରାଇଟିସ ବା ଗଣ୍ଠି ବାତ ରୋଗୀଙ୍କ ପାଇଁ ହଳଦୀ କ୍ଷୀର ଅତ୍ୟନ୍ତ ଲାଭଦାୟକ ଅଟେ । ଏହା ହାଡ଼କୁ ଶକ୍ତ କରିବା ସହ ଗଣ୍ଠିଗୁଡ଼ିକର ଫୁଲା ଏବଂ କଷ୍ଟକୁ ଦୂର କରିଥାଏ । ମାଂସପେଶୀରେ ଥିବା ଦରଜକୁ ମଧ୍ୟ ଏହା ଶୀଘ୍ର ଭଲ କରିଦିଏ । ଶାରୀରିକ ପରିଶ୍ରମ ପରେ ଏହା ପିଇବା ଦ୍ୱାରା ଶରୀରକୁ ଆରାମ ମିଳିଥାଏ ।

୪. ହଜମ ପ୍ରକ୍ରିୟାରେ ଉନ୍ନତି

ହଳଦୀ କ୍ଷୀର ପେଟ ଜନିତ ସମସ୍ୟା ଦୂର କରି ହଜମ ଶକ୍ତି ବୃଦ୍ଧି କରିବାରେ ବହୁତ ସହାୟକ ହୁଏ। ଏହା ପାକସ୍ଥଳୀରେ ପିତ୍ତ ରସ ଉତ୍ପାଦନକୁ ତ୍ୱରାନ୍ୱିତ କରି ଖାଦ୍ୟକୁ ସହଜରେ ହଜମ କରାଏ। ଗ୍ୟାସ୍, ବଦହଜମି ଏବଂ ପେଟ ଫମ୍ପା ଭଳି ସମସ୍ୟାରୁ ମଧ୍ୟ ଏହା ମୁକ୍ତି ଦେଇଥାଏ। ଏହା ଅନ୍ତନଳୀର ସ୍ୱାସ୍ଥ୍ୟ ରକ୍ଷା କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ସୁସ୍ଥ ପାକତନ୍ତ୍ର ପାଇଁ ରାତିରେ ହଳଦୀ କ୍ଷୀର ପିଇବା ଏକ ଉତ୍ତମ ଅଭ୍ୟାସ ।

୫. ଉଜ୍ଜ୍ୱଳ ଚର୍ମ ଏବଂ ସୁନ୍ଦରତା

ହଳଦୀ କ୍ଷୀର କେବଳ ସ୍ୱାସ୍ଥ୍ୟ ନୁହେଁ, ବରଂ ଚର୍ମର ସୁନ୍ଦରତା ପାଇଁ ମଧ୍ୟ ଖୁବ୍ ଜଣାଶୁଣା । ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ରକ୍ତ ସଫା କରିଥାଏ, ଯାହା ଫଳରେ ଚର୍ମରେ ପ୍ରାକୃତିକ ଚମକ ଆସେ। ଏହା ବ୍ରଣ ଏବଂ ଚର୍ମରେ ଥିବା କଳା ଦାଗ ଦୂର କରିବାରେ ସାହାଯ୍ୟ କରିଥାଏ । ନିୟମିତ ଏହାକୁ ପିଇବା ଦ୍ୱାରା ବୟସର ଛାପ କମ୍ ଦେଖାଯାଏ ଏବଂ ଚର୍ମ ସତେଜ ରହେ । ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏହା ଏକ ପ୍ରାକୃତିକ ଡିଟକ୍ସ ପାନୀୟ ଭାବରେ କାର୍ଯ୍ୟ କରେ ।

## ସୋସିଆଲ କୋଟ୍ସ




ଦୟାକରି ମୁଁ କହିଥିବା ଘଟଣା ଭିତରକୁ ମୋ ସ୍ୱାମୀ ଓ ପରିବାରକୁ ଟାଣନ୍ତୁ ନାହିଁ । ମୁଁ ଦେଖିଥିବା ସବୁଠାରୁ ଭଲ ମଣିଷ ସେମାନ। ଆଜି ମୁଁ ଯାହା କିଛି ବି ସଫଳତା ପାଇଛି କେବଳ ସେମାନଙ୍କର ସମର୍ଥନ ପାଇଁ ହିଁ ପାଇ ପାରିଛି ।

**ନେହା କକ୍କର, ସିଙ୍ଗର**



ଗଲ୍ଫ କେବଳ ଏକ ଖେଳ ନୁହେଁ ଏହା ଧୈର୍ଯ୍ୟର ପ୍ରତୀକ ହୋଇଥାଏ । ଗଲ୍ଫ ଖେଳିଲେ ମନକୁ ଶାନ୍ତି ମିଳିଥାଏ। ସେହିଭଳି ଏଭଳି କାର୍ଯ୍ୟକ୍ରମର ଆୟୋଜନ ହେବାଦ୍ୱାରା ଅନେକ ଲୋକଙ୍କୁ ସହାୟତା ମିଳୁଛି ଯାହା ଖୁବ ଭଲ ହେଉଛି ।

**ଆମିର ଖାନ୍, ଅଭିନେତା**



ଶାହରୁଖଙ୍କ ସହିତ ଯିଏ ବି କାମ କରିବ ସେ ତାଙ୍କର ଫ୍ୟାନ ହୋଇଯିବ । କ୍ୟାରିୟରରେ ଅନେକ କିଛି ତାଙ୍କ ପାଖରୁ ଶିଖିଛି । ତାଙ୍କ ସହିତ କାମ କରିବା ଖୁବ ଭଲ ଅନୁଭବ ।

**ଆଲିଆ ଭଟ୍ଟ, ଅଭିନେତ୍ରୀ**

## ରୋବଟ ଘୋଡା



ଜାପାନରେ ଅନେକ ସମୟରେ ବିଭିନ୍ନ ପ୍ରକାରର ରୋବଟ ଦେଖିବାକୁ ମିଳିଥାଏ ଯେଉଁଗୁଡ଼ିକଙ୍କର କିଛି ସ୍ୱତନ୍ତ୍ରତା ରହିଥାଏ, ଯାହା ଏମାନଙ୍କୁ ଭିଡ ଭିତରେ ଅଲଗା କରିଥାଏ । ସେହିଭଳି ଏକ ରୋବଟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ନିକଟରେ ଜାପାନର ଏରୋସ୍ପେସ କମ୍ପାନୀ କାୱାସାକି କୋରଲିୟା ନାମକ ଏକ ଚାରିଗୋଡ ଥିବା ରୋବଟ ସୃଷ୍ଟି କରିଛନ୍ତି । ଏହାକୁ ରୋବୋଟିକ ଘୋଡା ବୋଲି ସୋସିଆଲ ମିଡିଆରେ ସମ୍ବୋଧନ କରାଯାଉଛି । ଏହାକୁ ପାହାଡ ଓ ଦୁର୍ଗମ ଅଞ୍ଚଳରେ ଅସଲ ଘୋଡା ଭଳି ମଣିଷ ବ୍ୟବାହର କରିବ । ଏପରିକି ଏହା ଉପରେ ମଣିଷ ବସି ଘୋଡା ଦୌଡ କରିବାରେ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ଦାବି କରାଯାଇଛି। ଏହା ଅନେକ ଲୋକଙ୍କ ପାଇଁ ଖୁବ ଲାଭଦାୟକ ହେବ ଯେଉଁ ଅଞ୍ଚଳକୁ ସାଧାରଣ ଯାନବାହାନ ଯିବା ସମ୍ଭବ ନୁହେଁ ।

## ହସକଥା



ଶିକ୍ଷକ: ବାବୁ, ୧୦ ଟଙ୍କା ଦେଇ ତୁମେ ଗୋଟେ କଲମ କିଣିଲ, ପୁଣି ୨୦ ଟଙ୍କା ଦେଇ ଗୋଟେ ଖାତା କିଣିଲ। ତେବେ ତୁମେ କ'ଣ ପାଇଲ ?

ଛାତ୍ର: ସାର୍, ମୁଁ ଜଣେ ପୋଲିସ ହେଲେ ଜାଣନ୍ତି କିନ୍ତୁ ଏବେ ତ ଲାଗୁଛି ମୁଁ ମାତ୍ର ୩୦ ଟଙ୍କା ହରାଇଲି ।

## ବଦଳି ଯାଇଥିଲା ସ୍କ୍ରିପ୍ଟ



ସଲମାନ ଖାନ ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ ସିକନ୍ଦର ଫ୍ଲପ ହେବାପରେ ମନଖୋଲି କଥା ହୋଇଛନ୍ତି ରଶ୍ମିକା ମନ୍ଦାନା। ବକ୍ସ ଅଫିସରେ ଖରାପ ପ୍ରଦର୍ଶନ କରିବାପରେ ଏହାର କାରଣ ବଖାଣିଛନ୍ତି ନିଜେ ରଶ୍ମିକା । ତେବେ ଫିଲ୍ମର ଏଭଳି ଖରାପ ପ୍ରଦର୍ଶନ ପାଇଁ ରଶ୍ମିକା ପରୋକ୍ଷରେ ସ୍କ୍ରିପ୍ଟକୁ ଦାୟୀ କରିଛନ୍ତି । ରଶ୍ମିକା ମତରେ ତାଙ୍କୁ ଏକ ପ୍ରକାର ସ୍କ୍ରିପ୍ଟ ଶୁଣା ଯାଇଥିଲା ହେଲେ ପରେ ଆଉ ଏକ ପ୍ରକାରର କାହାଣୀକୁ ସୁଟିଂ କରାଯାଇଥିଲା । ସୁଟିଂ ଅଧାରେ ହିଁ ଫିଲ୍ମର ସ୍କ୍ରିପ୍ଟ ବଦଳିଯାଇଥିବା ରଶ୍ମିକା ପ୍ରକାଶ କରିଛନ୍ତି, ଯାହା ଫିଲ୍ମର ଫ୍ଲପ ହେବାରେ କିଛି ଅଂଶରେ ଦାୟୀ ବୋଲି ରଶ୍ମିକା ମତ ଦେଇଛନ୍ତି । ସେହିଭଳି ପୂର୍ବରୁ ଫିଲ୍ମର ନିର୍ଦ୍ଦେଶକ ମୁରୁଗଦାସ ଫିଲ୍ମର ଭାଷା ଓ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ସଲମାନ ଖାନଙ୍କୁ ଏଥିପାଇଁ ଦାୟୀ କରିଥିଲେ । ସେ ନିଜର ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ କି ବଡ ଷ୍ଟାରଙ୍କ ସହିତ କାମ କରିବା ସହଜ ନୁହେଁ । ଦିନର ସୁଟିଂ ରାତିରେ କରିବାକୁ ହୋଇଥାଏ । ସବୁବେଳେ ଷ୍ଟାରଙ୍କ ଟାଇମିଂ ହିସାବରେ ସୁଟିଂ ଆଡଜଷ୍ଟ କରିବାକୁ ହୋଇଥାଏ।

## ସୋସିଆଲ ମିଡିଆର ସକାରାତ୍ମକତା

ବର୍ତ୍ତମାନ ସୋସିଆଲ ମିଡିଆର କ୍ରେଜ ଢେର ଅଧିକା । ବିଭିନ୍ନ ଭିଡିଓ ହେଉ କିମ୍ବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଅନେକ ଲୋକଙ୍କ ନିକଟରେ ପହଞ୍ଚି ପାରୁଛି । ଅନେକ ଘଟଣାରେ ସୋସିଆଲ ମିଡିଆର ସକରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି। ସେହିଭଳି ଏକ ଘଟଣା ଘଟିଥିଲା ମୁମ୍ବାଇରେ । ସୋସିଆଲ ମିଡିଆର ପ୍ରଭାବ କାରଣରୁ ମୁମ୍ବାଇର ଜଣେ ମହିଳା ନିଜର ମା'ଙ୍କୁ ୨୦ ବର୍ଷ ପରେ ଖୋଜିପାଇଛନ୍ତି । ୨୦ ବର୍ଷ ପୂର୍ବରୁ ତାଙ୍କ ମା' ଦୁବାଇ ଯାଇଥିଲେ କାମ କରିବା ପାଇଁ ହେଲେ ଏହାପରେ ଆଉ ଫେରି ନଥିଲେ। ପରିବାର ପକ୍ଷରୁ ଅନେକ ଖୋଜା ଯାଇଥିଲେ ମଧ୍ୟ କେହି ତାଙ୍କୁ ପାଇନଥିଲେ । ତେବେ ତାଙ୍କୁ ନେଇଥିବା ଏଜେଣ୍ଟ ବିରୋଧରେ ପରିବାର ପାଖେ କୌଣସି ପ୍ରମାଣ ନଥିବାରୁ ଅଭିଯୋଗ ମଧ୍ୟ ହୋଇପାରିନଥିଲା । ତେବେ ସୋସିଆଲ ମିଡିଆରେ ଏକ ଭାଇରାଲ ଭିଡିଓରୁ ସେ ଜାଣିପାରିଥିଲେ କି ତାଙ୍କ ମା' ପାକିସ୍ତାନରେ ଅଛନ୍ତି । କେବଳ ଏହି ଗୋଟିଏ ଘଟଣା ନୁହେଁ ପ୍ରତିଦିନ ଏଭଳି ଅନେକ ଭିଡିଓ ସାମନାକୁ ଆସୁଛି ଯେଉଁଥିରେ କାହାର କିଛି ନା କିଛି ସାହାଯ୍ୟ ହେଉଛି। ତେଣୁ ସୋସିଆଲ ମିଡିଆ ଯେ ସବୁବେଳେ ଖରାପ ଏହା କହିବା ଭୁଲ । ଏହାର ସଠିକ ଢଙ୍ଗରେ ବ୍ୟବହାର କରିପାରିଲେ ଏହା ଖୁବ ସାହାଯ୍ୟକାରୀ ହୋଇପାରିବ। ଏହାକୁ ବ୍ୟବହାର କରି ଏଭଳି ଅନେକ କାମ କରାଯାଇପାରିବ ଯାହା ଦିନେ ଅସମ୍ଭବ ମନେ ହେଉଥିଲା । ତେଣୁ ସୋସିଆଲ ମିଡିଆକୁ ସଠିକ ଢଙ୍ଗରେ ବ୍ୟବହାର କରି ଏହାର ସକାରାତ୍ମକତାକୁ ଉପଯୋଗ କରିବାର ଆବଶ୍ୟକତା ରହିଛି ।



## ଇତିହାସ

୧୭୮୯- ୱିଲିୟମ ହିଲ୍ ବ୍ରାଉନ୍ଙ୍କ ପୁସ୍ତକ ଦି ପାୱାର ଅଫ୍ ସିମ୍ପାଥି ବୋଷ୍ଟନରେ ଛପାଯାଇଥିଲା ।

୧୮୪୦- ୱିଲିୟମ୍ କୁକ୍ ଓ ଚାର୍ଲ୍ସ ହୁଇଲଷ୍ଟୋନ୍ଙ୍କୁ ଇଂରାଜୀ ବର୍ଣ୍ଣାକ୍ଷର ଟେଲିଗ୍ରାଫ୍‌ର ପେଟେଣ୍ଟ ଦିଆଗଲା ।

୧୮୫୩- ରସେଲ ହାବେସ୍ ଲଫାପା ମୋଡ଼ିବା ଯନ୍ତ୍ରର ପେଟେଣ୍ଟ କରାଇଲେ।

୧୯୪୩- ଜ୍ଞାନପୀଠ, ପଦ୍ମଭୂଷଣ, ପଦ୍ମଶ୍ରୀ ପୁରସ୍କାର ପାଇଥିବା ଓଡ଼ିଆ ଭାଷାର ପ୍ରସିଦ୍ଧ ଲେଖିକା ପ୍ରତିଭା ରାୟଙ୍କ ଜନ୍ମ ।

୧୯୪୫- ପ୍ରଖ୍ୟାତ ଓକିଲ ଓ ସ୍ୱତନ୍ତ୍ରତା ସେନାନୀ ରାସବିହାରୀ ବୋଷଙ୍କ ପରଲୋକ ।

୧୯୫୮- କପିରାଇଟ୍ ଆକ୍ଟ ଲାଗୁ ହେଲା ।

୧୯୫୯- ପ୍ରସିଦ୍ଧ ଭାରତୀୟ ବୈଜ୍ଞାନିକ ଜ୍ଞାନଚନ୍ଦ୍ର ଘୋଷଙ୍କ ଦେହାନ୍ତ ।

୧୯୯୬- ଇଣ୍ଡୋନେସିଆର ସୁମାତ୍ରା ତଟ ନିକଟରେ ଯାତ୍ରୀବାହୀ ଡଙ୍ଗା ବୁଡ଼ିବା କାରଣରୁ ୪୦୦ ଲୋକଙ୍କ ମୃତ୍ୟୁ ।

୨୦୦୯- କର୍ଣ୍ଣାଟକର ବିଦରରେ ବାୟୁସେନାର ଏକ ପ୍ରଶିକ୍ଷଣ ବିମାନ "ସୂର୍ଯ୍ୟକିରଣ' ଦୁର୍ଘଟଣାଗ୍ରସ୍ତ ହେଲା ।

## ମାଘମାସ ଶୁକ୍ଳପକ୍ଷ, ତୃତୀୟା ୨୧.୧.୨୦୨୬ ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ମେଷ- କର୍ମକୁ ନେଇ ଚିନ୍ତିତ, ଶରୀର ସୁସ୍ଥ, ବ୍ୟବସାୟରେ ମାନ୍ଦାବସ୍ଥା, ଆର୍ଥିକ ସମସ୍ୟା, ସମ୍ପର୍କହୀନ, ଶତ୍ରୁ ସମସ୍ୟା, ସୁସମାଚାର ମିଳିବ, ଉଚ୍ଚବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ, ଗୃହ ଜଞ୍ଜାଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା- ମା ଭୈରବଲକ୍ଷ୍ମୀ ।

ବୃଷ- ଧର୍ମକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଆର୍ଥିକ ଲାଭ, ମାନସିକ ଅବସାଦ, ଋଣପରିଶୋଧ, ଶତ୍ରୁ ରହିବେ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ଖୁସି, ସନ୍ତାନ ସମସ୍ୟା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ପ୍ରଭୁ ହନୁମାନ ।

ମିଥୁନ- ସମ୍ମାନ ପ୍ରତିଷ୍ଠା, ଶରୀର ସୁସ୍ଥ, ଯାନ୍ତ୍ରିକ ସମସ୍ୟା, ଅର୍ଥକୁ ନେଇ ବିଷାଦ, ଭୂସମ୍ପତ୍ତି ଲାଭ, ଧାର୍ମିକ ଅନୁଷ୍ଠାନରୁ ଲାଭ, ଲୋକସମ୍ପର୍କରେ ଉନ୍ନତି, କାର୍ଯ୍ୟକ୍ଷେତ୍ରରେ ଅଳ୍ପ ସନ୍ତୋଷ, ଶତ୍ରୁ ସମସ୍ୟା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୧୧, ଆରାଧନା- ଭଗବାନ ବିଷ୍ଣୁ ।

କର୍କଟ- ଶତ୍ରୁବୃଦ୍ଧି, ଗୃହରେ ଶୁଭ ଆଲୋଚନା, ମୋକଦ୍ଦମାରେ ପଡ଼ିପାରନ୍ତି, ନୂତନ କାର୍ଯ୍ୟରେ ଲାଭ, ଋଣ ପରିଶୋଧ, ଦାମ୍ପତ୍ୟ ସୁଖ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସାକ୍ଷାତ, ବ୍ୟବସାୟରେ ଉନ୍ନତି, ବିଦ୍ୟାଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

ସିଂହ- ସଫଳତା, ଉଚ୍ଚଆଶା ପୂର୍ଣ୍ଣ, ବାଣିଜ୍ୟରେ ଉନ୍ନତି, ଅର୍ଥସମସ୍ୟା ସମାଧାନ, ପାରିବାରିକ ସହଯୋଗ, ବିବାଦମୁକ୍ତ, ଭୂସମ୍ପତ୍ତି କ୍ରୟ, ବିଶିଷ୍ଟ କାର୍ଯ୍ୟରେ ଖୁସି, ଦୂରଯାତ୍ରା, ଲୋକସମ୍ପର୍କରେ ଉନ୍ନତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା ଭଗବତୀ ।

କନ୍ୟା- ମାନସିକ ଶାନ୍ତି, କର୍ମକ୍ଷେତ୍ରେ ସମସ୍ୟା, ଶତ୍ରୁ ଦେଖାଦେବେ, ଜମିଜମା ଗଣ୍ଡଗୋଳ, ପାରିବାରିକ ଶାନ୍ତି, ଦାମ୍ପତ୍ୟ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିବାଦିତ ହେବେ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୧, ଆରାଧନା- ମା ଦକ୍ଷିଣକାଳୀ ।

ତୁଳା- ପଦୋନ୍ନତି, କାର୍ଯ୍ୟ ସଫଳ, ଶତ୍ରୁ ପରାଜିତ, ବାଣିଜ୍ୟରେ ଲାଭ, ଅର୍ଥସମସ୍ୟା ସମାଧାନ, ଗୃହରେ ଶାନ୍ତି, ଅତିଥିଚର୍ଚ୍ଚା, ବିବାଦ ସମାଧାନ, ସୁମିଷ୍ଟ ଭୋଜନ, ପୁରାତନ ରୋଗରୁ ମୁକ୍ତି, ସନ୍ତାନସ୍ନେହ, ବିଶାଖା, ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୮, ଆରାଧନା- ମା ବସନ୍ତେଇ ।

ବିଛା- କାର୍ଯ୍ୟସିଦ୍ଧି, ସମ୍ମାନ ଲାଭ, ସୁମିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସମସ୍ୟା ସମାଧାନ, କିଛି ଦ୍ରବ୍ୟ କ୍ରୟ, ବିବାଦ ସମାଧାନ, ସନ୍ତାନ ଖୁସି, ପାରିବାରିକ ସହଯୋଗ, ଉଚ୍ଚଆଶାରେ ସାମାନ୍ୟ ଲାଭ, ଶତ୍ରୁ ପରାଜିତ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ- ଅପ୍ରିତିକର ପରିସ୍ଥିତି, ଲୋକସମ୍ପର୍କ, ସାମାଜିକ କାର୍ଯ୍ୟରେ ଖୁସି, ଯାନ୍ତ୍ରିକ ସମସ୍ୟା, ଜମିଜମା ଗଣ୍ଡଗୋଳ, ପଦବୀ ଲାଭ, ଶତ୍ରୁ ସମସ୍ୟା, ଅର୍ଥ ଲାଭ, ପାରିବାରିକ ଖୁସି, ନୂତନ ବାଣିଜ୍ୟ ଆରମ୍ଭ, ସ୍ତ୍ରୀ ସହଯୋଗ, ବିଦ୍ୟାରେ ସଫଳତା, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୬, ଆରାଧନା- ପିତାମାତାଙ୍କ ସେବା ।

ମକର-ମନସ୍ତାପ, କିଛି କାର୍ଯ୍ୟରେ ବାଧା, ମାଲିମୋକଦ୍ଦମାରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଖର୍ଚ୍ଚାନ୍ତ, ଯାନବାହନ ସମସ୍ୟା, ନୂତନ କର୍ମାରମ୍ଭ, ସାମାଜିକ ପ୍ରତିଷ୍ଠାରେ ବିରୋଧ, ବିଦ୍ୟାରେ ଉନ୍ନତି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୧, ଆରାଧନା- ଲୋକନାଥ ।

କୁମ୍ଭ-ଦ୍ରବ୍ୟ ପ୍ରାପ୍ତି, ନୂତନ ନିଯୁକ୍ତି, ଦୂରଯାତ୍ରାରେ ଖୁସି, ପିଲାଙ୍କ ସମସ୍ୟା ସମାଧାନ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସାକ୍ଷାତ, ଲୋକସମ୍ପର୍କରେ ଉନ୍ନତି, କିଛି ଦ୍ରବ୍ୟ କ୍ରୟ, ଆର୍ଥିକ ଲାଭ, ଗଣ୍ଡଗୋଳ ସମାଧାନ, ବନ୍ଧୁଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା- ଗାଈକୁ ଖାଇବାକୁ ଦିଅନ୍ତୁ ।



ମୀନ- ଖର୍ଚ୍ଚପ୍ରତି ଆଗ୍ରହ, ମାନସମ୍ମାନ ପ୍ରାପ୍ତି, ଶତ୍ରୁ ଲାଗିରହିବେ, ଶରୀର ସୁସ୍ଥ, ବ୍ୟବସାୟରେ ଲାଭ, ଦେବଦର୍ଶନ, ପାରିବାରିକ ଅଶାନ୍ତି, ଯାନବାହନ ପ୍ରତି ସତର୍କ, ବିଦ୍ୟାରେ ଉନ୍ନତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା- ମା ବଗଳାମୁଖୀ ।

### ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଆମ ବସ୍ ସେବାର ସମୀକ୍ଷା

# ଆମ ବସ୍ ଚଳାଇବେ ମହିଳା ଡ୍ରାଇଭର : ପୁନେରେ ଦିଆଯିବ ତାଲିମ

ଭୁବନେଶ୍ୱର (ସବ୍ୟୁ): କ୍ରୁଟ୍ ଆମ ବସ୍ ସେବାକୁ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ। ଏହି ସମୀକ୍ଷା ବୈଠକରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ ବିଶ୍ୱାଳ, ମହା ପ୍ରବନ୍ଧକ ଶ୍ରୀ ସହଦେବ ସମଧିଆ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ସୁଶ୍ରୀ ପଲ୍ଲବୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯେଉଁଠି କ୍ରୁଟ୍ କାର୍ଯ୍ୟ ପଦ୍ଧତି ଓ ଆମ ବସ୍ ସେବା ଅନ୍ତର୍ଗତ ବିଭିନ୍ନ ଗଠନମୂଳକ ପଦକ୍ଷେପ ଉପରେ ଆଲୋଚନା କରଯାଇଥିଲା। ସାଧାରଣତଃ କୌଣସି ଦୁର୍ଘଟଣାର ପ୍ରମୁଖ କାରଣ ମଦ୍ୟପାନ ହୋଇଥାଇପାରେ ବୋଲି ଅନୁମାନ କରାଯାଇଥାଏ। ଏନେଇ ଆମ ବସ୍ ଚାଳନା କରୁଥିବା ସମସ୍ତ



ଚାଳକଙ୍କୁ ମଦ୍ୟପାନ ଯାଞ୍ଚ କରିବା ବାଧ୍ୟତାମୂଳକ କରଯାଇଥିଲା। ଶେଷ ଗୋଟିଏ ବର୍ଷରେ ଏକ ଲକ୍ଷ ୯୭ ହଜାର ଥର ମଦ୍ୟପାନ ଯାଞ୍ଚ ହୋଇଛି। ବସ୍ ଟ୍ରିପ୍ ଆରମ୍ଭ ଓ ଶେଷ ସମୟରେ ଏବଂ ଦିନର ଅତର୍କିତ ଭାବେ ନିୟମିତ ଯାଞ୍ଚ ଜାରି ରହିଛି। ସେ ମଧ୍ୟରୁ ଏକ ବର୍ଷ ମଧ୍ୟରେ ୧୯ ଜଣ ମଦ୍ୟପାନ କରିଥିବାର ଜଣା ପଡ଼ିଥିଲେ। ଯେଉଁମାନଙ୍କୁ ପୁଲିସ୍ ଗିରଫ ସହିତ ଆଇନ ଅନୁଯାୟୀ ତିନିମାସ ପାଇଁ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବାକୁ ନିକଟସ୍ଥ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚାଳକମାନଙ୍କ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି।

ଆଗାମୀ ଦିନରେ ରାଜ୍ୟରେ ମହିଳା ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ଓ ସାମ୍ପ୍ରତିକ ପରିସ୍ଥିତିରେ ଜନ ପରିବହନର ବିଶେଷ ଚାହିଦାକୁ ଲକ୍ଷ୍ୟ କରି ଶ୍ରୀ ମହାପାତ୍ର ମହିଳା ଚାଳକଙ୍କ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଜାନୁଆରୀ ୩୧ ତାରିଖରେ କ୍ରୁଟ୍ ପକ୍ଷରୁ ୨୦ ଜଣ ମହିଳା ଇ-ବସ୍ ଚାଳନା ତାଲିମ ନିମନ୍ତେ ପୁନେ ଯାତ୍ରା କରିବେ। ଭାରତର ପ୍ରଥମ ସରକାରୀ ଜନ ପରିବହନ ସଂସ୍ଥା ଭାବେ କ୍ରୁଟ୍ ଦୁର୍ଘଟଣା ଗ୍ରସ୍ତ ପରିବାରକୁ ତୁରନ୍ତ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ସହିତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରଙ୍କ ଭରଣପୋଷଣ ନିମନ୍ତେ ୪ କୋଟିରୁ ଅଧିକ ଟଙ୍କାର ବୀମା ରାଶି ପ୍ରଦାନ କରିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଖୁବ୍ ଶୀଘ୍ର କ୍ରୁଟ ଡିପୋ ପରିସରରେ ନିଜର ତାଲିମ୍ ଅନୁଷ୍ଠାନ ନିର୍ମାଣ ହେବ। ଯେଉଁଠି ବ୍ୟବହାରିକ, ଆଚରଣଗତ ପ୍ରଶିକ୍ଷଣ ସହିତ ଟ୍ରାଫିକ ନୀୟମ ଓ ଲେନ୍ ଡ୍ରାଇଭିଂ ଭଳି ଅନେଗୁଡ଼ିଏ ଦିଗରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ। ସେଭଳି ମନ୍ତ୍ରୀ ବାରିପଦା, କେନ୍ଦୁଝର, ଅନୁଗୁଳରେ ଆମ ବସ୍ ଚଳାଚଳକୁ ନେଇ ଆରମ୍ଭ ହୋଇଯାଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ପ୍ରଦାନ କରିଛନ୍ତି।

### ଯୋରନ୍ଦା ମହିମା ମନ୍ଦିରର ଉନ୍ନତିକରଣ ନେଇ ଆଲୋଚନା

# ନିର୍ମାଣ ହେବ ସୁଉଚ୍ଚ ଭବ୍ୟ ମନ୍ଦିର, ପାରିପାର୍ଶ୍ୱିକ ଅଞ୍ଚଳର ହେବ ବିକାଶ

ଭୁବନେଶ୍ୱର(ସବ୍ୟୁ): ସାଧାରଣ ଜୀବନ, ସମାନତା ଏବଂ ବିଶ୍ୱବାସୀଙ୍କ ମଙ୍ଗଳରେ ବିଶ୍ୱାସ ରଖୁଥିବା ମହିମା ଧର୍ମର ପ୍ରମୁଖ ପୀଠ ତଥା ଯୋରନ୍ଦାସ୍ଥିତ ମହିମା ମନ୍ଦିରର ସର୍ବାଙ୍ଗୀନ ଉନ୍ନତିକରଣ ନେଇ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମହିମା ମନ୍ଦିର ବା ଶୂନ୍ୟ ମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା'ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥିସହିତ ମନ୍ଦିର ପରିସରରେ ଥିବା ଅଖଣ୍ଡ ଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତିକରଣ ନେଇ ଆଲୋଚନା ହୋଇଥିଲା । ବୈଠକରେ ରୋଷଘର, ଯାତ୍ରୀ ନିବାସ, ପାର୍କିଂ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ମହିମା ପୀଠର ସର୍ବାଙ୍ଗୀନ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ତାହାର ସଠିକ୍ ଅନୁପାଳନ ସହ ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀମାନଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଛି ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ମୁଖ୍ୟ ସଚିବଙ୍କୁ ସୂଚନା ଦେଇଥିଲେ । ୩ ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଗ ପ୍ରଦାନ କରିବ । ଏହି ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ



ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବାବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ ।

### ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ

# କଟକ ସ୍ଥିତ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ

ଭୁବନେଶ୍ୱର, (ସବ୍ୟୁ): ଭାରତର ଉପରାଷ୍ଟ୍ରପତି ସି ପି ରାଧାକ୍ରିଷ୍ଣନ ଆଗାମୀ ଜାନୁଆରୀ ୨୩ ତାରିଖରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ସେଦିନ ଉପରାଷ୍ଟ୍ରପତି ନେତାଜୀ



ସୁଭାଷ ଚନ୍ଦ୍ର ବୋଷ ଙ୍କ ଜୟନ୍ତୀ ବା ପରାକ୍ରମ ଦିବସ ଉପଲକ୍ଷେ କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ । ଏହି ଅବସରରେ ଉପ ରାଷ୍ଟ୍ରପତି ନିକଟସ୍ଥ ଜିଲ୍ଲା ସଂସ୍କୃତି ଭବନ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଉପ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୂଚାରୁରୂପେ ପରିଚାଳନା କରିବା ପାଇଁ ଆଜି ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକ ସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉ ପ ରାଷ୍ଟ୍ରପତି ସେଦିନ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ନୂଆ ଦିଲ୍ଲୀ ରୁ ବାହାରି

#### ଜିଲ୍ଲା ସଂସ୍କୃତି ଭବନ କରିବେ ଉଦ୍‌ଘାଟନ

ଭୁବନେଶ୍ୱର ବିମାନ ବନ୍ଦରରେ ସକାଳ ୮. ୫୦ ରେ ପହଁଚିବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ସେ ସଡ଼କ ପଥରେ କଟକ ଯାତ୍ରା କରି ୯. ୩୫ ସୁଦ୍ଧା ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳ ଯରେ ପହଁଚି ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଭୁବନେଶ୍ୱର ପ୍ରତ୍ୟା ବର୍ତ୍ତନ କରି ଲୋକ ଭବନରେ ମଧ୍ୟାହ୍ନ ଭୋଜନ କରିବେ । ଅପରାହ୍ଣ ୨ଟା ସୁଦ୍ଧା ମାନ୍ୟବର ଉପରାଷ୍ଟପତି ଭୁବନେଶ୍ୱର ବିମାନ ବନ୍ଦରରୁ କୋଲକାତା ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ, ଖଣି ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ଅନ୍ୟ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ କ୍ଷ ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ । ୱାଇ ବି ଖୁରାନିଆ, ପୁଲିସ କମିଶନର ଏସ ଦେବଦତ୍ତ ସିଂ, ଜିଲ୍ଲାପାଳ, କଟକ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମଦ ପିଇବାକୁ ନେଇ ଗୋଷ୍ଠୀ ସଂଘର୍ଷ,୩ ଗିରଫ

ବାରଙ୍ଗ , (ସବ୍ୟୁ): ସୋମବାର ରାତିରେ ଗୋଡିସାହି ଫାଣ୍ଡି ଅଧୀନସ୍ଥରେ ଥିବା ମଦ ଦୋକାନ ଆଗରେ ମଦ ପିଇବାକୁ ନେଇ ହୋଇଥିବା ଗୋଷ୍ଠି ସଂଘର୍ଷ ଘଟଣା ରେ ପୋଲିସ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛିଛ ଗିରଫ ହୋଇଥିବା ଯୁବକ ଉକ୍ତ ଥାନା ଗଡାଗଡ ଗ୍ରାମରଜଗନ ଓରଫ ସତ୍ୟବ୍ରତ ରାଉତ, ଗୁଡୁ ଓରଫ ସନ୍ଦୀପ ପ୍ରହରାଜ ଓ ନନ୍ଦନକାନନ ଥାନା ଗଣ୍ଡରପୁର ଗ୍ରାମର ଚିକୁନ ଓରଫ ସୁମନ ପଢିହାରି ବୋଲି ସୂଚନା ମିଳିଛି । ସୋମବାର ରାତିରେ ସିଡିଏ ଅଂଚଳର କିଛି ଯୁବକ ବାରଙ୍ଗ ଥାନା ଅଧୀନସ୍ଥ ଷ,,ପୁର ନିକଟସ୍ଥ ଏକ ମଦଦୋକାନ ଆଗରେ ମଦ ପିଉଥିଲେ । ଏହି ସମୟରେ ସେଠାରେ ମଦ ପିଉଥିବା ସ୍ଥାନୀୟ ଗ୍ରାମର କିଛି ଯୁବକଙ୍କ ସହ କୌଣସି କାରଣରୁ ନେଇ ପାଟିତୁଣ୍ଡ ଆରମ୍ଭ ହୋଇଥିଲା ।ଏହିଖବର ପାଇ ସ୍ଥାନୀୟ ଗ୍ରାମର କିଛି ଯୁବକ ପହଞ୍ଚିବାରୁ ଏହା ଗୋଷ୍ଠି ସଂଘର୍ଷର ରୂପ ନେଇଥିଲା । ଏଥିରେ ସିଡିଏ ଅଞ୍ଚଳ ର ରାଜେଶ୍ ପଣ୍ଡା ଓ ବିସ୍ମୟ ସଙ୍କି ନାମକ ୨ଜଣ ଯୁବକ ଆହତ ହୋଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଉଭୟ ଗୋଷ୍ଠି ଫେରାର ହୋଇଯାଇଥିଲେ ।ପୋଲିସ ଆହତଙ୍କୁ ଚିକିତ୍ସାପାଇ ଡାକ୍ତରଖାନାଙ୍କୁ ପଠାଇ ସିସି କ୍ୟାମେରା ଆଧାରରେ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲେ ।

# ଯାତ୍ରୀ ଭିଡ଼କୁ ଦୂର କରିବା ପାଇଁ ଅତିରିକ୍ତ କୋଚ ସଂଯୋଗ

ଭୁବନେଶ୍ୱର, (ସବ୍ୟୁ): ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ତେଜସ ରାଜଧାନୀ ଏକ୍ସପ୍ରେସ ସମେତ କିଛି ଏକ୍ସପ୍ରେସ ଟ୍ରେନରେ



ଅସ୍ଥାୟୀ ଭାବରେ କୋଚ୍ ବୃଦ୍ଧି କରିଛି। ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ ରାଜଧାନୀ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୨୨୮୨୩) ରେ, ୨୩ ଜାନୁଆରୀ ୨୦୨୬ ଦିନ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ସେହିପରି, ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ ରାଜଧାନୀ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୨୨୮୨୪) ରେ , ୨୪ ଜାନୁଆରୀ ୨୦୨୬ ଦିନ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ।

ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୧୮୪୪୭) ରେ, ୨୪ ଜାନୁଆରୀ ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ, ଯାହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ । ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୮୪୪୮) ରେ, ୨୫ ଜାନୁଆରୀରୁ ୧ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ କ୍ଲାସ କୋଚ୍ ସଂଯୋଗ କରାଯିବ। ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୨୨୭୮) ରେ, ୨୨ ଜାନୁଆରୀରୁ ୨୭ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ (ଟ୍ରେନ ନମ୍ବର ୧୨୨୭୭) ରେ, ୨୨ ଜାନୁଆରୀରୁ ୨୭ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର କୋଚ୍ ସଂଯୋଗ କରାଯିବ। ପୂର୍ବ ତଟ ରେଳପଥ ଆବଶ୍ୟକ ସ୍ଥାନରେ କୋଚ୍ ସଂଯୋଗ କରି ଏବଂବ୍ୟସ୍ତବହୁଳ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରି ଯାତ୍ରୀ ସୁବିଧା ବୃଦ୍ଧି କରିବାକୁ ପ୍ରତିବଦ୍ଧ। ଯାତ୍ରୀମାନେ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିପାରିବେ ଏବଂ ବର୍ଦ୍ଧିତ ସୁବିଧାର ଲାଭ ଉଠାଇପାରିବେ।

### ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ସମୀକ୍ଷା

# ବିଭାଗୀୟ ଖର୍ଚ୍ଚ, ବିନିଯୋଗ ପତ୍ର ଦାଖଲ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର(ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଭାଗର ବିଭିନ୍ନ କାର୍ଯ୍ୟାଧାରା ଉପରେ ବିସ୍ତୃତ ଆଲୋଚନା ହୋଇଛି । ଜନ ସାଧାରଣଙ୍କୁ ଠିକଣା ସମୟରେ ସେବା ଯୋଗାଇ ଦେବା ସହ ପ୍ରତ୍ୟେକ ଅଭିଯୋଗର ତ୍ୱରିତ ସମାଧାନ କରିବା ଉପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର



ସିଂ ଗୁରୁତ୍ୱାରୋପ କରିଥିଲେ । ସେହିଭଳି ବଜେଟରେ ବ୍ୟବସ୍ଥିତ ଅର୍ଥର ସଠିକ ବିନିଯୋଗ କରିବା ଉପରେ ସେ ପରାମର୍ଶ ଦେଇଥିଲେ । ଏଥିପାଇଁ ବିତ୍ତୀୟ ଶୃଙ୍ଖଳା ଅନୁପାଳନ ସହ ପ୍ରତ୍ୟେକ ଖର୍ଚ୍ଚର ବିବରଣୀ ସଠିକ ଭାବେ ରଖିବା ସହିତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ଏ ଦିଗରେ ଉଚିତ ପରାମର୍ଶ ଦେବା ପାଇଁ ସେ ସମ୍ପୃକ୍ତ ବିତ୍ତ ପରାମର୍ଶଦାତା ଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦବ୍ୟତୀତ ପ୍ରତ୍ୟେକ ଆବଣ୍ଟିତ ଖର୍ଚ୍ଚରୟୁଟିଲାଇଜେସନ ସାର୍ଟିଫିକେଟ ତଥା ବିନିଯୋଗ ପତ୍ର ଠିକ୍ ସମୟରେ ଦାଖଲ କରିବା ପାଇଁ ସେ କହିଥିଲେ । ଏହାଦ୍ୱାରା ଅନେକାଂଶ ସମୟରେ ସମ୍ପୃକ୍ତ ଖର୍ଚ୍ଚର ସଠିକ ହିସାବ ଉପଲବ୍ଧ ହୋଇପାରିବ । ଆବଶ୍ୟକସ୍ଥଳେ ଜିଲ୍ଲାସ୍ତରୀରେ ଅଧିକାରୀ ମାନଙ୍କ ସହ ସମନ୍ୱୟ ରଖି ଏ ଦିଗରେ କାର୍ଯ୍ୟ କରିବାକୁ ଶ୍ରୀ ସିଂ କହିଥିଲେ । ଉକ୍ତ ବୈଠକରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରାଉନସୁଗର ଜବତ; ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ସଦର ଥାନା ପୁଲିସ ବଙ୍ଗିଦା ଖେଳ ପଡିଆ ନିକଟରୁ ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛନ୍ତି । ଗିରଫ ଦ୍ୱୟ ହେଲେ ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଟକଟା ବେହେରାସାହି ର ସନ୍ତୋଷ ଦାସ (୨୭) ଏବଂ ବାଲିସାହି ହରିଜନବସ୍ତି ର ବିଶ୍ୱଜିତ ନାୟକ (୧୮)। ସେମାନଙ୍କ ଠାରୁ ପୁଲିସ ୨୦.୫୩ଗ୍ରାମ ବ୍ରାଉନସୁଗର, ଦୁଇଟି ମୋବାଇଲ ଫୋନ୍ ଏବଂ ଓଡି୧୩ଡବ୍ଲୁ - ୧୧୨୧ ନଂ ବିଶିଷ୍ଟ ଏକ ପଲସର ବାଇକ କୁ ଜବତ କରିଛି। ମଙ୍ଗଳବାର ବଙ୍ଗିଦା ଖେଳ ପଡିଆ ନିକଟରେ ବ୍ରାଉନସୁଗର କାରବାର ହେଉଥିବା ବିଶେଷ ସୂତ୍ରରୁ ପୁଲିସ ଜାଣିବାକୁ ପାଇଲା। ସେମାନଙ୍କୁ ଧରିବା ଲାଗି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନାହାର ପ୍ରଧାନ ଓ ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଆଜି ଏସଆଇ ଜୟନ୍ତ ଭଟ୍ଟ ଙ୍କ ନେତୃତ୍ୱରେ ବଙ୍ଗିଦା ଖେଳ ପଡିଆ ନିକଟରେ ଅପରାହ୍ନ ସାଢେ ୪ଟାରେ ଚଢଉ କରି ଦୁଇଜଣଙ୍କୁ ଗିରଫ କରିଥିଲେ। ବେଆଇନ୍ ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ଗିରଫ ଦ୍ୱୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

# ୨୪ ଘଣ୍ଟା ପରେ ବି ଗୁଳିମାଡର କାରଣ ଅସ୍ପଷ୍ଟ : ୩ ଅଟକ

## ମାଷ୍ଟର ମାଇଣ୍ଡ ନିକଟରେ ପହଞ୍ଚିପାରିନି ପୁଲିସ

ଖୋର୍ଦ୍ଧା, (ସବ୍ୟୁ): ଗତକାଲି ରାତିରେ ବେଗୁନିଆ ଥାନା ଅନ୍ତର୍ଗତ ଦଲକ ଜାମୁସାହି ଅଂଚଳରେ ଗୁଳିମାଡରେ ଜାମୁସାହି ର ବାସୁଦେବ ପରିଡା ଓରଫ୍ ଟୁଟୁ ହତ୍ୟା ଘଟଣାକୁ ୨୪ଘଂଟା ପରେ ବି ଗୁଳିମାଡ ର କାରଣ ସ୍ପଷ୍ଟ ହୋଇନି। ଘଟଣାସ୍ଥଳରେ ପୁଲିସର ଏକ ଟିମ୍ ଓ ବିଭିନ୍ନ ଅଂଚଳରେ ପୁଲିସର ଦୁଇଟି ଟିମ୍ ଚଢଉ ଜାରୀ ରଖିଛନ୍ତି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଏଥିରେ ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବାସୁଦେବଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ରେ ଗତକାଲି ରାତିରୁ ମୃତ ଦେହ ରଖାଯାଇଥିଲା। ଖୋର୍ଦ୍ଧାରେ ମୃତ ଶରୀର ର ଏକ୍ସରେ ଆଜି କରାଯାଇଥିଲା।ଏକ୍ସରେ ରେ ଛାତି ଓ ମୁଣ୍ଡ (ସ୍କଲ)ରେ ଗୁଳି ରହିଥିବା ଜଣାପଡିବା ପରେ ଶବ ବ୍ୟବଚ୍ଛେଦ ଲାଗି ଏମ୍ସ କୁ ପଠାଯାଇଥିଲା। ଖୋର୍ଦ୍ଧାର ଜଣେ ଡାକ୍ତରଙ୍କ ସମେତ ଏମ୍ସ ର ଜଣେ ବିଶେଷଜ୍ଞଙ୍କୁ ନେଇ ଦୁଇଜଣିଆ ଟିମ୍ ଶବ ବ୍ୟବଚ୍ଛେଦ କରିଥିଲେ। ଗୁଳି ଦୁଇଟି କୁ ପୁଲିସ ଜବତ କରିଥିବାବେଳେ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ପୁଲିସ ହସ୍ତାନ୍ତର କରିଛି।

ପ୍ରକାଶ ଥାଉକି, ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଦଳକ ରାସ୍ତାରେ ରେ ଘଟିଥିବା ଗୁଳିକାଣ୍ଡ ଘଟଣା ରେ ନିର୍ଦ୍ଦିଷ୍ଟ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ତଥାପି ବେଆଇନ୍ ଖଣି ଅଥବା ପୂର୍ବ ଶତୃତା କାରଣରୁ ଗୁଳିମାଡ ହୋଇଥିବା କୁହାଯାଉଛି। ମୃତ ବାସୁଦେବ ସ୍ଥାନୀୟ ଅଂଚଳ ରେ ଖଣି ବ୍ୟବସାୟ କରେ। ଗତକାଲି ସନ୍ଧ୍ୟା ରେ ସେ ଶୌଚ ହେବାକୁ ଯାଇଥିବା ବେଳେ ଚାରି ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍ ରେ ଆସି ଅତି ନିକଟ ରୁ ଫାୟାରିଂ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବାସୁଦେବକୁ ଖୋର୍ଦ୍ଧା ମେଡିକାଲ ଅଣାଯାଇଥିଲା ।ଖୋର୍ଦ୍ଧା ମେଡିକାଲ ରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ବୃତ୍ତ ମାନେ ଏକ ବୁଲେଟ ରେ ଆସି ଫାୟରିଂ କରି ଫେରାର ହୋଇଯାଇଛନ୍ତି। ଘଟଣା ସ୍ଥଳ ରେ ବୁଲେଟ (ନଂ-ଓଡି-୩୩ଏକ୍ୟୁ-୯୯୮୬)କୁ ଛାଡ଼ି ଯାଇଥିଲେ। ଘଟଣାସ୍ଥଳ ରୁ ପୁଲିସ ଖୋକା ଓ ବୁଲେଟ୍ କୁ ଜବତ କରିଛି। ପୋଲିସ ଅପରାଧୀ ଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ରେଡ କରିଛି। ଏସପି ଙ୍କ ନିର୍ଦ୍ଦେଶ ରେ ତିନୋଟି କମିଟି ଗଠନ କରାଯାଇ ବିଭିନ୍ନ ସ୍ଥାନ ରେ ରେଡ କରାଯାଇଛି। ୨୪ଘଂଟା ପରେ ବି ପୁଲିସ ଆସାମୀ ନିକଟରେ ପହଁଚି ପାରିନଥିବାବେଳେ ପୁଲିସ ର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ଉଠାଇଲେଣି ସାଧାରଣ ଜନତା।

## ରାଜ୍ୟ ଶିଶୁସୁରକ୍ଷା ଆୟୋଗର ଅଧ୍ୟକ୍ଷାଙ୍କ ଟାଙ୍ଗୀ-ଚୌଦ୍ୱାର ଗସ୍ତ

ଚୌଦ୍ୱାର, (ସ.ବ୍ୟୁ.) : ଓଡ଼ିଶା ରାଜ୍ୟ ଶିଶୁସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା ଚନ୍ଦନା ଦାସ ଓ ତାଙ୍କ ଟିମ୍ ଆଜି କଟକ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ପଂଚାୟତରେ ଥିବା ଆଦିବାସୀ ବସ୍ତି, ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁ ଦେଖାଶୁଣା କେନ୍ଦ୍ର ଓ ବ୍ଲକ୍‌କୁ ଶିଶୁମାନଙ୍କ ପାଇଁ ଯାଉଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ପରିଦର୍ଶନ କରିଥିଲେ । ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଦିଗରେ ସରକାରଙ୍କ ଯୋଜନା ଆଧାରରେ ଏହା କେନ୍ଦ୍ରର କାର୍ଯ୍ୟକାରୀ ହେଉଛି ତାହା ଜାଣିବା ପାଇଁ ଏହି ପରିଦର୍ଶନ କାର୍ଯ୍ୟକ୍ରମ ରହିଥିଲା । ସ୍କୁଲରେ ପାଠ ପଢୁଥିବା ପିଲାମାନେ ଅଧାରୁ ପାଠ ଛାଡ଼ିଦେବା, ସ୍କୁଲକୁ ପାଠ ପଢ଼ିବା ପାଇଁ ନ ଆସିବା, ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ଆଦି ଦିଗରେ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ତଦାରଖ କରିଥିଲେ । ଏହାସହ ଚୌଦ୍ୱାର ଠାରେ ଥିବା ଶିଶୁସଦନ ପରିସର ବୁଲିବା ସହିତ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ ।

### ପୁଣି କଟକରେ ସେକ୍ସଟର୍ସନ୍

# ବୃଦ୍ଧଙ୍କୁ ନଗ୍ନ ଭିଡିଓ ଦେଖାଇ ଲୁଟିଥିଲେ ୮୮ ଲକ୍ଷ :୫ଗିରଫ

କଟକ,(ସବ୍ୟୁ): ପୁଣି କଟକ ସହରରେ ସେକ୍ସଟର୍ସନ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ତଥା ୭୨ବର୍ଷୀୟ ବୃଦ୍ଧଙ୍କ ବ୍ୟାଙ୍କ ଜମା ଖାତାରୁ ସାଇବର ଲୁଟେରାମାନେ ୮୮ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ବୃଦ୍ଧଙ୍କୁ ନଗ୍ନ ଭିଡ଼ିଓ ଦେଖାଇ ଏଭଳି ଲୁଟ୍ କରାଯାଇଛି । ଏହି ଘଟଣାରେ ସାଇବର ଥାନା ପୁଲିସ ୫ଜଣ ସାଇବର ଅପରାଧିଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ମନୋଜ କୁମାର ଜେନା(୨୮), ପ୍ରଫୁଲ୍ଲ କୁମାର ବିଶ୍ୱାଳ(୬୫), ସଂଗ୍ରାମ ଜେନା(୨୨), ବାସୁଦେବ ରାଉତ(୨୫) ଏବଂ ମନୋରଞ୍ଜନ ରାଉତ(୬୦) । ଅଭିଯୁକ୍ତମାନେ ସମସ୍ତେ ଓଡ଼ିଆ ହୋଇଥିବା ବେଳେ ଏଥିରେ ଆନ୍ତଃରାଜ୍ୟ ସାଇବର ଲୁଟେରା ନଥିବା ସ୍ପଷ୍ଟ ହୋଇଛି । ଏମାନଙ୍କ ନିକଟରୁ ନଗଦ ୧୪ଲକ୍ଷ ୪୬୦ଟଙ୍କା, ୧୬ଟି ରୂପା ମୁଦ୍ରା, ୨ଟି ସୁନା କାନଫୁଲ, ୧ଟି ସୁନାମୁଦି, ୧ଟି ସୁନା ମଙ୍ଗଳସୂତ୍ର, ୧ଟି ସୁନା ଚେନ୍ ଏବଂ ଗୋଟିଏ ବ୍ରେସଲେଟ୍ ଜବତ କରାଯାଇଛି । ଏହାକୁ ଛାଡ଼ି ୫ଲକ୍ଷ ଟଙ୍କା ଜମାଥିବା ଗୋଟିଏ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି । ସାଇବର ଲୁଟେରାଙ୍କ ଜାମିନ୍ ଆବେଦନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ମନୋଜ ତାର ୨ଜଣ ସହଯୋଗୀଙ୍କ ସହ ମିଶି ଗତ ୨୦୨୫ ଜାନୁଆରୀ ମାସରେ ଫେସ୍‌ବୁକ ମାଧ୍ୟମରେ ସମ୍ପୃକ୍ତ ବୃଦ୍ଧଙ୍କ ସହ ଯୋଗାଯୋଗ କରିଥଲା । ବୃଦ୍ଧ ଜଣକ ଫେସବୁକ୍‌ରେ ସରକାରୀ ଚାକିରିଆ ବୋଲି ସୂଚନା ଦେଇଥିଲେ । ଯାହାକି ମନୋଜକୁ ଟଙ୍କା ଠକେଇ ପାଇଁ ଆକୃଷ୍ଟ କରିଥିଲା । ଏହା ପରେ କଟକର ରକ୍ସି ହୋଟେଲ୍, ସାଗର ହୋଟେଲ ଓ ଜଗବନ୍ଧୁ ହୋଟେଲରେ ୩ଥରରୁ ଅଧିକ ସାକ୍ଷାତ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ବୃଦ୍ଧଙ୍କ ବିଶ୍ୱାସ ଜିତିଥିଲା । ଗତ ୨୦୨୫ ମେ' ୫ତାରିଖରେ ଅଭିଯୁକ୍ତ ମନୋଜ ତାର ଚିକିତ୍ସା ନାମରେ ମିଛ କହି ଅନ୍‌ଲାଇନ୍‌ରେ ୧ଲକ୍ଷ ୪୮ ହଜାର ଟଙ୍କା ବୃଦ୍ଧଙ୍କ ଠାରୁ ନେଇଥିଲା ।୨ ମାସ ମଧ୍ୟରେ ସେ ଟଙ୍କା ଫେରାଇ ଦେଇଥିବାରୁ ବୃଦ୍ଧଙ୍କ ବିଶ୍ୱାସ ଆହୁରି ଦୃଢ଼ ହୋଇଥିଲା । ପରେ ଅଭିଯୁକ୍ତ ମନୋଜ ତା'ର ଝିଅର ଚିକିତ୍ସା ନାମରେ ପୁଣି ଟଙ୍କା ମାଗିଥିଲା । ଟଙ୍କାର ପରିମାଣ ଅଧିକ ଥିବାରୁ ବୃଦ୍ଧ ଜଣଙ୍କ ଟଙ୍କାଟିଏ ଦେବାକୁ ପ୍ରସ୍ତୁତ ନଥିଲେ । ଏହା ଜାଣିବା ପରେ ଅଭିଯୁକ୍ତ ମନୋଜ ଏକ ସୁପରିକଳ୍ପିତ ଯୋଜନା କରିଥିଲା । ତାର ସହଯୋଗୀ ପ୍ରଫୁଲ୍ଲ, ସଂଗ୍ରାମ, ବାସୁଦେବ ଓ ମନୋରଞ୍ଜନକୁ ଡାକି ବୃଦ୍ଧଙ୍କ ସମ୍ପର୍କରେ ସବୁ କଥା କହିଥିଲା । ଯେହେତୁ ମନୋଜ କୌଶଳକ୍ରମେ ବୃଦ୍ଧଙ୍କର ବ୍ୟାଙ୍କରେ ଥିବା ଜମାରାଶି ବାବଦରେ ଜାଣିଥିଲା, ତାହାକୁ ସେ ସହଯୋଗୀଙ୍କୁ ଜଣାଇଥିଲା । ଏହାପରେ ୫ଜଣ ଅଭିଯୁକ୍ତ ଠକେଇର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଯୋଜନା ମୁତାବକ ଜଣେ ମହିଳାଙ୍କୁ ବୃଦ୍ଧଙ୍କ ନିକଟତର କରାଇବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ମହିଳା ଜଣକ ବୃଦ୍ଧଙ୍କୁ ହ୍ୱାଟର୍ସଆପ୍‌ରେ ଚାଟ୍ ଆରମ୍ଭ କରିଥିଲେ । ସେଥିରେ ସେ ପ୍ରେମ ନିବେଦନ କରିବା ସହିତ ଭିଡ଼ିଓ କଲ୍ କରିବାକୁ ବୃଦ୍ଧଙ୍କୁ ନିବେଦନ କରିଥିଲେ । ଏଥିରେ ପ୍ରଲୋଭିତ ହୋଇ ବୃଦ୍ଧ ସମ୍ପୃକ୍ତ ମହିଳାଙ୍କୁ ଭିଡ଼ିଓ କଲ୍ ଆରମ୍ଭ କରିଥିଲେ । ମହିଳା ଜଣକ ନଗ୍ନ ହୋଇ ଭିଡ଼ିଓ କଲ୍ କରିବା ସମୟରେ ବୃଦ୍ଧଙ୍କୁ ନଗ୍ନ କରିବାକୁ ବାଧ୍ୟ କରିଥିଲେ । ଏସବୁକୁ ମନୋଜ ଏବଂ ତାର ୪ଜଣ ସହଯୋଗୀ ରେକର୍ଡ଼ିଂ କରି ରଖିଥିଲେ । ଏହାପରେ ଉକ୍ତ ନଗ୍ନ ଭିଡ଼ିଓ ବୃଦ୍ଧଙ୍କୁ ପଠାଇ ବ୍ଲାକ୍‌ମେଲିଂ ଆରମ୍ଭ କରି ଦେଇଥିଲେ । ଟଙ୍କା ଦିଅ ନହେଲେ ଏହି ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ କରିଦେବାକୁ ଧମକ ମଧ୍ୟ ଦେଇଥିଲେ । ବୃଦ୍ଧ ଜଣକ କୌଣସି ଉପାୟ ନପାଇ ପର୍ଯ୍ୟାୟକ୍ରମେ ଆକାଉଣ୍ଟରେ ରହିଥିବା ୮୮ଲକ୍ଷ ଟଙ୍କା ଠକଙ୍କୁ ଦେଇ ଦେଇଥିଲେ । ଏହାପରେ କୌଣସି ଉପାୟ ନପାଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ତଦନ୍ତ କରି ଆଜି ୫ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି ।

### ଚନ୍ଦକା ବଳରାମ ନିଖୋଜ ମାମଲା

# ଆଉ ଥରେ ରିମାଣ୍ଡରେ ଆସିବେ ବାନ୍ଧବୀ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦକାରେ ବ୍ୟବସାୟୀ ବଳରାମ ନିଖୋଜ ହେବାର ୭ବର୍ଷ ବିତିଯାଇଥିଲେ ମଧ୍ୟ ସେ ସମ୍ପର୍କରେ କୌଣସି ସନ୍ଧାନ ମିଳିପାରିନାହିଁ । ମାମଲା ଚପିଯାଇଥିବା ବେଳେ ଚଳିତ ମାସ ୧୪ ତାରିଖରେ ତାଙ୍କ ବାନ୍ଧବୀ ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ କେତେକ ରହସ୍ୟଜନକ ତଥ୍ୟ ପୋଲିସ ହାତରେ ଲାଗିଛି । ରିମାଣ୍ଡ ଅବଧି ମଙ୍ଗଳବାର ସରିଯାଇଥିବାରୁ ପୂର୍ବାହ୍ନରେ ରଶ୍ମିତାଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଆବଶ୍ୟକ ହେଲେ ଆଉ ଥରେ ରିମାଣ୍ଡ ଅଣାଯିବ ବୋଲି ଚନ୍ଦକା ଥାନା ଆଇଆଇସି ସମିତା ମିଶ୍ର କହିଛନ୍ତି । ଗଞ୍ଜାମ ଜିଲ୍ଲାର ବଳରାମ ସାହାଣୀ ଚନ୍ଦକା ଥାନା ଅଞ୍ଚଳରେ ସପରିବାରେ ରହି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ୨୦୧୯ ମସିହାରେ ସେ କେଉଁଆଡେ ନିଖୋଜ ହୋଇଗଲେ । ସେ ସମୟରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନିରବୀ ଯାଇଥିଲା । ଡିସିପି ଜଗମୋହନ ମିନା ପୁରୁଣା ମାମଲାର ଛାନ୍‌ଭିନ୍ କରୁଥିବାରୁ ସେହି ମାମଲାରେ ବାନ୍ଧବୀ ରଶ୍ମିତାଙ୍କୁ ଗିରଫ କରାଯାଇଥିଲା । ବଳରାମଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ରଶ୍ମିତାଙ୍କୁ ଦୁଇଦିନ ରିମାଣ୍ଡ ଆଣି ଚନ୍ଦକା ଥାନାରେ ପଚରାଉଚରା କରାଗଲା । ପଚରାଉଚରାରୁ ଯେଉଁ ରହସ୍ୟଜନକ ତଥ୍ୟ ପୋଲିସ ହାତରେ ଲାଗିଛି ତାହାକୁ ଯାଞ୍ଚ କରାଯିବ । ରଶ୍ମିତା ଯାହା କହିଛନ୍ତି, ତା'ର ସତ୍ୟତା କେତେ ? ଯାଞ୍ଚ କରାଯିବା ପରେ ଆବଶ୍ୟକ ହେଲେ ରଶ୍ମିତାଙ୍କୁ ଆଉଥରେ ରିମାଣ୍ଡରେ ଆଣି ବଳରାମଙ୍କ ସମ୍ପର୍କରେ ବିସ୍ତୃତ ଜେରା କରାଯିବ । କାରଣ ଡେଲଟାରେ ବଳରାମ ରଶ୍ମିତା ସ୍ୱାଇଁଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ । ବଳରାମ ସନ୍ଦେହଜନକ ଭାବେ ୨୦୧୯ ମସିହାରେ କେଉଁଆଡେ ଉଭାନ ହୋଇଗଲେ ତାହା ରଶ୍ମିତା ହିଁ ଜାଣିଥିବେ । କେତେକ କଥା ପୋଲିସକୁ ସୂଚନା ଦେଇଥିବା ବେଳେ ଆଉ କେତେକ କଥା କହିନଥିବା ପୋଲିସ ସନ୍ଦେହ କରୁଛି । ବଳରାମ ଏବେ କେଉଁଠି ଅଛନ୍ତି, ଜୀବତ ନା ମୃତ ତାହା ମଧ୍ୟ ପୋଲିସ ସ୍ପଷ୍ଟ ହୋଇପାରିନାହିଁ । ରିମାଣ୍ଡ ଜେରାରୁ ମିଳିଥିବା ତଥ୍ୟକୁ ଯାଞ୍ଚ କଲେ କିଛି ରହସ୍ୟ ଉନ୍ମୋଚନ ହୋଇପାରେ ବୋଲି କୁହାଯାଉଛି ।

### ସିଆରଜେଡ୍ ଅଞ୍ଚଳରେ ବେଆଇନ ନିର୍ମାଣ ଓ ସୁରକ୍ଷା ଦାବି ନେଇ

# ପୁରୀ ଓକିଲ ସଂଘ ପକ୍ଷରୁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ଘେରାଉ

ପୁରୀ (ସବ୍ୟୁ): ବାଲୁଖଣ୍ଡ, ଅଭୟାରଣ୍ୟ, ମଧୁର ଜଳ,ସିଆରଜେଡ୍ ଅଞ୍ଚଳରେ ବେଆଇନ ନିର୍ମାଣ ଉଚ୍ଛେଦ ସହ ଉକ୍ତ ଅଞ୍ଚଳର ସୁରକ୍ଷା ଦାବୀ କରି ପୁରୀ ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ଭିଆଇପି ରୋଡ ସ୍ଥିତ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶତାଧିକ ଆଇନଜୀବୀ ବ୍ୟାନର ଓ ପ୍ଲା କାର୍ଡ ଧରି ଓକିଲ ସଂଘ କାର୍ଯ୍ୟାଳୟ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। ସେଠାରେ ଓକିଲ ସଂଘ ପକ୍ଷରୁ ମଧୁର ଜଳ ସଂରକ୍ଷଣ ତଥା ସିଆର ଜେଡ୍ ଅଞ୍ଚଳରେ ବେଆଇନ ନିର୍ମାଣ କାର୍ଯ୍ୟକୁ କଡ଼ା ବିରୋଧ କରା ଯାଇ ଥିଲା। ସିଆର ଜେଡ ଅଞ୍ଚଳରେ କୌଣସି ନିର୍ମାଣ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ କଡ଼ା ନିର୍ଦ୍ଦେଶ




ଥିବା ବେଳେ ସେଠାରେ କିପରି ନୂତନ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ, ଗ୍ରାମ୍ୟ ନ୍ୟାୟାଳୟ, ଏ ଲ ଆଇ ସି କାର୍ଯ୍ୟାଳୟ, ଆୟକର ଅଫିସ, ପେଣ୍ଟକଟା ପୁଲିସ ଫାଣ୍ଡି, ହଷ୍ଟେଲ, ଡ୍ରଗସ୍ କଣ୍ଟ୍ରୋଲର ଅଫିସ, ୱେଟସ ଆଣ୍ଡ ମେଜର ଅଫିସ, ଗ୍ରାମ୍ୟ ନ୍ୟାୟାଳୟ ପ୍ରଭୃତି ନିର୍ମାଣ ହୋଇଛି। ତାହାକୁ ପିକେଡିଏ ପ୍ଲାନ କିମ୍ବା ମ୍ୟୁନିସିପାଲଟି କର୍ତ୍ତୃପକ୍ଷ ଅନୁମତି ଦେଇଛି କି ବୋଲି ପ୍ରଶ୍ନ କରିଛି ଓକିଲ ସଂଘ। ସେହିପରି ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳରେ କୋର୍ଟ ପାଇଁ ପାଞ୍ଚ ଏକର ଜମି ସରକାର୍ କଟକଣା ଥାଇ କିପରି ଦେଇ ଦେଲେ । ସେଠାରେ ବାଉଣ୍ଡାରି ହେଲା ବେଳେ ପିକେଡିଏ ଓ ମ୍ୟୁନିସିପାଲଟି କେମିତି ରହିଲେ ଓ ନୀରବଦ୍ରଷ୍ଟା ସାଜିଲେ । ଏ ନେଇ ଓକିଲ ସଂଘ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ, ପିକେଡିଏ, ଡିଏଫଓ, ମ୍ୟୁନିସପାଲିଟୀକୁ ଚିଠି ଲେଖି ଜଣାଇଥିଲେ ମଧ୍ୟ ମଧ୍ୟ କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରତିବାଦ ସ୍ୱରୂପ ଓକିଲ ସଂଘ ପକ୍ଷରୁ ଆଜି ପିକେଡିଏ ଅଫିସ ଘେରାଉ କରା ଯାଇଥିଲା। ସଙ୍ଘ ପକ୍ଷରୁ ବାଲୁଖଣ୍ଡରେ ଗଢ଼ି ଉଠିଥିବା ବେଆଇନ ନିର୍ମାଣକୁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଛେଦ କରାଯାଉ। ମଧୁରଜଳ, ଅଭୟାରଣ୍ୟ ଅଞ୍ଚଳକୁ ସୁରକ୍ଷା ଦିଆ ଯାଉ। ଯଦି ପ୍ରଶାସନ ଏଥିରେ ଅବହେଳା କରିବ ତେବେ ସଙ୍ଘ ଅଦାଲତ ଅବମାନନା କେଶ କରିବାକୁ ବାଧ ହେବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ସଭାପତି ପ୍ରେମାନନ୍ଦ ମହାନ୍ତି ଓ ସମ୍ପାଦକ ଶରତ ଚନ୍ଦ୍ର ରାଏଗୁରୁ।

## ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରା ଉପରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ଆଧାରିତ ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଏକ-ଦିବସୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗବେଷଣା କେନ୍ଦ୍ର, ଭୁବନେଶ୍ୱରର ସହଯୋଗ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର, ସମ୍ବଲପୁର ଏବଂ ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନ, ଓଡ଼ିଶାର ଶୈକ୍ଷିକ ଅଂଶୀଦାରରେ ଅନୁଷ୍ଠିତ ଏହି କାର୍ଯ୍ୟଶାଳାକୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ମିଶ୍ର ଉଦଘାଟନ କରିଥିବା ବେଳେ ସଂସ୍କୃତ ବିଶେଷଜ୍ଞ, ଡ଼ଃ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଓ ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରାଧ୍ୟାପକ ଚଣ୍ଡିପ୍ରସାଦ ନନ୍ଦ ଓ ଓଡ଼ିଶା ଭାଷା ବିଶେଷଜ୍ଞ ଡ଼ଃ ବସନ୍ତ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶକ କରିଥିଲେ। ଉଦଘାଟନ ସମାରୋହକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର, ସମ୍ବଲପୁରର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରାଧ୍ୟାପକ ଜ୍ଞାନ ରଞ୍ଜନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲା ବେଳେ, ପଟିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଉଦଘାଟନ ପରବର୍ତ୍ତୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ହିମାଂଶୁ ଶେଖର ସାମଲ, ଉତ୍କଳ ବିଶ୍ୱବିଦ୍ୟାଳୟର ଡ଼ଃ ତନୟା ମହାନ୍ତି, ଡ଼ଃ ନିରଞ୍ଜନ ଶବର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ଼ଃ ରୁପଶ୍ରୀ ବ୍ରହ୍ମକୁମାରୀ, ଡ଼ଃ ସିନିଆ ଟିଗା ଆଦି ବ୍ୟକ୍ତବ୍ୟ ରଖିଥିଲେ। ଏହି




ଦୁଇ ବୈଷୟିକ ସତ୍ରରେ ଭାରତୀୟ ଜ୍ଞାନ ପରମ୍ପରା ଉପରେ ତିରୁପତି ସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାପୀଠର ପୂର୍ବତନ କୁଳପତି ପ୍ରାଧ୍ୟାପକ ହରେକୃଷ୍ଣ ଶତପଥୀ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳର ପୂର୍ବତନ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ପ୍ରଧାନ, ଗବେଷକ ତଥା ପୂର୍ବତନ ପ୍ରଶାସକ ସମ୍ବିତ କୁମାର ତ୍ରିପାଠୀ, ରେଭେନ୍ସା କାର୍ଯ୍ୟଶାଳାକୁ ମହାବିଦ୍ୟାଳୟର ଡ଼ଃ ସ୍ୱାତି ପଟ୍ଟନାୟକ, ଅଧ୍ୟାପିକା ମାଳବିକା ବ୍ରହ୍ମା, ଗାର୍ଗୀ ବାନାର୍ଜୀ, ପ୍ରବୀଣ କୁମାର ସାହୁ, ଅନିନ୍ଦିତା ରାୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ଼ଃ ସୁଶ୍ରୀ ସସ୍ମିତା ପତି ଓ ବିଦ୍ୟାଭାରତୀର ଡ଼ଃ ପ୍ରିୟଦର୍ଶିନୀ ସାହୁ ସଂଯୋଜନା କରିଥିଲେ।

## ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଉଚ୍ଛେଦ ବେଳେ ଉତ୍ତେଜନା

ଚୌଦ୍ୱାର,(ସ.ବ୍ୟୁ.) : ୧୬ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲ ଠାରୁ ବିରୂପା ବ୍ରିଜ୍ ମଧ୍ୟରେ ପ୍ରାୟ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି । ଏହାକୁ ଆଖିଆଗରେ ରଖି ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ କିଛିଦିନ ହେବ ରାଜପଥର ଦୁଇପାଶ୍ୱର୍ରେ ଗଢ଼ି ଉଠିଥିବା ବେଆଇନ୍ ଦୋକାନ ଓ ବାସଗୃହକୁ ଉଚ୍ଛେଦ କରିବା ଜାରି ରହିଛି । ଆଜି ଜାତୀୟ ରାଜପଥ ହରିଅନ୍ତା ଛକ ନିକଟରେ ଉଚ୍ଛେଦ ବେଳେ ଜଣେ ମହିଳା ଏହାକୁ ବିରୋଧ କରି ରାଜପଥରେ ଶୋଇ ରହିବା ଯୋଗୁଁ ବହୁସମୟ ଧରି ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଏପରିକି ଉକ୍ତ ମହିଳା ଜଣକ ନିଜ ଦୋକାନଘରଟିକୁ ଭଡ଼ାସୂତ୍ରେ ନେଇଥିବା ବେଳେ ଉକ୍ତ ଜାଗାଟି ସ୍ଥିତିବାନ ବୋଲି ପ୍ରକାଶ କରି ତାଙ୍କ ଘରକୁ କାହିଁକି ବେଆଇନ୍ ଭାବେ ଭଙ୍ଗାଯାଉଛି ତାହାକୁ ନେଇ ସେ ତୁମୁଳକାଣ୍ଡ କରିଥିଲେ । ଉଚ୍ଛେଦ କାର୍ଯ୍ୟରେ ଯୋଗ ଦେଇଥିବା ଟାଙ୍ଗୀ-ଚୌଦ୍ୱାର ତହସିଲ କାର୍ଯ୍ୟାଳୟର ଆଡିସିନାଲ ତହସିଲଦାର ରଂଜନ ନାୟକଙ୍କ ସମେତ କିଛି ପୁଲିସ୍ କର୍ମଚାରୀ ଓ ଜାତୀୟ ରାଜପଥ ପ୍ରାଧିକରଣ ଦାୟିତ୍ୱ ନେଇ ଠିକାସଂସ୍ଥାର କର୍ମଚାରୀଙ୍କ ସହ ଧସ୍ତାଧସ୍ତି ହୋଇଥିଲା ।

### ଭିଭି ଜିରାମଜୀ ଆଇନ ବିରୋଧରେ

# ଗାଁ ସ୍ତରରୁ ସୃଷ୍ଟି କରାଯିବ ଜନମତ

ଭୁବନେଶ୍ୱର,(ସବ୍ୟୁ): ରାଜୀବ ଗାନ୍ଧୀ ପଞ୍ଚାୟତ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁନିଲ ପନଓ୍ୱାର ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି କହିଲେ ଗତ ସଂସଦର ଅଧିବେଶନରେ ପାରିତ ହୋଇଥିବା ଭିଭି ଜିରାମଜୀ ଦେଶର ବିକାଶରେ ବାଧକ ସାଜିବ । କାରଣ ମନରେଗା ଆଇନ ଯାହା ଗତ ମନମୋହନ ସିଂହଙ୍କ ସରକାର ଅମଳରେ ଦେଶରେ ଲାଗୁ ହୋଇଥିଲା ଯାହାଦ୍ୱାରା ସାଧାରଣ ମଣିଷମାନେ ନିଜ ଗ୍ରାମ ପାଖରେ କାମ ଏବଂ ରୋଜଗାର ପାଉଥିଲେ । ଯାହା ଦେଶର ବିକାଶରେ ସହାୟକ ହେଉଥିଲା । ବର୍ତ୍ତମାନ ଭିଭି ରାମଜୀ ଆଇନ ତାହାକୁ ସଂପୂର୍ଣ୍ଣ ଭାବରେ ଖତମ କରିଦେବ । ମନରେଗା କେବଳ ଏକ ଆଇନ ନଥିଲା ଏହା ଗରିବ ଲୋକମାନଙ୍କର କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେଉଥିଲା । ଶ୍ରୀ ପନଓ୍ୱାର କହିଲେ ଏହି ଆଇନ ଯଦି ଫେରାଇ ନ ନିଆଯାଏ ଦେଶର ବହୁ କ୍ଷତି ଘଟିବ । ସମ୍ବିଧାନର ଧାରା ୩୯ ଏ ୪୧ ଅନୁଯାୟୀ ସାଧାରଣ ଖଟିଖିଆ ମେହନତି ମଣିଷ ମାନଙ୍କର କାମ ଏବଂ ରୋଜଗାରକୁ ସାବସ୍ଥ୍ୟ କରିଥାଏ । ତାହା ଆଜି ପଥଭ୍ରଷ୍ଟ । ଆଗାମୀ ଦିନରେ ଭିବି ଜିରାମଜୀ କଳା ଆଇନ ବିରୋଧରେ ଦେଶତମାମ ମନରେଗା ବଞ୍ଚାଅ ସମାବେଶ ସଂଗ୍ରାମ ଜାରି ରହିବ । ଆରଜିପିଆରଏସର ଉପାଧ୍ୟକ୍ଷ କୁନାଲ ବାର୍ନାଜୀ ମାନଙ୍କୁ କିଭଳି ଭାବରେ ହତୋତ୍ସାହିତ କରାଯାଇଛି ତାହା ବର୍ଣ୍ଣନା କରିଥିଲେ । ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ଏକ ଗାନ୍ଧୀବାଦୀ ଅହିଂସକ, ଶାନ୍ତିପ୍ରିୟ ସଂଗଠନ ଦୃଷ୍ଟିରୁ ସତ୍ୟାଗ୍ରହୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ନିନ୍ଦା ପ୍ରସ୍ତାବ




ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ତୃଣମୂଳ ସ୍ତରକୁ ଯାଇ ଏହି କଳା ଆଇନ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ସହିତ ସଂଗଠନକୁ ମଜବୁତ କରିବାପଇଁ କାର୍ଯ୍ୟ କରିବ ।ଶେଷରେ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ଦାସ ସୋମବାର ଅନୁଷ୍ଠିତ ହୋଇଥିବା ମନରେଗା ବଞ୍ଚାଅ ସତ୍ୟାଗ୍ରହରେ ଭାଗ ନେଇଥିବା ସମସ୍ତ ସତ୍ୟାଗ୍ରହୀ ଓ କଂଗ୍ରେସର ବରିଷ୍ଠ ନେତୃତ୍ୱ ପାରିତ କରିଥିଲେ ଏବଂ ପ୍ରସ୍ତାବ ରଖିଥିଲେ କି ଏହି ସ୍ମାରକପତ୍ରକୁ ରାଜ୍ୟ ପାଳଙ୍କ ପରିବର୍ତ୍ତେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଯିବ । ସାମ୍ବାଦିକ ସମ୍ମିଳନୀରେ ଜାତୀୟ କନଭେନର ପ୍ରତାପ ପ୍ରଧାନ ଉପସ୍ଥିତ ଥିଲେ ଶେଷରେ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ସଂଗଠନ ସମ୍ପାଦିକ ବିଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୌର ପରିଷଦ ପକ୍ଷରୁ ରାଷ୍ଟ୍ରଗୀତ ଗାନ

ଜଟଣୀ, (ସବ୍ୟୁ): ଜଟଣୀ ପୌର ପରିଷଦ ପକ୍ଷରୁ ରାଷ୍ଟ୍ରଗୀତ "ବନ୍ଦେ ମାତରମ" ର ୧୫୦ତମ ବାର୍ଷିକୀ ସମାରୋହ ସ୍ଥାନୀୟ ଟାଉନ ହଲ (ସ୍ରଷ୍ଟା) ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମାରୋହରେ ସାମୁହିକ ବନ୍ଦେ ମାତରମ ଗାନ କରାଯିବା ସହ ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା। ଏହା ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଟଣୀ ପୌରାଞ୍ଚଳ ଅଧୀନ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଗତ ଜାତୀୟ ଯୁବ ଦିବସ ଅବସରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ଏବଂ ରାଷ୍ଟ୍ରଗୀତ ଗାନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୌର ପରିଷଦ ପକ୍ଷରୁ ପୁରସ୍କାର ବିତରଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା,ଉପାଧ୍ୟକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ଆକ୍ରିତୀ ଗୋଏଙ୍କା, ବିଆରସି ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ମାନ୍ୟବର ସାଂସଦଙ୍କ ଜଟଣୀ ପୌର ପରିଷଦର ପ୍ରତିନିଧି ଶ୍ରୀ ସତୀଶ ଶର୍ମା, ପାରିଷଦ ଶ୍ରୀ ଶଶାଙ୍କ ଶେଖର ରାୟ, ବିଷ୍ଣୁ କୁମାର ସାହୁ, ପି ରାଜ କୁମାରୀଙ୍କ ସହ ପୌରାଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ ସତ୍ୟବ୍ରତ ତ୍ରିପାଠୀ, ସୁଜ୍ଞାନୀ ପାଢ଼ୀ, ମନସ୍ୱିନୀ ମହାରଣା, ଜ୍ୟୋତିରଞ୍ଜନ ରାଉତରାୟ, ଏସ ଲିପ୍ସା ରାଓ, ଶିକ୍ତା ମହାନ୍ତିଙ୍କ ରାଜା ବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହାୟକ ଶିକ୍ଷକ ମାନଗୋବିନ୍ଦ ସାହୁ ଆଦି ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଗୋପ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଶଙ୍ଖାରିଆ ଗ୍ରାମର ଦେବିପ୍ରସାଦ ପରିଡାଙ୍କ ଅନୁପସ୍ଥିତିରେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୋଲିସ ତଦନ୍ତ କରିବା ସହିତ ଥାନା ମୋକଦ୍ଦମା ନମ୍ବର ୨୭/୨୬ ରୁଜୁ କରିଛି । ଦେବିପ୍ରସାଦ ଗତ ୧୮ ତାରିଖରେ ତାଙ୍କ ସ୍ତ୍ରୀଙ୍କ ସହିତ କୈଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ । ସନ୍ଧ୍ୟାରେ ଘରକୁ ଫେରିବା ପରେ ତାଙ୍କ ଗଦରେଜ ରେ ଥିବା ସୁନା ଅଳଙ୍କାର ନ ଥିବା ଜାଣିବାକୁ ପାଇଥିଲେ । ସବୁଦିନେ ପରି ଗଦରେଜ ଚାବି ରଖିଥିବା ସ୍ଥାନରେ ଚାବି ରଖି ସେ ବାହାରକୁ ଯିବାର ସୁଯୋଗ ନେଇ କେହି ଲୁଟେରା ଗଦରେଜ ରେ ଥିବା ୨ ଗୋଟି ସୁନା ଅଳଙ୍କାର,୪ ଗୋଟି ସୁନା ମୁଦି ଓ ଗୋଟିଏ ସୁନା ଚେନ୍ ନେଇ ଯାଇଥିବା ଅଭିଯୋଗ ପତ୍ର ଉଲ୍ଲେଖ ରହିଛି ।ଏହି ସୁନା ଅଳଙ୍କାର ଲକ୍ଷାଧିକ ଟଙ୍କା ହେବ ବୋଲି ଜଣା ପଡ଼ିଛି । ଅଭିଯୋଗ ସଂପର୍କରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରିଙ୍କୁ ପଚାରିବାରେ ତଦନ୍ତ ଚାଲିଛି । ଖୁବଶୀଘ୍ର ଅଭିଯୁକ୍ତ କୁ ଗିରଫ କରାଯିବ ବୋଲି କହିଛନ୍ତି ।

### ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା

# ଭକ୍ତକବିଙ୍କ ସ୍ୱନକ୍ଷତ୍ର ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଭକ୍ତକବି ମଧୁସୂଦନ ଥିଲେ ମଣିଷକୁ ନିବିଡ଼ ଭାବରେ ଭଲ ପାଉଥିବା ଏକ ଅନନ୍ୟ ସାରସ୍ୱତ ସାଧକ ଏବଂ ଅବିନାଶୀ ଆତ୍ମାର ଉପାସକ। ପ୍ରତ୍ୟେକ ଓଡ଼ିଶାର ଅଧିବାସୀ କେମିତି ସାକ୍ଷର ହେବେ ସେଥି ନିମନ୍ତେ ସେ ବର୍ଣ୍ଣବୋଧ ରଚନା କରି ଅମର ହୋଇଯାଇଛନ୍ତି। ଏବେବି ସେ ଭକ୍ତ କବି ଭାବେ ସେ ପ୍ରତି ଘରେ ଘରେ ପରିଚିତ ବୋଲି ତାଙ୍କର ଜୟନ୍ତୀ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ରୂପାଲି ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ସର୍ବପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏହାପରେ ଭକ୍ତକବିଙ୍କୁ ଆଧାର କରି ସ୍ୱରଚିତ କବିତା ପାଠ କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅତିଥି ଭାବେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଗିରିଜା ଶଙ୍କର ମହାପାତ୍ର, ପ୍ରିତିମୟୀ ସ୍ୱାଇଁ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଜୁଲି ସେଠୀ, ସମାଜସେବୀ ମନୋରଞ୍ଜନ ମହାନ୍ତି, ସୁମିତ୍ରା ବାରିକ, ସୁରଜିତ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ ଓ ଅନିତା ବାରିକ ପ୍ରମୁଖ। ପରିଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅମିତ୍ ପାତାଳ ସିଂ ।

### ବେଦାନ୍ତ ଝାରସୁଗୁଡାର ମାର୍ଶାଲ ଆର୍ଟସ୍ ତାଲିମ କେନ୍ଦ୍ରର

# ଖେଳାଳି ଜାତୀୟ ଚାମ୍ପିଅନ ଭାବରେ ଉଭା ହୋଇଛନ୍ତି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ନୂଆଦିଲ୍ଲୀରେ ଜାତୀୟ କରାଟେ ଫେଡେରେସନ ଦ୍ୱାରା ଆୟୋଜିତ ଜାତୀୟ କରାଟେ ଚାମ୍ପିଅନସିପ୍ ୨୦୨୫ ରେ ଏହାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଯୁବ ଖେଳାଳିମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦେଶର କିଛି ଉତ୍କୃଷ୍ଟ ମାର୍ଶାଲ ଆର୍ଟିଷ୍ଟଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରି, ଝାରସୁଗୁଡାର ଦଳ ବିଭିନ୍ନ ବର୍ଗରେ ପ୍ରଭାବଶାଳୀ ପଦକ ହାସଲ କରିଛନ୍ତି। ବେଦାନ୍ତ ଝାରସୁଗୁଡାର ସମ୍ପ୍ରଦାୟ କ୍ରୀଡା ପଦକ୍ଷେପ ଅଧୀନରେ ତାଲିମପ୍ରାପ୍ତ ଖେଳାଳିମାନେ ଉଲ୍ଲେଖନୀୟ ଦକ୍ଷତା, ଶୃଙ୍ଖଳା ଏବଂ ଦୃଢ଼ତା ପ୍ରଦର୍ଶନ କରିଥିଲେ। ରେଙ୍ଗି କମଲେଶ ପ୍ରଧାନ ୯ ବର୍ଷରୁ କମ୍ ବର୍ଗରେ କୁମିତେରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୭ ବର୍ଷରୁ କମ୍ ବର୍ଗରେ ମୁକ୍ତିକାନ୍ତ ନାୟକ କାଟାରେ ରୌପ୍ୟ ଏବଂ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ, ଯେତେବେଳେ ଓମ୍ କୁମାର ଗୁପ୍ତା ୧୯ ବର୍ଷରୁ କମ୍ ବର୍ଗରେ କାଟାରେ ସ୍ୱର୍ଣ୍ଣ ଏବଂ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ। ଅନିକେତ ଠାକୁର କାଟାରେ ରୌପ୍ୟ ଏବଂ ୧୯ ବର୍ଷରୁ ଅଧିକ ବର୍ଗରେ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ।

ବେଦାନ୍ତ ଝାରସୁଗୁଡାର ସାମଗ୍ରିକ ସମ୍ପ୍ରଦାୟ ବିକାଶ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ପ୍ରତିଷ୍ଠିତ ବେଦାନ୍ତ ମାର୍ଶାଲ୍ ଆର୍ଟସ୍ ତାଲିମ କେନ୍ଦ୍ର, ନିକଟସ୍ଥ ସମ୍ପ୍ରଦାୟର ପିଲା ଏବଂ ଯୁବକମାନଙ୍କ ପାଇଁ କରାଟେ ଏବଂ ଅନ୍ୟାନ୍ୟ ମାର୍ଶାଲ୍ ଆର୍ଟରେ ସଂରଚିତ ତାଲିମ ପ୍ରଦାନ କରେ। ପ୍ରମାଣିତ ପ୍ରଶିକ୍ଷକ, ନିୟମିତ ପ୍ରଶିକ୍ଷଣ ଅଧିବେଶନ ଏବଂ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ସୁଯୋଗ ସହିତ, ଏହି କାର୍ଯ୍ୟକ୍ରମ ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା ଏବଂ ଆତ୍ମବିଶ୍ୱାସକୁ ପୋଷଣ କରେ, ଯେତେବେଳେ ଏହି ଅଂଚଳରେ ଏକ ଦୃଢ଼ କ୍ରୀଡା ଇକୋସିଷ୍ଟମ ସୃଷ୍ଟି କରିଛି। ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ ତାଙ୍କ ମତାମତ ଦେଇ କହିଛନ୍ତି, "ବେଦାନ୍ତ ଝାରସୁଗୁଡାରେ, ଆମେ ଆମର କାର୍ଯ୍ୟ କ୍ଷେତ୍ରରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ହାସଲ କରିବା ପାଇଁ ଦୃଢ଼ ପ୍ରତିବଦ୍ଧ, ଏବଂ ତୃଣମୂଳ ସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏହି ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଜାତୀୟ ସ୍ତରରେ ଏହି ଉଲ୍ଲେଖନୀୟ ଯୁବ ଖେଳାଳିମାନଙ୍କ ଦ୍ୱାରା ଜିତିଥିବା ପୁରସ୍କାର ଆମକୁ ଅତ୍ୟନ୍ତ ଗର୍ବରେ ଭରିଦିଏ, ଏହା ପ୍ରଦର୍ଶନ କରେ ଯେ ସଠିକ୍ ସମର୍ଥନ, ତାଲିମ ଏବଂ ଦୃଢ଼ ନିଷ୍ଠତି ସହିତ ସଫଳତା ନିଶ୍ଚିତ।" ୧୯ ବର୍ଷରୁ କମ୍ ବର୍ଗରେ କାଟାରେ ସ୍ୱର୍ଣ୍ଣ ପଦକ ବିଜେତା ଓମ୍ କୁମାର ଗୁପ୍ତା ତାଙ୍କର ଅଭିଜ୍ଞତାରୁ କହିଛନ୍ତି, "ଜାତୀୟ ସ୍ତରରେ ବିଜୟୀ ହେବା ଏକ ସ୍ୱପ୍ନ ସତ ହୋଇଛି। ବେଦାନ୍ତ ମାର୍ଶାଲ ଆର୍ଟସ୍ ତାଲିମ କେନ୍ଦ୍ରରେ ମୁଁ ପାଇଥିବା ତାଲିମ ଏବଂ ସମର୍ଥନ ପ୍ରକୃତରେ ମୋ ଜୀବନକୁ ପରିବର୍ତ୍ତନ କରିଛି। ଏହି ପ୍ଲାଟଫର୍ମ ମୋତେ ଅତିରିକ୍ତ ଆତ୍ମବିଶ୍ୱାସ ଦେଇଛି, ଏବଂ ଏହି ଯାତ୍ରାକୁ ସମ୍ଭବ କରିଥିବାରୁ ମୁଁ ବେଦାନ୍ତଙ୍କ ପ୍ରତି କୃତଜ୍ଞ।"

## ଜମିବାଡ଼ି ବିବାଦରେ ହତାଶ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀ ନଗର ଅଞ୍ଚଳରେ ପାରିବାରିକ ଜମିବାଡ଼ି ବିବାଦ ମଧ୍ୟରେ ରହି ବିଭିନ୍ନ ଆଡେ ଗୁହାରି କରି ନିରାଶ ହେବାପରେ ପ୍ରମୋଦ ସେଠୀ ନାମକ ଜଣେ ଯୁବକ କୌଣସି ଉପାୟ ନ ପାଇ ୬୦ ଫୁଟ ଟାୱାର ଉପରକୁ ଚଢି ଜୀବନ ହାରିବାକୁ ଉଦ୍ୟମ କରିଥିଲେ। ଖବରପାଇ ଘଟଣାସ୍ଥଳରେ ପୁଲିସ, ତହସିଲଦାର ଶିବାଶିଷ ପରିଡା, ଅଗ୍ନିଶମ ବିଭାଗ ତଥା ମୁରବୀ ଶ୍ରେଣୀୟ ଗ୍ରାମବାସୀ ମାନେ ବହୁ ବୁଝାସୁଝା କରିବାପରେ ସେ ଦୁଇଘଣ୍ଟା ପରେ ତଳକୁ ଓହ୍ଲାଇଥିଲେ । ଯେଉଁଥିପାଇଁ ସମସ୍ତଙ୍କୁ ନାକେଦମ ହେବାକୁ ପଡିଥିଲା । ଶୁଣିବାକୁ ମିଳିଛି କୁଆଡ଼େ ତାଙ୍କ ପୈତୃକ ସମ୍ପତ୍ତି ଭାଗକୁ ନେଇ ଉଭୟ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ଲାଗିରହିଛି । ଅନ୍ୟ ପକ୍ଷରେ ତହସିଲଦାର ଶ୍ରୀ ପରିଡା କହିଛନ୍ତି ଏହି ଘଟଣା ମୋ ନଜରକୁ ଆସିନଥିଲା ଯଦି ଏହା ତହସିଲ କାର୍ଯ୍ୟାଳୟ ମାଧ୍ୟମରେ ସମାଧାନ ହୋଇପାରିବ ତେବେ ମୁଁ ତୁରନ୍ତ ପଦକ୍ଷେପ ନେବି ନଚେତ ସେ କୋର୍ଟ ର ଦ୍ୱାରସ୍ଥ ହୋଇପାରିବେ । ତେବେ ପ୍ରଶାସନର ଏହି ଅଶ୍ୱାସନା ପରେ ଉକ୍ତ ଯୁବକଙ୍କ ପରିବାରରେ କିଛିଟା ଆଶ୍ୱସ୍ଥ ପ୍ରକାଶ ପାଇଛି ।

# ସଂସ୍କୃତି ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଦିବସ

ଭୁବନେଶ୍ୱର (ସବ୍ୟୁ): ସଂସ୍କୃତି ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉତ୍କଳ ଲୋକ କଳା ସମ୍ମାନ ଜୟଦେବଭବନ ଠାରେ ପ୍ରଦାନ କରାଯାଇଛି। ଓଡିଶା ରେ ଲୋକକଳା ସହିତ ସମ୍ପୃକ୍ତ ଥିବା ବିଭିନ୍ନ ବର୍ଗର କଳାକାରଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଓଡିଶା ରୁ ବିଭିନ୍ନ ଜିଲ୍ଲା ରୁ କଳାକାର ମାନେ ଯୋଗ ଦେଇଥିଲେ । ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଏକାମ୍ର ବିଧାୟକ ବାବୁ ସିଂ, ବୃନ୍ଦାବନ ମାଝୀ, ପୂର୍ବତନ ବିଧାୟକ, କୁଚିଣ୍ଡା, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ବରିଷ୍ଠ ଆଇନୀଜୀବୀ ସୁରେଶ କୁମାର ପଣ୍ଡା ସଭାପତି ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ମହାମଞ୍ଚ କର୍ମକର୍ତ୍ତା ସୁନାକର ବେହେରା- ସଭାପତି, ଲଲାଟ କେଶରୀ ନାୟକ- ସମ୍ପାଦକ, ଅମୀୟ ମିଶ୍ର- ସହ ସମ୍ପାଦକ, ଉପ




ସଭାପତି -ଅଚ୍ୟୁତାନନ୍ଦ ନାୟକ, କୋଷାଧକ୍ଷ- ଶିବଦତ୍ତ ମହାପାତ୍ର, ଉପଦେଷ୍ଟା -ବେଦ ବାଚସ୍ପତି ବିରେନ୍ଦ୍ର ତ୍ରିପାଠୀ ,ଉପଦେଷ୍ଟା ନିଲୁ ଖୁଣ୍ଟିଆ,ଅମୂଲ୍ୟ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ଇତ୍ୟାଦି ଅନେକ ସଦସ୍ୟ ଉପସ୍ଥିତ ରହି ମଞ୍ଚ ପରିଚାଳନା କରିଥିଲେ । ଅତିଥି ମାନଙ୍କ ମଧ୍ୟରେ ବାବୁ ସିଂ କହିଥିଲେ ଯେ ନିଜର ବାପା ମା ଙ୍କୁ ସୁରକ୍ଷା ପାଇଁ ଯଦି ମଞ୍ଚ ତିଆରି କରିବାକୁ ପଡୁଛି ତେବେ ଏହା ଠାରୁ ହାସ୍ୟାସ୍ପଦ କଥା କିଛି ନାହିଁ । କାରଣ ସଂସ୍କୃତି ଆମ ବାପା ମା ସଦୃଶ, ଲଲାଟ କେଶରୀ କହିଥିଲେ ସଂସ୍କୃତି ବଞ୍ଚିଲେ ସମାଜ ବଞ୍ଚିବ, ସମାଜ ବଞ୍ଚିଲେ ସଂସାର ବଞ୍ଚିବ, ସଂସାର ବଞ୍ଚିଲେ ପରିବାର ବଞ୍ଚିବ, ପରିବାର ବଞ୍ଚିଲେ ବ୍ୟକ୍ତିର ଜୀବନ ଶୃଙ୍ଖଳିତ ମାର୍ଜିତ ହୋଇପାରିବ । ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରୀଡ଼ା ଶିକ୍ଷା କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂଆ ମାଇଲ୍ ଖୁଣ୍ଟ




କଟକ, (ସ୍ୱପ୍ର) : ସ୍ଥାନୀୟ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟକୁ ମିଳିଛି ବେଷ୍ଟ୍ ମିଡିଆ ଆଣ୍ଡ ପବ୍ଲିକ୍ ପର୍ସେପସନ ଇନଷ୍ଟିଚ୍ୟୁଟ୍ ଇନ୍ ସ୍ପୋର୍ଟ୍ସ ଆଣ୍ଡ ଫିଜିକାଲ୍ ଏଡୁକେସନ (କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ ସର୍ବଶ୍ରେଷ୍ଠ ମାଧ୍ୟମ ଏବଂ ଉତ୍କୃଷ୍ଟ ସଂସ୍ଥା) ସମ୍ମାନ। କନଫେଡେରେସନ୍ ଅଫ୍ ସ୍ପୋର୍ଟ୍ସ ଏଣ୍ଡ ରିକ୍ରିଏସନ୍ ଇଣ୍ଡଷ୍ଟ୍ରି (ସିଏସଆରଆଇ) ଏବଂ ସ୍ପୋର୍ଟ୍ସ ଆସେସମେଣ୍ଟ ଏବଂ ଅଡିଟ୍ ବୋର୍ଡ (ଏସଏଏବି) ପକ୍ଷରୁ ମିଳିତ ଭାବରେ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

ଭାରତ ସରକାରଙ୍କ ଯୁବ କାର୍ଯ୍ୟ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସମର୍ଥନରେ ଆୟୋଜିତ ଗ୍ଲୋବାଲ୍ ସ୍ପୋର୍ଟ୍ସ ଏଡୁକେସନ୍ କନଭେନସନ-୨୦୨୬ ଅବସରରେ ଜାତୀୟ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ପୁରସ୍କାର ସମାରୋହରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଏହା ପ୍ରଦାନ କରାଯାଇଥିଲା । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପୁରସ୍କାରକୁ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର (ଡ.) ଜୟ ପ୍ରକାଶ ଭଟ୍ଟ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ଡିନ୍ ପ୍ରଫେସର (ଡ.) ତୀର୍ଥଙ୍କର ଘୋଷ ନୂଆଦିଲ୍ଲୀଠାରେ ଗ୍ରହଣ କରିଥିଲେ। କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା କ୍ଷେତ୍ରରେ କାମ କରୁଥିବା ଦେଶର ଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ମଧ୍ୟରୁ ଏଥିପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଚୟନ କରାଯାଇଥିଲା । ଏହି ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧ୍ୟକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରୋ. (ଡ.) ତେଜପ୍ରତାପ, କୁଳସଚିବ ପ୍ରୋ. (ଡ.) ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ମାନବସମ୍ବଳ ବିଭାଗ ଉପ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ।

# ନିଷ୍ଟ ବିଶ୍ୱବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ




ବ୍ରହ୍ମପୁର, (ସବ୍ୟୁ): ଗୋଲନ୍ଥରା ସ୍ଥିତ ନିଷ୍ଟ୍ ବିଶ୍ୱବିଦ୍ୟାଳୟର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ମୁଖ୍ୟ ଡ଼. ସୁକାନ୍ତ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଆର୍ମି ଆଡ଼ ଡିଫେନ୍ସ କଲେଜର କମାଣ୍ଡାଣ୍ଟ ଲେଫଫ ଜେନେରାଲ୍ ଆରସି ଶ୍ରୀକାନ୍ତ, ମୁଖ୍ୟବକ୍ତା ଭାବେ ହାଇଦ୍ରାବାଦ୍ ସ୍ଥିତ ଟି ଓ୍ୱାର୍କସ୍ କମ୍ପାନୀର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ସହଜ ସାହୁ, ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ମଧ୍ୟ ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ।

ଭାରତର ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଯୁବଶକ୍ତିକୁ କିପରି ବ୍ୟବହାର କରାଯାଇପାରିବ ତାହା ସେ ବ୍ୟାଖ୍ୟା କରିଥିଲେ । ନିଷ୍ଟ୍ ବିଶ୍ୱବିଦ୍ୟାଳୟ କେବଳ ଉତ୍କୃଷ୍ଟ ଶିକ୍ଷାଗତ କାର୍ଯ୍ୟକ୍ରମ, ଗୁଣାତ୍ମକ ଶିକ୍ଷା ନୁହେଁ ବରଂ ବହୁବିଧ ଗବେଷଣା ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି । ଆଗାମୀ ଦିନରେ ଦେଶର ଏକ ନମ୍ବର ଗବେଷଣାତ୍ମକ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ କରାଇବା ଲକ୍ଷ୍ୟ ରଖୁଥିବା ପ୍ରତିଷ୍ଠାତା ମହାପାତ୍ର କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟର ବିକାଶ ଆମର ପ୍ରତିଷ୍ଠାତାଙ୍କ ଦୃଷ୍ଟିକୋଣ, କ୍ରମାଗତ ନେତୃତ୍ୱ ଦଳଗୁଡ଼ିକର ପ୍ରତିବଦ୍ଧତା ଏବଂ ଆମର ଅଧ୍ୟାପକ ଏବଂ କର୍ମଚାରୀଙ୍କ ନିରନ୍ତର ସମର୍ପଣ ଦ୍ୱାରା ସମ୍ଭବ ହୋଇପାରିଛି । ଏହି ପ୍ରତିଷ୍ଠା ଦିବସରେ, ମୁଁ ଆମର ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଦୀର୍ଘ ବର୍ଷ ଧରି ନିର୍ଦ୍ଦିଷ୍ଟ ବୈଷୟିକ ବିଶ୍ୱବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ମାନେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଷ୍ଟର ନାମକୁ ଶୀର୍ଷରେ ପହଞ୍ଚାଇ ପାରିଛନ୍ତି । ଆଗାମୀ ଦିନରେ ଏହି ଧାରାକୁ ବଜାୟ ରଖିବା ପାଇଁ ଛାତ୍ର ଛାତ୍ରୀ ମାନେ ସର୍ବଦା ଚେଷ୍ଟିତ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ଆର୍ମି ଆଡ଼ ଡିଫେନ୍ସ କଲେଜର କମାଣ୍ଡାଣ୍ଟ ଲେଫଫ ଜେନେରାଲ୍ ଆରସି ଶ୍ରୀକାନ୍ତ ଏହି ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମାନେ ବି. ଟେକ୍ ଡିଗ୍ରୀ ଶେଷ କରିବେ । ପରେ ପ୍ରତିରକ୍ଷା ସେବାରେ ଯୋଗ ଦେଇପାରିବେ । ମୁଖ୍ୟ ବକ୍ତା ଶ୍ରୀ ସହଜ ସାହୁ ନବସୃଜନ ଏବଂ ଶିଳ୍ପ ଇକୋସିଷ୍ଟମ - ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ସେତୁ ବିଷୟରେ ବ୍ୟାଖ୍ୟା କରିଥିଲେ । ଭାରପ୍ରାପ୍ତ କୁଳସଚିବ ଡ଼ ବିଷ୍ଣୁଙ୍କର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ୪୩ ଜଣ ଅଧ୍ୟାପକ, ଅଣ-ଅଧ୍ୟାପକଙ୍କୁ ସେମାନଙ୍କ ୧୦ ବର୍ଷ, ୧୫ ବର୍ଷ, ୨୦ ବର୍ଷ ଏବଂ ୨୫ ବର୍ଷ ପୂର୍ତ୍ତି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଶୁଳିଆପଦାରେ ବିଭିନ୍ନ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନ ନିକଟସ୍ଥ ଦୋକାନରେ ଚଢ଼ଉ



ବାରିପଦା, (ସବ୍ୟୁ) : ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ଡ୍ରଗ ଇନ୍ସପେକଟର ମୟୂରଭଞ୍ଜ ରେଞ୍ଜ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଆଜି ଶୁଳିଆପଦା ଥାନା ଅଞ୍ଚଳରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ପାନ ଦୋକାନ, କିରାନା (ଗ୍ରୋସେରୀ) ଦୋକାନ ମାନଙ୍କରେ ଅଚାନକ ଚଢ଼ାଉ କରାଯାଇ ଏହି ସବୁ ଦୋକାନ ଗୁଡିକରେ ବିକ୍ରୟ କରାଯାଉଥିବା ବିଭିନ୍ନ ପ୍ରକାର ତମାଖୁ ଜାତୀୟ ନିଶା ଦ୍ରବ୍ୟ ବିକ୍ରି କରୁଥିବା ଅଭିଯୋଗରେ ୧୩ଟି ଦୋକାନରୁ ୨୬୦୦ଟଙ୍କା ଜୋରିମାନା ଆଦାୟ କରାଯାଇଛି। ତତ୍ସହିତ ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧିରେ କୌଣସି ପ୍ରକାର ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ନକରିବା ପାଇଁ ଅଞ୍ଚଳର ଦୋକାନୀ ତଥା ଜନସାଧାରଣଙ୍କୁ ବାରଣ କରାଯିବା ସହିତ ନିଶା ଦ୍ରବ୍ୟ ସେବନ ଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ଏହାର କୁପ୍ରଭାବ ଏବଂ ମାରାତ୍ମକ ରୋଗରେ ଆକ୍ରାନ୍ତ ସମ୍ବନ୍ଧରେ ସଚେତନ କରାଯାଇଛି ।

## ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆଖି ବୁଜିଲେ ମା’

# ସହଯୋଗର ହାତ ବଢ଼େଇଲା ପିପିପି ଟ୍ରଷ୍ଟ

ବାରିପଦା, (ସବ୍ୟୁ) : ଦୁଇ ଶିଶୁକନ୍ୟାକୁ ଜନ୍ମଦେଇ ଆରପାରିରେ ମା ସଂଜିତା ବେଣ୍ଟକାର । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାରିପଦା ନିକଟସ୍ଥ ଉଠାଣିନୂଆଗାଁ ଗ୍ରାମ ନିବାସୀ ସିପୁ ବେଣ୍ଟକାରଙ୍କ ପରିବାରରେ । ପିଆରଏମ ଡାକ୍ତରଖାନାରେ ସଂଜିତା ଦୁଇ ଶିଶୁକନ୍ୟାକୁ ଜନ୍ମଦେବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ରକ୍ତର ଆବଶ୍ୟକତା ପଡିବାରୁ ସମାଜସେବୀ ଅରବିନ୍ଦ ମୁଖି ଖବର ପାଇ ତୁରନ୍ତ ୨ଜଣ ରକ୍ତଦାତା ଯୋଗାଡ଼ କରିଥିଲେ। ମାତ୍ର ଅବସ୍ଥା ଆହୁରି ଗୁରୁତର ହେବାରୁ ସିପୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଘରୋଇ ଚିକିତ୍ସାଳୟକୁ ନେଇଗଲେ। ସେଠାରେ ପୁଣି ରକ୍ତର ଆବଶ୍ୟକତା ପଡିବାରୁ ପିପିପି ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଅକ୍ଷୟ ମହାନ୍ତି ଆଉ ଦୁଇୟୁନିଟ ରକ୍ତର ବ୍ୟବସ୍ଥା କରାଇଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ଶେଷରେ ଆଖିବୁଜିଲେ ମା’ସଂଜିତା । ଗାଁ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ଖବର ପାଇ ଡଃ ମହାନ୍ତିଙ୍କ ସମେତ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ସର୍ଦ୍ଦାର ହରିଚରଣ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ସଂଜୀବ କୁମାର ସାହୁ, ଅରବିନ୍ଦ ମୁଖି ଓ ଭରତ ଚନ୍ଦ୍ର ପାତ୍ର ତାଙ୍କ ଗ୍ରାମରେ ପହଂଚି ପିପିପି ଟ୍ରଷ୍ଟ ତରଫରୁ ୫ହଜାର ଟଙ୍କାର ଚେକ୍ ସହ ୧ହଜାର ଟଙ୍କା ନଗଦ ରାଶି ଓ ଶିଶୁ ଖାଦ୍ୟ ସିପୁଙ୍କୁ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ସିପୁଙ୍କର ୧୦ବର୍ଷର ଓ ୭ବର୍ଷର ଦୁଇଝିଅ ସହ ପିତାମାତା ମଧ୍ୟ ଅଛନ୍ତି ।

# ଧରାକୋଟ ବ୍ଲକରେ ୨ ଧାନମଣ୍ଡି ଉଦ୍‌ଘାଟନ

ଧରାକୋଟ, (ସବ୍ୟୁ): ଆଜି ଆମ ଧରାକୋଟ ବ୍ଲକରେ ୨ଟି ଧନମଣ୍ଡି ଉଦଘାଟନ ହୋଇଯାଇଛି । ଏହି ଦୁଇ ମଣ୍ଡି ଗୋଟିଏ ମୁଣ୍ଡମରେଇ ପଞ୍ଚାୟତ ସ୍ଥିତ ପୋଡ଼ାପଲ୍ଲୀ ଗ୍ରାମର ଶିବାଜୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟଟି ଡଉଗାଁ ପଞ୍ଚାୟତ ସ୍ଥିତ ବାହାଡାଗୁଡା ଗ୍ରାମର ଓଁ ଶାନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ । ଉଦଘାଟନ ଉତ୍ସବରେ ୨୦୦ରୁ ଉର୍ଦ୍ଧ ଚାଷୀଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି । ଏହି ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶୀଲ ପଟ୍ଟନାୟକ, ଗୋଷ୍ଠି ଯୋଗାଣ ନିରୀକ୍ଷକ ବାଳକୃଷ୍ଣ ନାୟକ ଓ ଗୋଷ୍ଠି ମିଶନ ଶକ୍ତି ସଂଯୋଜକ ସୁଶାନ୍ତ ନାୟକ ଉପସ୍ଥିତ ଥିଲେ ।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ଧରାକୋଟ ମଣ୍ଡଳ ସଭାପତି ପ୍ରଭାକର ପ୍ରଧାନ, ଜାହାଡା ମଣ୍ଡଳ ସଭାପତି ଜିତେନ୍ଦ୍ର ବିଶୋଇ, ଧରାକୋଟ ମଣ୍ଡଳ ପୂର୍ବତନ ସଭାପତିଯ଼ୁ ପାପା ରାଓ, ଅଶୋକ ନାୟକ, ବୁଦ୍ଧିଆ ନାୟକ, ଯୁବନେତା ସମୀର ସ୍ୱାଇଁ, ଅନ୍ୟମାନେ ଉପସ୍ଥିତ ଥିଲେ । ସରକାରଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଧାନମଣ୍ଡି ଖୋଲି ଆଜି ଲକ୍ଷପତି ଦିଦି ପାଇଁ ପାଦ ଥାପି ଥିବା କହିଛନ୍ତି ପୂର୍ବତନ ଧରାକୋଟ ମଣ୍ଡଳ ସଭାପତି । ସଠିକ ସମୟରେ ଟୋକେନ ଆସିବା ଓ ଅତିଶୀଘ୍ର ଧାନ ମିଲର ପାଖରେ ପହଂଚିବ । ଧାନ ଦେବା ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତାକୁ ଟଙ୍କା ଆସିଯିବ । ସରକାରଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକମାନେ ପ୍ରଶଂସା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ଦେଖିବାକୁ ମିଳିଛି । ଉପସ୍ଥିତ ଚାଷୀ ମାନେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶୀଲ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଥିଲେ ସୁତୁଲି ଅଖା ବାବଦକୁ କେତେ ଧାନ କଟା ଯାଉଛି ? କଟଣି ଛଟଣି ଅଛି ନା ନାହିଁ ? ଧାନ ମିଲର ପାଖକୁ ଚାଷୀ ନେବେ ନା ମଣ୍ଡିକୁ ଧାନ ଆଣିବେ ? ସେ କହିଥିଲେ ଏଭଳି କିଛି ନାହିଁ ଏବର୍ଷ ଧାନ ଭଲ ଅଛି ତେଣୁ ଡରିବାର ନାହିଁ, ଯଦି ଏଭଳି କିଛି ସୂଚନା ମିଳେ ଆମ୍ଭେ ବିହିତ କାର୍ଯ୍ୟାନୁଷ୍ଠାନ ନେବୁ ଆମ ଟିମ ତାହା ଉପରେ ନଜର ରଖିଛି ।

# ଗୋପାଳପୁର ନିର୍ବାଚନମଣ୍ଡଳୀରେ ସୀମା ଟପିଲାଣି ବେଆଇନ ମରମ କାରବାର

ଗୋପାଳପୁର, (ସବ୍ୟୁ): ସର୍ବଦା ଓଡିଶା ରାଜନୀତିରେ ଚର୍ଚ୍ଚା ରହି ଆସୁଥିବା ଗୋପାଳପୁର ନିର୍ବାଚନ ମଣ୍ଡଳୀ ବର୍ତ୍ତମାନ ମରମ ଚୋରା ଚାଲାଣର ସୀମା ଟପିଲାଣି । ବର୍ତ୍ତମାନ ସମୟରେ ସବୁଠୁ ଚର୍ଚ୍ଚା ଏବଂ ଉଦବେଗର ବିଷୟ ଏହା ଯେ, ବେଆଇନ ମରମ ସହ ଚୋରା ବାଲି ବେପାର ଯାହା ସରକାରଙ୍କ ରାଜସ୍ୱ କମିଥିବା ବେଳେ ପ୍ରଦୁ୍ୟଷଣ ମାତ୍ରା ବଢିବାରେ ଲାଗିଛି । ଏଥିରେ ସାଧାରଣ ଜନତା ହଇରାଣ ହେଉଛନ୍ତି । ଉକ୍ତ ଚୋରା ବେପାର ରୋକିବାକୁ ନା ଅଛି ମାଇନ୍ସ ବିଭାଗର ଆନ୍ତରିକତା ନା ସ୍ଥାନୀୟ ତହସିଲର ଆନ୍ତରିକତା । ନିର୍ବାଚନମଣ୍ଡଳୀର ଗୋଲନ୍ଥରା ନିକଟସ୍ଥ ପାଲୁରୁ ହିଲସ ଠାରେ ପ୍ରତିଦିନ ଶହଶହ ଟ୍ରକ ମରମ ଚୋରା ଚାଲାଣ, ନାରାୟଣପୁର, ମହୁଡା, ଚାନ୍ଦପୁର ଏହି ସ୍ଥାନ ମାନଙ୍କରେ ଚୋରା ଚାଲାଣ ହେବାରେ ଲାଗିଛି ।

ଏଠି ପ୍ରଶ୍ନ ଉଠେ ଯେ, କାହାର ଛତ୍ର ଛାୟା ତଳେ ଚାଲିଛି ଉକ୍ତ ଚୋରା ବେପାର? ଜିଲ୍ଲା ରେ ମାଇନ୍ସ ବିଭାଗ ଅଛି ନା ନାହିଁ ତା ବର୍ତ୍ତମାନ ସନ୍ଦେହ ସୃଷ୍ଟି କରିଛି । କନିସି ତହସିଲର ନାକ ତଳେ ପୁଣି ଦିନ ଦ୍ୱିପ୍ରହରେ ବେଧଡ଼କ ଚୋରା ମରମ ଚାଲାଣ ହେଉଛି, ତାହା ବି କେମିତି ଜାଣି ପାରୁନାହାନ୍ତି, ଏହା ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ବୋଧେ ସମସ୍ତେ ଚାପରେ ଚେପା । ଏଠି ସାଧାରଣ ଜନତା ନିଶ୍ଚିତ ଯେ, କିଛି ମାଇନ୍ସ ବିଭାଗର ଅଧିକାରୀ ମୋଟା ଅଙ୍କ ନେଇ ସଲାସୁତୁରାରେ ଏହା ସମ୍ଭବ ହୋଇ ପାରୁଛି । ତେଣୁ ପ୍ରଶାସନ ଏଥିପ୍ରତି ସଜାଗ ନହେଲେ ପରିବେଶ ଶୃଙ୍ଖଳ ବିଗିଡି ଯିବା ସହିତ ରାଜସ୍ୱ ହାନୀ ହେବା ସାର ହେବ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା




ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ମୋବାଇଲ୍ ଆପ୍ ବିକାଶ’ ସଂପର୍କରେ ସାପ୍ତାହିକ ଦକ୍ଷତା ବିକାଶ ଜାତୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ପି.ଏମ୍ ଉଷାଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦଘାଟନ କରିଥିଲେ । ଏଭଳି କାର୍ଯ୍ୟକ୍ରମରୁ ଛାତ୍ରଛାତ୍ରୀମାନେ ଶିକ୍ଷାର ଗୁଣାତ୍ମକ ବିକାଶରେ ମୋବାଇଲ୍ ଆପ୍ ବ୍ୟବହାର ଓ ତା’ର ବହୁବିଧ ବିକାଶ ସଂପର୍କରେ କିପରି ନିଜର ଦକ୍ଷତାକୁ ପ୍ରତିପାଦିତ କରିପାରିବେ ସେ ସଂପର୍କରେ କୁଳପତି ଶତପଥୀ ତାଙ୍କର ଅଭିମତ ରଖିଥିଲେ ।

ସେହିପରି ମୁଖ୍ୟଅତିଥି ଭାବରେ ଆଇଆଇଟି ଧାନବାଦର ସିଷ୍ଟମ ଇଂଜିନିୟରର ଅଧ୍ୟକ୍ଷ ଡକଟର କୌଶିକ ମଣ୍ଡଳ ଏହି ଆପ୍‌ର ବ୍ୟବହାରର ଗୁଣବତ୍ତାକୁ ଛାତ୍ରଛାତ୍ରୀ ତଥା ଯୁବବର୍ଗ ବ୍ୟବହାର କରି ଆପଣାର ବ୍ୟକ୍ତିତ୍ୱ ବିକାଶ ସହିତ କର୍ମନିଯୁକ୍ତି ଏବଂ ଆବଶ୍ୟକ ଡିଜିଟାଲ ସୁବିଧା ସୁଯୋଗ ସଂପର୍କରେ କିପରି ଜ୍ଞାନ ଲାଭ କରିପାରିବେ, ସେ ସମ୍ବନ୍ଧରେ ତାଙ୍କର ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବରେ ସୁନାମଧନ୍ୟ ପ୍ରେରଣାଦାୟୀ ବକ୍ତା ଅବିନାଶ ସାମିଲ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ମୋବାଇଲ ଆପ୍ ବିକାଶ ସମ୍ପର୍କିତ ଅବଧାରଣାକୁ ବ୍ୟବହାର କରି ଉଚ୍ଚଶିକ୍ଷାରେ ତଥା ନିଜର ଭବିଷ୍ୟତର କାର୍ଯ୍ୟଦକ୍ଷତାକୁ ଛାତ୍ରଛାତ୍ରୀମାନେ କିପରି ଅଧିକ ତ୍ୱରାନ୍ୱିତ କରିପାରିବେ, ସେ ସଂପର୍କରେ ବୁଝାଇ କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ନିଜର ସଫଟେଓ୍ୱୟାର ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡ. ଅଭିଜିତ ତ୍ରିପାଠୀ ଏବଂ ବାଙ୍ଗାଲୋର ସ୍ଥିତ ଡିଏକ୍ସଓପିଏସ୍‌ର ପ୍ରତିଷ୍ଠାତା ଶୁଭମ୍ ଶର୍ମା ଯୋଗଦେଇ ମୋବାଇଲ ଆପ୍ ବିକାଶର ଉପଯୋଗିତା, ତା’ର ବ୍ୟାବହାରିକ ଦିଗ ଏବଂ ସେଥିପ୍ରତି ଲୋଡ଼ା ସଚେତନତା ସଂପର୍କରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମର ବାସ୍ତବ ରୂପାୟନ ପାଇଁ ଆହ୍ୱାନ ଜଣାଇଥିଲେ । ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ କାର୍ଯ୍ୟକ୍ରମର ସଫଳତା ସଂପର୍କରେ ଅଭିମତ ପ୍ରଦାନ କରିଥିଲେ । ଏହି ସାପ୍ତାହିକ କାର୍ଯ୍ୟକ୍ରମର ଆବାହକ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ସଫଳ ରୂପରେଖ ସଂପର୍କରେ ଅଭିମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା ଏବଂ ସହ-ଆବାହକ ଡ. ଶର୍ମିଳା ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଭାଗର ଅଧ୍ୟାପକମାନେ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ । ଏକ ସପ୍ତାହ ଧରି ଆୟୋଜିତ ହେବାକୁ ଥିବା ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଲୋଚକମାନେ ଯୋଗଦାନ କରିବା ସହିତ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କାର୍ଯ୍ୟକ୍ରମ ଆବାହକ ଡ. ଜନ୍ମେଞ୍ଜୟ ନାୟକ ସୂଚନା ପ୍ରଦାନ କରିଛନ୍ତି ।

# ଆମୋନିୟମ ନାଇଟ୍ରେଟ ଗୋଦାମ ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ କନ୍ଧଚନ୍ଦନପେଢ଼ି ଗ୍ରାମରେ ଆମୋନିୟମ ନାଇଟ୍ରେଟ୍ ଗୋଦାମ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି । ପୁନେର ବାଲାଜୀ କର୍ପୋରେସନ ନାମକ କମ୍ପାନୀ ଚନ୍ଦନପେଢ଼ି ଗ୍ରାମରେ ଜମି କ୍ରୟ କରି ଆମୋନିୟମ ନାଇଟ୍ରେଟ ଗୋଦାମ ଗୃହ ନିର୍ମାଣ ପାଇଁ ଏନଓସି ପ୍ରଦାନ ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପରେ ବୁଗୁଡ଼ା ତହସିଲ ପକ୍ଷରୁ ୨୪-୧୨-୨୫ ସୁଦ୍ଧା ଆପତ୍ତି ଅଭିଯୋଗ ଦାଖଲ କରିବା ପାଇଁ ଗତ ୮-୧୨-୨୫ ତାରିଖରେ ନୋଟିସ ଜାରି କରିଥିଲେ । ଏହାର ଉତ୍ତରରେ ଚନ୍ଦନପେଢ଼ି ଗ୍ରାମବାସୀ ତାଙ୍କ ଗ୍ରାମରେ ଆମୋନିୟମ ନାଇଟ୍ରେଟ ଗୋଦାମ ଗୃହକୁ ବିରୋଧ କରି ଡିସେମ୍ବର ୨୦ ତାରିଖରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ତେବେ କମ୍ପାନୀ କର୍ତ୍ତୃପକ୍ଷ କିଛି ଲୋକଙ୍କୁ ପ୍ରଲୋଭିତ କରି ସେମାନଙ୍କ ଫର୍ଜରୀ ଦସ୍ତଖତ ନେଇ ଗ୍ରାମରେ ଗୋଦାମ ଗୃହ ହେଉ ବୋଲି ତହସିଲ କାର୍ଯ୍ୟାଳୟକୁ ଲିଖିତ ଜଣାଇଥିଲେ । ଫଳରେ ବୁଗୁଡ଼ା ତହସିଲ ପକ୍ଷରୁ ଆଜି ଶୁଣାଣି କରିବା ପାଇଁ ଗ୍ରାମବାସୀଙ୍କୁ କାର୍ଯ୍ୟାଳୟକୁ ଡକାଯାଇଥିଲା । ଶୁଣାଣି ସମୟରେ ଗ୍ରାମବାସୀ ପ୍ରବଳ ବିରୋଧ କରିଥିଲେ । ଗ୍ରାମରେ କୋଠଘର କରାଯିବ କହି ସାଧା କାଗଜରେ ଗ୍ରାମର ନର୍ମଦା ନାୟକଙ୍କ ଠାରୁ ପୂର୍ବରୁ ଦସ୍ତଖତ ନିଆଯାଇଥିବା ଅଭିଯୋଗ ହୋଇଥିବା ବେଳେ ଆମୋନିୟମ ନାଇଟ୍ରେଟ ଗୋଦାମ ହେଲେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡିବା ସହ ଚାଷୀମାନେ କ୍ଷତିଗ୍ରସ୍ତ ହେବେ ଏବଂ ସେଠାରେ ହରିଣମାନେ ଅବାଧରେ ବିଚରଣ କରୁଥିବା ବେଳେ ସେମାନଙ୍କ ଉପରେ ମଧ୍ୟ କୁପ୍ରଭାବ ପଡିବା ନେଇ ଗ୍ରାମବାସୀ ଯୁକ୍ତି ବାଢିଥିଲେ । ଏପରି ଦୃଢ଼ ବିରୋଧ ସତ୍ତ୍ୱେ ତହସିଲ ପକ୍ଷରୁ ଯଦି ଏନଓସି ପ୍ରଦାନ କରାଯାଏ ତେବେ ଗ୍ରାମବାସୀ କୋର୍ଟର ଆଶ୍ରୟ ନେବାକୁ ବାଧ ହେବେ ବୋଲି ପ୍ରକାଶ କରିଛନ୍ତି ।

# ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଇଗ୍ନୋ କୁଳପତିଙ୍କ ଆଲୋଚନା



ବାରିପଦା, (ସବ୍ୟୁ) : ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଗତକାଲି କୁଳପତି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ର, ରାଇରଙ୍ଗପୁରକୁ ଆଧିକାରିକ ପରିଦର୍ଶନ କରିଥିଲେ । କୁଳପତିଙ୍କ ଦ୍ୱାରା ଏହି ପରିଦର୍ଶନ ଓ ଆଲୋଚନା ଏହି ଅଞ୍ଚଳରେ ମୁକ୍ତ ଓ ଦୂରଶିକ୍ଷା ସହିତ କୌଶଳ ଉନ୍ନୟନ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ପରିଗଣିତ ହେବ ।

କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସହ ଡାଇରେକଟର, ସ୍ପେସିଆଲ୍ ପ୍ରୋଜେକଟ, ଇଗ୍ନୋ ପ୍ରଫେସର ନୟନତାରା ପାଢ଼ୀ, କନଫେଡେରେସନ ଅଫ ଇଣ୍ଡିଆ ଇଣ୍ଡଷ୍ଟ୍ରିଜର ଆଶିଷ କୁମାର, ଇଗ୍ନୋଉ ଆଞ୍ଚଳିକ କେନ୍ଦ୍ର, ରାଇରଙ୍ଗପୁରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ମନୋଜ କୁମାର ଦାସ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ । ଆଲୋଚନା ସମୟରେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ, ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ରର ଶିକ୍ଷାତ୍ମକ, ପ୍ରଶାସନିକ ଏବଂ ଢାଞ୍ଚାଗତ ବ୍ୟବସ୍ଥାଗୁଡ଼ି ଜରିଆରେ ଅଂଚଳର ଗ୍ରାମୀଣ, ଜନଜାତି ଓ ଦୁର୍ଗମ ଅଞ୍ଚଳର ଶିକ୍ଷାର୍ଥୀମାନଙ୍କୁ ଉଚ୍ଚ ଶିକ୍ଷାର ସୁଯୋଗ ପହଞ୍ଚାଇବାରେ ଆଞ୍ଚଳିକ କେନ୍ଦ୍ର ଓ କୌଶଳ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମତପ୍ରକାଶ କରିଥିଲେ । ଏହା ଇଗ୍ନୋର ସମାବେଶୀ ଶିକ୍ଷା ଲକ୍ଷ୍ୟ ସହ ସମ୍ପୂର୍ଣ୍ଣ ସମନ୍ୱୟ ରଖେ ।

ଏହି ଅବସରରେ କୁଳପତି ପ୍ରଫେସର ଉମା କାଞ୍ଜିଲାଲ ଜାତୀୟ ଶିକ୍ଷା ନୀତି୨୦୨୦ ଅନୁସାରେ କୌଶଳମୁଖୀ ଓ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ପ୍ରଚାରରେ କୌଶଳ କେନ୍ଦ୍ରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଅଧିକ ଶିଳ୍ପ-ସମ୍ପର୍କିତ ସର୍ଟିଫିକେଟ୍ ଓ ଡିପ୍ଲୋମା କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ସ୍ଥାନୀୟ ପ୍ରତିଷ୍ଠାନ, ଶିଳ୍ପ ଏବଂ ସରକାରୀ ବିଭାଗମାନଙ୍କ ସହ ସହଯୋଗ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିକାଶ କରିବା ନିମନ୍ତେ ବିଭିନ୍ନ ପ୍ରକାର ସମ୍ବନ୍ଧିତ ପାଠ୍ୟକ୍ରମ ପ୍ରସ୍ତୁତ ସହିତ ତାଲିମ ଜରିଆରେ ଦକ୍ଷତା ବିକାଶ କରାଯିବ ଯଦ୍ୱାରା ଭବିଷ୍ୟତରେ ଶିକ୍ଷାର୍ଥୀମାନଙ୍କ ପାଇଁ ନିଜ ଅଂଚଳରେ ଶିଳ୍ପ ଭିତ୍ତିକ ନିଯୁକ୍ତି ପାଇଁ ପଥ ସୁଗମ ହେବ ବୋଲି କହିଥିଲେ । ଜିଲ୍ଲାପାଳ ଇଗ୍ନୋର ସମସ୍ତ କାର୍ଯ୍ୟକଳାପ ଓ ପ୍ରୟାସ ପାଇଁ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କୁଳପତିଙ୍କ ଏହି ପରିଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ପ୍ରତି ଇଗ୍ନୋଉ ଅଙ୍ଗୀକାରକୁ ପୁନଃ ସ୍ଥାପିତ କରିବ ଏବଂ ଏହା ମୟୂରଭଞ୍ଜ ଅଞ୍ଚଳରେ ଶିକ୍ଷା ଓ କୌଶଳ ଉନ୍ନୟନ କାର୍ଯ୍ୟକଳାପକୁ ନୂତନ ଦିଗଦର୍ଶନ ଦେବ ବୋଲି ଆଶା କରାଯାଉଛି । ବୈଠକରେ ଉପଜିଲ୍ଲାପାଳ ରାଇରଙ୍ଗପୁର ସୌମ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲପାଳ ଦୁଖିବନ୍ଧୁ ନାୟକଙ୍କ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ, ବାରିପଦା ବନଖଣ୍ଡ ଅଧିକାରୀ, ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୋଜନ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଏମ୍‌ପିସି ମହାବିଦ୍ୟାଳୟର ଅଧ୍ୟକ୍ଷ, ଏମ୍‌ଏସସିବି ବିଶ୍ୱବିଦ୍ୟାଳୟର ସଚିବ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁରଲୀଙ୍କ ଜନ୍ମ ଦିନରେ ମେଗା ରକ୍ତଦାନ ଶିବିର, ୪୧୧ ୟୁନିଟ୍ ସଂଗ୍ରହ



ବ୍ରହ୍ମପୁର, (ସବ୍ୟୁ) : ଅର୍ବାନ୍ ବ୍ୟାଙ୍କ ସଭାପତି, ପୂର୍ବତନ କର୍ପୋରେଟର ତଥା ସମାଜସେବୀ ଆର୍, ମୁରଲୀ ମୋହନ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରି ଉଦାହରଣ ସୃଷ୍ଟି କରିଛନ୍ତି । ଗତ ୧୫ ବର୍ଷ ଧରି ଜନ୍ମଦିନରେ ଏଭଳି ମହତ କାର୍ଯ୍ୟ କରିଆସୁଥିବା ବେଳେ ଚଳିତ ବର୍ଷ ମେଗା ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ରାଧାକୃଷ୍ଣ ବଣିକ ସଂଘ, ଫ୍ରେଣ୍ଡସ୍ ଫର୍ ଏଭର୍ ଗ୍ରୁପ ଓ ଶଙ୍କର ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ତୁଳସୀ ନଗର ମେନ୍ ରୋଡରେ ଥିବା ଲକି ସେଲେବ୍ରେସନରେ ମେଗା ରକ୍ତଦାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ପରୀକ୍ଷା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ମୂରଲୀଙ୍କ ମା’ ଆର ସାବିତ୍ରୀ, ସମାଜସେବୀ ଅରକ୍ଷିତ ଜେନା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବରିଷ୍ଠ ନେତା ସୁବାଷ ମହାରଣା ଯୋଗ ଦେଇ ରକ୍ତଦାନ ଶିବରର ଶୁଭାରମ୍ଭ କରିଥିଲେ । ମହାନଗର ନିଗମର କର୍ପୋରେଟର ତିରୁପତି ପାତ୍ର, ପ୍ରଦୀପ ଶତପଥୀ, ଡି କରୁନ କର, ଏନ ଆପା ରାଓ, ଟି କିଶୋର, ରଞ୍ଜିତା ବେହେରା ପ୍ରମୁଖ ଯୋଗ ଦେବା ସହ ଅର୍ବାନ ବ୍ୟାଙ୍କର ସମସ୍ତ ସଦସ୍ୟ ଓ କର୍ମଚାରୀ ଯୋଗ ଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ । ରକ୍ତଦାନ ଶିବିରରେ ମୋଟ ୩୯୯ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୪୧୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୫୦ଜଣଙ୍କ ଅସ୍ତ୍ରୋପଚାର କରିବା ନେଇ ଡାକ୍ତରମାନେ ପରାମର୍ଶ ଦେଇଥିଲେ । ଏହାଛଡ଼ା ୧୫ନଂ ଓ୍ୱାର୍ଡ଼ ସମେତ ଆଖପାଖ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ହୃଦରୋଗ, ସ୍ନାୟୁ ରୋଗ, ଅସ୍ଥି ଶଲ୍ୟ, ମଧୁମେହ, ରକ୍ତଚାପ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ଏଭଳି ଏକ ମହତ କାର୍ଯ୍ୟ ପାଇଁ ମୁରଲୀଙ୍କୁ ଅତିଥିମାନେ ପ୍ରଶଂସା କରିବା ସହ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅର୍ବାନ୍ ବ୍ୟାଙ୍କ ସଭାପତି ମୁରଲୀ ସମସ୍ତଙ୍କ ଭଲପାଇବା ଓ ଭଗବାନଙ୍କ କୃପାରୁ ଏହା ସମ୍ଭବ ହୋଇପାରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଧାକୃଷ୍ଣ ବଣିକ ସଂଘର କର୍ମକର୍ତ୍ତା ମନୋଜ କୁମାର ସାହୁ, ତିରୁପତି ସୁବୁଦ୍ଧି, ସତ୍ୟନାରାୟଣ ପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ସୁବାସ ପାତ୍ର, ପଞ୍ଚାନନ ରାଉତ, ସନ୍ତୋଷ କୁମାର, ଅହମ୍ମଦ, ରମେଶ ନାୟକ, ମନୋରଞ୍ଜନ ପଟ୍ଟନାୟକ, ସୀମାଞ୍ଚଳ ପଣ୍ଡା, ସରୋଜ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସନ୍ଧ୍ୟାରେ ଜରା ଆଶ୍ରମରେ କେକ୍ କଟିବା ସହ ଫଳ ବଣ୍ଟନ ପରେ ଏମକେସିଜି ମେଡ଼ିକାଲରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା ।

ସମୟ

# ଛିନତାଇ : ୧ ଗିରଫ

ବାଲିଚନ୍ଦ୍ରପୁର, (ସବ୍ୟୁ) : ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଜଣେ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ଗତ କାଲି ରବିବାର ଛୁଟି ଦିନ ଥିବାରୁ ଓଳାଶୁଣୀ ଗୁମ୍ଫାମେଳାରେ ନାହିଁନଥିବା ଭିଡ଼ ଦେଖିବାକୁ ପଡ଼ିଥିଲା । ତେବେ ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ସହ ଡ଼ାକବାଜି ଯନ୍ତ୍ର ଯୋଗେ ପକେଟମାର ଓ ଲୁଟେରାଙ୍କ ପ୍ରତି ସଚେତନତା ରହିବା ପାଇଁ ଯାତ୍ରୀ ଓ ଶ୍ରଦ୍ଧାଳୁ ମାନଙ୍କୁ ସୂଚନା ଦିଆଯାଇଥିଲା । ଏହି ମେଳା ଦେଖିବା ପାଇଁ ଡ଼େରାବିଶ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଧୀରେନ୍ଦ୍ର ମଲ୍ଲିକ ସପରିବାର ଆସିଥିଲେ । ମେଳା ପଡ଼ିଆରେ ବୁଲିବା ସମୟରେ ମାହାଙ୍ଗା ଥାନା କୁମୁଡ଼ା ଗ୍ରାମର ବାବୁଲା ଦାସଙ୍କ ପୁଅ ବବୁଲ ଦାସ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ କାନରୁ କାନଫୁଲ ଛିଡ଼ାଇ ନେଇ ଭିଡ଼ ଭିତରକୁ ଦୌଡ଼ି ପଳାଇଥିଲା । ସେ ଚିକାର କରିବାରୁ ପାଖାପାଖି ଥିବା ପୋଲିସ ମାନେ ତା ପଛରେ ଦୌଡ଼ି ତାକୁ କାବୁ କରି ମେଳା ପରିସରରେ ହୋଇଥିବା ଅସ୍ଥାୟୀ ପୋଲିସ ପୋଷ୍ଟକୁ ଆଣିଥିଲେ । ତାକୁ ପୋଲିସ ଯେତେ କହିଲେ ବି ସେ ସୁନା ଚୋରି କରିନାହିଁ ବୋଲି ସଫେଇ ଦେବା ପରେ ପୋଲିସ ତାର ଜିଭ ତଳୁ ସୁନା କାନଫୁଲ ଉଦ୍ଧାର କରି ବବୁଲକୁ ଗିରଫ କରିବା ସହିତ ମହିଳାଙ୍କୁ ତାଙ୍କ କାନଫୁଲ ଦେଇଥିଲେ । ବାଲିଚନ୍ଦ୍ରପୁର ପୋଲିସ ଏ ନେଇୟୁଏସ ୩୦୪(୨) ବି.ଏନ.ଏସ ଦଫାରେ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସମରଜିତ୍ ନାୟକଙ୍କ ଠାରୁ ପ୍ରକାଶ ।

# ପୁସ୍ତକ ମେଳା ଷଷ୍ଠ ସନ୍ଧ୍ୟା : ସ୍ୱାଭାବିକ ଜୀବନକୁ ଜୀବନ୍ତ ରୁପଦିଏ ନାଟକ

ଜଗତସିଂହପୁର, (ସବ୍ୟୁ) :ପାରମ୍ପରିକସୂତ୍ରରେସମ୍ପର୍କନ୍ୱିତହୋଇ ଆସିଛନ୍ତି । ଏ ସମ୍ପର୍କ ନିଷ୍ପ୍ରଭ ହେବା ଅସମ୍ଭବ ବୋଲି ଆଜି ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜଗତସିଂହପୁର ପୁସ୍ତକ ମେଳାର ଷଷ୍ଠସଂଧ୍ୟାରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ର ଯାତ୍ରା ଓ ରୁଦ୍ରମଞ୍ଚ ନାଟକ : ଏକ ତୁଳନାତ୍ମକ ଅଭିବ୍ୟକ୍ତି ବାବଦରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସ୍ୱାଭାବିକ ଜୀବନକୁ ନାଟକ ଜୀବନ୍ତ ରୂପ ଦିଏ ବୋଲି ମଧ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆସରରେ ସମ୍ମାନନୀୟ ଅତିଥି ଭାବରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗ୍ରାମ୍ୟ ନିର୍ମାଣ ବିଭାଗ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଞ୍ଜିନିୟର ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଜିର ଇଣ୍ଟରନେଟ ଯୁଗରେ ପୁସ୍ତକ ମେଳାର ଆଶ୍ୟକତା ବାବଦରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଶ୍ରୀମାନ ସାଇ ସୂର୍ଯ୍ୟ




ମହାପାତ୍ର ବେଦ ପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ଡଃ .କୈଳାସ ଚନ୍ଦ୍ର ମଲ୍ଲିକ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆଜିର ଆସରକୁ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ରସାନନ୍ଦ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା । ଏହି ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ପରିଶେଷରେ ସାଂସ୍କୃତିକ ପରିଷଦର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବାହ୍ନରେ ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ବନମାଳୀ ସାହୁ ମେମୋରିଆଲ୍ ଟ୍ରଷ୍ଟ, ଜଗତସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବି କୁମାର ରାଉତ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ୍ ଜେନା,ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ରାଧାକାନ୍ତ ସାହୁ, ରମାକାନ୍ତ ସାହୁ, ସ୍ନେହ ମଞ୍ଜରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟଧନ ମହାରଣା ଓ ଅବିନାଶ ସ୍ୱାଇଁ, ବିପିନି ସେଠୀ ସହଯୋଗ କରିଥିଲେ । ଅପରାହ୍ନରେ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ଆଦ୍ୟାଶା ମ୍ୟୁଜିକ୍ ଭୁବନେଶ୍ୱରରର କଳାକାର ମାନଙ୍କ ଦ୍ୱାରା ଅକ୍ଷୟ ମହାନ୍ତି ନାଇଟ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କଟକ ସାଇବର ପୋଲିସ ପକ୍ଷରୁ ଚଢାଉ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ତରଞ୍ଜିଆ ପଂଚାୟତ ପୋବଳ ଗ୍ରାମର ଜଣେ ସାବର ଠକ ଘର ଉପରେ ଗତକାଲି ବିଳମ୍ବିତ ରାତିରେ ଚଢଉ କରାଯାଇଛି। ସୂଚନା ମୁତାବକ ପୋବଳ ଗ୍ରାମର ଚିତ ଜେନାଙ୍କ ପୁଅ ସରୋଜ ଜେନା(୨୬) ମୋବାଇଲ ମାଧ୍ୟମରେ ସାଇବର ଠକେଇ କରି ଜଣେ ଲୋକଙ୍କ ପାଖରୁ ବିଭିନ୍ନ ସମୟରେ ନିଜ ଏକାଉଂଟ ଓ ନିଜ ସଂମ୍ପର୍କିୟ ଏକାଉଂଟକୁ ୮୮ ଲକ୍ଷ ଠକି ନେଇଥିବା କଟକ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଅଧାର କରି କଟକ ସାଇବର ଥାନା ପୁଲିସ ଧର୍ମଶାଳା ପୁଲିସ ସହାୟତାରେ ଗତ କାଲି ରାତିରେ ପୋବଳ ଗ୍ରାମସ୍ଥିତ ସରୋଜ ଜେନା ଘରେ ଚଢାଉ କରି ପାଖାପାଖି ୧୫ ଲକ୍ଷ ଟଙ୍କା ଓ କିଛି ସୁନାରୁପା ଗହଣା ସମେତ ଏକ ବୁଲେଟ ବାଇକ ଓ ଓଲାକମ୍ପାନୀର ଏକ ଇଲେଟ୍ରି ବାଇକକୁ ଜବତ କରିନେଇଛି। ଏଥିସହ ସ୍ଥାନୀୟ ଅଂଚଳର ୩ ଜଣ ଯୁବକଙ୍କୁ କଟକ ସାଇବର ପୁଲିସ ଉଠା ନେଇଥିବା ଜଣାପଡିଛି। ତେବେ ସରୋଜ ଜେନା ଦିନ ସାରା କ୍ରିକେଟ ଖେଳରେ ମାତିଥିବା ବେଳେ ରାତିରେ ଏଭଳି ସାଇବର କ୍ରାଇମ କରିଥାଏ ବୋଲି ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନୟକ ସୂଚନା ଦେଇଛନ୍ତି।

# କାଡା ବିଭାଗରେ ଚାଲିଛି ନିମ୍ନମାନର କାର୍ଯ୍ୟ

କୁଆଁପାଳ , (ସବ୍ୟୁ) ସରକାର ଚାଷୀ ମାନଙ୍କ ଉନ୍ନତି ପାଇଁ ଜଳସେଚନର ସୁବିଧା ଦୃଷ୍ଟିରୁ କାଡା ବିଭାଗ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରି କାଡା ନାଳିର ପୁନଃ ଉଦ୍ଧାର ଓ ଉନ୍ନତି କରଣ ଆଦି କାର୍ଯ୍ୟ କରାଯାଉଛି । କିନ୍ତୁ ବିଭାଗୀୟ ଅଧିକାରୀ ଓ ପାଣି ପଂଚାୟତ ଠିକାଦାରଙ୍କ ସଲାସୁତରାରେ ତାହା ବାଟ ବଣା ହେବାରେ ଲାଗିଛି । ଯାହାକି ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଧିନ ଗୌଡପଡା ଠାରେ ସାଲେପୁର କାଡା ବିଭାଗ ଅଧିନ ଓ ଗଙ୍ଗେଶ୍ୱର ପାଣି ପଂଚାୟତ ଅଧିନରେ କାର୍ଯ୍ୟ ହେଉଥିବା କାଡା ନାଳି ଢଳାଇ କାର୍ଯ୍ୟରେ । ଖବରରୁ ପ୍ରକାଶ ଏହି ନିର୍ମାଣ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ କରାଯାଉଛି । ଏଠାରେ ବ୍ୟବହାର ହେଉଥିବା ସାମଗ୍ରୀ ଗୁଡିକ ସଠିକ୍ ଭାଗ ମାପରେ କରାଯାଉନଥିବା ବେଳେ ମାଟି ମିଶା ଗୋଡିରେ ଢଳେଇ ପକାଯାଉଛି । ଏପରିକି ଢଳାଇରେ ଚିଂ ସହିତ ଚିଲା ମେଟାଲ ମିଶାଇ ଢଳାଇ କରାଯାଉଛି । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ନିର୍ମାଣଧିନ ନାଳୀର ଉଚ୍ଚତା କମ ରହୁଥିବାରୁ ବର୍ଷା ଦିନେ ନାଳୀର ଉଭୟ ପାଶ୍ୱର୍ରେ ଥିବା ରାସ୍ତା ଓ ମାଟି ବନ୍ଧରୁ ମାଟି ଖସି ନାଳୀରେ ପ୍ରବେଶ କରି କ୍ଷେତକୁ ଜଳସେଚନରେ ବାଧା ସୃଷ୍ଟି କରିବାର ଆଶଙ୍କା ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଯଦି ଏପରି ନିମ୍ନମାନର କାର୍ଯ୍ୟ କରାଯାଏ ତେବେ କାଡା ନାଳୀର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଭବିଷ୍ୟତରେ ଚାଷୀଙ୍କ କ୍ଷେତକୁ ଜଳସେଚିତ କରାଯିବାରେ ବାଧା ଉପୁଜିବ। ଏପରିକି ଢଳାଇ ସମୟରେ ବିଭାଗୀୟ କୌଣସି କର୍ମଚାରୀ କିମ୍ବା ଅଧିକାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି । ଏହି ନିମ୍ନ ମାନର ନିର୍ମାଣ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଏହା ଉପରେ ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବୀ ହୋଇଛି ।

# ନାଉଗାଁ ବ୍ଲକରେ ବନ୍ଦେ ମାତରମ୍ ୧୫୦ ପୂର୍ତ୍ତି ଉତ୍ସବ ପାଳନ

ନାଉଗାଁ ,(ସବ୍ୟୁ) : ନାଉଗାଁ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବନ୍ଦେ ମାତରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡା, ମୁଖ୍ୟବକ୍ତାଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ଚୈତନ୍ୟ ପରିଡା, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିନେଶ ରାୟ, ଜିପିଓ ସୌରଜିତ ମହାପାତ୍ର, ଶିକ୍ଷକ ସୁକାନ୍ତ କୁମାର ଲେଙ୍କା, ହିମାଂଶୁ କୁମାର ମହାନ୍ତି, ସୁଧୀର କୁମାର ବିଶ୍ୱାଳ, ମାନସ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ବନ୍ଦେ ମାତରମ୍ କାର୍ଯ୍ୟକ୍ରମର ଲକ୍ଷ୍ୟ



ଓ ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ଏହା ସହିତ ଉକ୍ତ କାର୍ଯ୍ୟକ୍ରମରେ ତିହୁଡ଼ା ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ର ଓ ବାଂଶ ବାସୁଦେବ କଳାନିକେତନର କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ଓ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଉକ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ କରାଯାଇଥିବା ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅକ୍ଷୟ କୁମାର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବସନ୍ତ କୁମାର ଦାସ ଅତିଥି ମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ଲକକାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ସମସ୍ତ ସିଆରସିସି ମାନେ ସହଯୋଗ କରିଥିଲେ।

# ବେଆଇନ ଚାନ୍ଦା ୪ ଅଦାଲତ ଚାଲାଣ

ପାଣିକୋଇଲି, (ସବ୍ୟୁ) : ବେଆଇନ ଚାନ୍ଦା ମାଗିବା ଓ ଆକ୍ରମଣ ଅଭିଯୋଗରେ ପାଣିକୋଇଲି ପୁଲିସ ଚାରି ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଅନିରୁଦ୍ଧ ବାରିକ (୪୦) ,ଅଂଜନ ଦାସ (୩୩) ପ୍ରେମାନନ୍ଦ ବାରିକ(୩୮) ଓ ତାପସ କୁମାର ଦାସ (୨୮) । ସଠିପୁର ସାନବରୁଣେଇପଦାସ୍ଥିତ ବାବା ଚନ୍ଦ୍ରଶେଖର ରାଇସ ମିଲକୁ ଚାନ୍ଦା ଆଦାୟ କରିବା ଲାଗି ଯାଇଥିଲେ । ମିଲର କର୍ମଚାରୀ ମାନଙ୍କ ସହିତ ତାଙ୍କର ବଚଶା ହୋଇଥିଲା । ପରେ ଆକ୍ରମଣ କରାଯାଇଥିଲା। ମିଲର ପରିଚାଳକ ଚିତରଂଜନ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ ।

# ଭୁଷଣ୍ଡପୁର ଉଦ୍ୟାନରେ ଦାସ ପରିବାର ପକ୍ଷରୁ ମାତୃପୂଜନ

ଚଣ୍ଡିଖୋଲ ,(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଉଦ୍ୟାନରେ କଳସପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଦାସଙ୍କ ଜୟନ୍ତି ଅବସରରେ ଏକ ମାତୃପୂଜନ କାର୍ଯ୍ୟକ୍ରମ ଓ ଦାସ ପରିବାର ପକ୍ଷରୁ ସାମୂହିକ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା ଲକ୍ଷ୍ମୀପ୍ରିୟାଙ୍କ ଦୀର୍ଘ ଜୀବନ କାମନା କରି ମାତୃପୂଜନ କରାଯିବା ସହିତ ମାତୃବନ୍ଦନା କରାଯାଇଥିଲା। ଇତ୍ୟବସରରେ ଦାସ ପରିବାରର ସଦସ୍ୟମାନେ କେକ କାଟି ମାଙ୍କ ଦୀର୍ଘ ଜୀବନ କାମନା ଆବୃତ୍ତି କରାଯାଇଥିଲା। ଏଥିରେ ଭାଗିରଥି-କଲ୍ୟାଣୀ, ସର୍ବେଶ୍ୱର -ଭାରତୀ, ହରି-ପ୍ରଭାତୀ, ମୋହନ-ରନିବତୀ,ଟୁକୁନା -ପଦ୍ମାବତୀ, ଜ୍ୟୋତି -ଦମୟନ୍ତୀ, ବାବୁନ -ଝୁନା, ଚନ୍ଦନ-କୁନି, ବୁବୁନ -ରିଙ୍କିଲି,ବାପୁନୁ-ଅଞ୍ଜି, କୁନୁ -ସୀମା ଯୋଡି ଯୋଗଦେଇ ଉତ୍ସବକୁ ଅଧିକ ସରଶ ସୁନ୍ଦର କରିଥିଲେ। ପରେପରେ ସେଠାରେ ସାମୂହିକ ବଣଭୋଜିରେ ସମସ୍ତଙ୍କୁ ଆପ୍ୟାୟିତ କରାଯିବା ସହ ଫଟୋ ସେଶନ ହୋଇଥିଲା।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ

ଚଣ୍ଡିଖୋଲ,(ସବ୍ୟୁ) ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ସ୍ଥିତ ବରିଷ୍ଠ ନାଗରିକ ମଂଚ ସମ୍ମିଳନୀ କକ୍ଷରେ ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ହେମନ୍ତକୁମାର ସାମଲ, ଉପ ସଭାପତି କ୍ଷୀରୋଦ



ମାହାଲା,କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ବିଶ୍ୱାଳ,ଦୁଃଖୀ ଶ୍ୟାମ ସାହୁ, ଲକ୍ଷ୍ମୀଧର ସାହାଣୀ, ଶିବରାମ ସାହୁ,ବିଜୟ କୁମାର ଜେନା, ରଞ୍ଜନ କୁମାର ଜେନା ,ଉତ୍ତମ ରଣା, ଶାରଦା ମହାନ୍ତି, ବାଟକୃଷ୍ଣ ଜେନା, ଶଙ୍କର୍ଷଣ ସାହୁ, ଇଶ୍ୱର ଚନ୍ଦ୍ର ସାମଲ,ଅଶୋକ କୁମାର ରାଉତ, କୀର୍ତ୍ତନ ବେହେରା, ଜଗବନ୍ଧୁ ସାହୁ ବସନ୍ତ କୁମାର ସ୍ୱାଇଁ, ଦୁଷ୍ମନ୍ତ ସ୍ୱାଇଁଙ୍କ ସହ ବହୁ ସଦସ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ସଭ୍ୟ ମାନଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ପୁର୍ବ ବ୍ୟେଠକର ବୀବରଣୀ ପାଠ କରିଥିଲେ। ଚଳିତ ବର୍ଷ ପାଇଁ ବରିଷ୍ଠ ନାଗରିକ ମଂଚର ଏକ ନୂତନ ପରିଚାଳନା କମିଟି ଗଠନ ପାଇଁ ସର୍ବସମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଓ ବରିଷ୍ଠ ନାଗରିକ ମାନେ କିପରି ସମ୍ମାନ ଓ ସୁରକ୍ଷାର ସହ ବଂଚିବେ ଏବଂ ସେମାନଙ୍କୁ କିପରି ସରକାରଙ୍କ ସମସ୍ତ ସୁବିଧା ମିଳିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପାଇଁ ପୁନର୍ବାର ଶେଷଦେବ ନାୟକଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଆସନ୍ତା ଜାନୁଆରୀ ୨୬ତାରିଖରେ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କୁ ଚୟନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା।

# ଶିକ୍ଷକଙ୍କ ସ୍ମୃତିଚାରଣ

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଂଚାୟତ ଗୋପୀନାଥପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଏସ ଆଇ ଚକ୍ରଧର ସାହୁଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଶିକ୍ଷାବିତ କୈଳାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତିଚାରଣ ସଭାରେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଶଶୀ ଭୂଷଣ ସାହୁ, ଡାକ ବିଭାଗର ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର କୀର୍ତ୍ତନ ବିହାରୀ ସାହୁ, ଶିକ୍ଷାବିତ ଦଶରଥ ସାହୁ, ପ୍ରତାପ ରୁଦ୍ର ପଣ୍ଡା, ପ୍ରଦୀପ କୁମାର ସାମଲ ଯୋଗ ଦେଇ ଚକ୍ରଧର ସାର ଙ୍କ ଦକ୍ଷତା,ପରିବାର ପ୍ରତି ଅବଦାନ ସମ୍ପର୍କରେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ପତି, ପ୍ରକାଶ ଚନ୍ଦ୍ର ରଥ, ଆନନ୍ଦ ସାହୁ, ଗୋଲଖି ବିହାରୀ ରାଉତ, କୁଳମଣି ନାୟକ,ଭାତୃଭାଗ୍ୟଧର, ପ୍ରଭାକର, ଦିବାକର, ପୁଅ ମାନସ ମନୋରଞ୍ଜନ, ଜ୍ଞାନ ରଞ୍ଜନ, ଚିତ୍ତ ରଞ୍ଜନ, ବିବେକ, ଆଦର୍ଶ ଓ ବନ୍ଧୁ ପରିବାର ସଭିଏଁ ଶୋକ ପ୍ରକଟ କରିଥିଲେ।

# ମହିଳାଙ୍କୁ ଦୁଷ୍କର୍ମ : ଶଳା, ଭିଣୋଇଙ୍କୁ ୧୦ ବର୍ଷ ଜେଲ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଏକ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଘଟଣାର ବିଚାର କରି ଶଳା ଭିଣେଇଙ୍କୁ ୧୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛି"। ଜରିମାନା ଅନାଦାୟ ଆଉ ଏକ ବର୍ଷ ଜେଲ ଭୋଗିବାକୁ ହେବ। ଘଟଣାରୁ ପ୍ରକାଶ ଯେ, ଜମ୍ବୁ ମେରାଇନ ଥାନା ପେଟଛଲା ଗ୍ରାମର ଜଣେ ମହିଳାଙ୍କୁ କେନ୍ଦ୍ରାପଡା ସଦର ଥାନା ଅଂର୍ଗତ ଦୁତିଆଳ ଗ୍ରାମର ଗୌତମ ସାମଲ ଓ ଅଭୟ ରାଉତ (ଅଭିମନ୍ୟୁ) ୧.୭.୨୦୨୪ ଦିନ ୧୦ଟା ସମୟରେ ଘରେ ଏକା ଦେଖି ପ୍ରଥମେ ଗୌତମ ସାମଲ ଦୁଷ୍କର୍ମ କରିବା ପରେ ୧୦ ମିନିଟ୍ ପରେ ଅଭୟ ରାଉତ ପୁନର୍ବାର ତାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ମହିଳା ଜଣଙ୍କ ମେରାଇନ ଥାନାରେ ଏତଲା ଦେବାପରେ ଥାନା ଅଧିକାରୀ ଏକ ମାମଲା ରୁଜୁକରି ଘଟଣାର ତଦ" କରିଥିଲେ। ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ମାମଲାର ବିଚାର କରି ବିଚାରପତି ତ୍ରିବିକ୍ରମ କେଶରୀ ଚିନାରା ଉଭୟ ଶଳା, ଭିଣେଇଙ୍କୁ ୧୦ ବର୍ଷ ଜେଲରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି"। ଜରିମାନା ଅନାଦାୟ ଆଉ ୧ ବର୍ଷ ଜେଲରେ ରହିବାକୁ ପଡିବ। ଏଥି ସହିତ ପିଡିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛି"। ମାମଲାକୁ ସରକାରୀ ଓକିଲ ସମର କେଶରୀ ମହାପାତ୍ର ପରିଚାଳନା କରୁଥିଲେ।

# କାହା କାନକୁ ଶୁଭିଲାନି କ୍ରିଷର କାନ୍ଦ

ପାରାଦ୍ୱୀପ,(ଜିପ୍ର) : କ୍ରିଷ ସ୍ୱାଇଁ, ବୟସ ୭ମାସ ଗୁଲୁ ଗାଲିଆ ଡଉଲ ଡାଉଲ ଚେହେରା ସବୁଦିନ ଭଳି ତା ମା ଠାରୁ କୋଳରେ ପଡ଼ି ତେଲ ଘସା ଖାଇ ସାରିବା ପରେ କଅଁଳିଆ ସୂର୍ଯ୍ୟ କିରଣ ପରସ ପାଇ ଗାଧେଇ ସାରିଥିଲା। ଘର ଅଗଣାରେ ବିଛଣା ପାରି ମଶୁରି ଟାଙ୍ଗିବା ସହ ମା ତାକୁ ଖାଇବାକୁ ଦେଇ ଶୁଆଇ ମଧ୍ୟ ଦେଇଥିଲା। ଆଉ କିଛି ସମୟ ପରେ ଉଠିଥାନ୍ତା , କୁଆଁ କୁଆଁ ରଡି ଛାଡି ପୁଣି ତା ମା କୁ ଭୋକ କଲାଣି ବୋଲି ସୂଚନା ଦେଇ ମା ଠାରୁ କ୍ଷୀର ଖାଇଥାନ୍ତା କିନ୍ତୁ ବିଧିର ବିଧାନ ଥିଲା ଅଲଗା। କ୍ରିଷ ନିଦରୁ ଉଠିଛି କୁଆଁ କୁଆଁ ରଡି ଛାଡି ତା ମା କୁ ଅନେକ ଡାକିଛି ହେଲେ ତା ମା ଆଉ ଶୁଣିନି ମାତ୍ର କେଇ ହାତ ଦୂରରେ ନିଆଁରେ ପୋଡି ହୋଇ ଦିନ ଦ୍ୱିପ୍ରହରେ ଛଟପଟ ହୋଇ ଆରପାରିକୁ ଚାଲିଯାଇଛି। ସାତ ମାସର କୁନି ପିଲା କ୍ରିଷର କାନ୍ଦ ନାଁ ତା ମା କାନରେ ବାଜିଲା କିମ୍ବା ସାଇ ପଡିଶା ପାଖଘର ଲୋକଙ୍କ କାନକୁ ଶୁଭିଲା। ଏହି ଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ପାରାଦ୍ୱୀପ ଉପକଣ୍ଠ ଭୁତମୁଣ୍ଡାଇ ପଂଚାୟତର ପିପଳ ଗ୍ରାମରେ।ଜଙ୍ଗ ଦୁଆଡିଆ ଗ୍ରାମର ରୀନା ଦଳେଇ ପିପଳ ଗ୍ରାମର ସ୍ମୃତି ରଞ୍ଜନ ସ୍ୱାଇଁ ଙ୍କୁ ୧୪-୭-୨୦୨୪ ରିଖ ରେ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ହସ ଖୁସିରେ ଚାଲିଥିଲା ତାଙ୍କ ସଂସାର ଭଗବାନ କୋଳରେ ପୁତ୍ର ସନ୍ତାନ ଟିଏ ଉଭୟ ଙ୍କୁ ଦେଇଥିଲେ ବାପା ମା ଶ୍ରଦ୍ଧାରେ ତାର ନାମ କ୍ରିଷ ସ୍ୱାଇଁ ରଖିଥିବା ବେଳେ କ୍ରିଷକୁ ନେଇ ଉଭୟ ଅନେକ ସ୍ୱପ୍ନ ମଧ୍ୟ ଦେଖିଥିଲେ ବାପା ସ୍ମୃତି ରଞ୍ଜନ ସକାଳୁ ଡ୍ୟୁଟିକୁ ଯାଇଥିଲା ବେଳେ କ୍ରିଷର ଆଇମା ଦୁରାରୋଗ୍ୟରେ ପୀଡିତ ଥିବାରୁ କେମୋ ନେବା ପାଇଁ ସୁଦୂର ଭୁବନେଶ୍ୱର ଯାଇଥିଲେ। ଘରେ ଥିବା କ୍ରିଷ ର ଅଜା ପକ୍ଷାଘାତ ରୋଗରେ ପୀଡିତ ହୋଇ ଗୋଟିଏ ଜାଗାରେ ବସି ରହିଥିବା ବେଳେ ରୋଷେଇ ଚାଳିଆ ଭିତରେ ରୀନା କୁମାରୀ କୌଣସି କାରଣ ବଶତଃ ନିଆଁ ଲାଗି ଅର୍ଦ୍ଧଦଗ୍ଧ ହୋଇ ପୋଡି ମରିଛନ୍ତି। ରୀନାଙ୍କ ବାପ ଘର ଲୋକ ପାରାଦ୍ୱୀପ ଲକ ଥାନାରେ ପଚାଶ ହଜାର ଟଙ୍କା ଅଧିକ ଯୌତୁକ ଦାବି କରି ରୀନାକୁ ପାଳଗଦା ପାଖରେ ଶାଶୁଘର ଲୋକ ପୋଡି ମାରି ଦେଇଥିବା ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ସାଇଣ୍ଟିଫିକ ଟିମ ର ସହାୟତା ନେଇ ତଦନ୍ତ କରିବା ସହ ଶବ କୁ ଜବତ କରି ସ୍ୱାମୀ ସ୍ମୃତି ରଞ୍ଜନକୁ ଅଟକ ରଖିଛି ।

# ଗୋ ଚାଲାଣ : ବଜରଙ୍ଗ ଦଳର ଧାରଣା

ଯାଜପୁର/ଯାଜପୁରସଦର,(ସବ୍ୟୁ) : ଅନ୍ତ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଯାଜପୁର ଜିଲ୍ଲା ଶାଖା ତରଫରୁ ଜିଲ୍ଲା ଗୋ ରକ୍ଷକ ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଗୌତମ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଯାଜପୁର ସଦର ଥାନା ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପ୍ରାନ୍ତ ସମ୍ପାଦକ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଅରବିନ୍ଦ ଦାସ ଯୋଗଦେଇ ଥିଲେ। ପ୍ରକାଶ ଥାଉକି ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ଯୋଗୁ ଗତ ଶନିବାର ୧୮ ତାରିଖ ଦିନ କେନ୍ଦୁଝରର ପୋଲିସ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତ ପାଣ୍ଡିଆ ଗୋପୀନାଥ ପୁର ଗ୍ରାମର ଏକ ବଡ ଗୋ ମାଫିଆ ଶେଖ୍ ସରିଫ୍ ର ଘର ଉପରେ ଚଢ଼ାଉ କରିଥିଲା। ସଦର ଥାନା ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଏକ ବଡ ଧରଣର ଗୋ ଚାଲାଣ ଓ ଗୋ ମାଂସ ଚାଲାଣ ମାଫିଆ ନିଜର କଳେବର ବୃଦ୍ଧି କରି ଚାଲିଛି। ସୁଦୂର କେନ୍ଦୁଝରର ପୋଲିସ ଆସି ଧରୁଛି ହେଲେ ସଦର ପୋଲିସ ସବୁ ଜାଣି ଅଜଣା। ଏହାର ପ୍ରତିବାଦ ରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ମାନେ ଗୋ ମାଂସ ଓ ଗୋ ଚାଲାଣକୁ ଘଣ୍ଟ ଘୋଡେଇ ରଖିଥିବା ଯାଜପୁର ଜିଲ୍ଲା ପୋଲିସ ବିରୁଦ୍ଧରେ ନାରାବାଜି କରିଥିଲେ। ଖବର ପାଇ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଧାରଣା ସ୍ଥଳରେ ପହଞ୍ଚି ଏକ ତିନି ଦଫା ଦାବି ପତ୍ର ଗ୍ରହଣ କରିଥିଲେ। ଦାବି ପତ୍ର ଗ୍ରହଣ କରିବା ସହିତ ଗୋ ହତ୍ୟା କାରି ଓ ବେପାରୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଆନ୍ଦୋଳନ ରୁ ରାଷ୍ଟ୍ରୀୟ ବଜରଙ୍ଗ ଦଳ ର କାର୍ଯ୍ୟକର୍ତ୍ତାମାନେ ଉଠିଥିଲେ ।

# ଭାମଣ୍ଡା କପ୍ କ୍ରିକେଟ ଉଦ୍‌ଘାଟିତ

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ଭାମଣ୍ଡା ନୃସିଂହ ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମୁକେଶ ପଟ୍ଟନାୟକଙ୍କ ପ୍ରାୟୋଜିତ ଜିଲ୍ଲାସ୍ତରୀୟ ଭାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଭାମଣ୍ଡା କ୍ରିକେଟ ଷ୍ଟାଡିଅମ ଭାମଣ୍ଡା ଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ଖେଳରେ ଏସ ସି ଏସ ପୁରୀ ଜେ ଏ ସି ଯାଜପୁରକୁ ଭେଟିଥିଲା। ଏଥିରେ ଯାଜପୁର ୩ ଉଇକେଟରେ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୁରୀ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭର ରେ ୭ ଉଇକେଟ ହରାଇ ୧୩୫ ରନ କରିଥିବାବେଳେ ଯାଜପୁର ୧୯. ୫ ଓଭର ରେ ୭ ଉଇକେଟ ହରାଇ ୧୩୬ ରନ କରି ବିଜୟ ଲାଭ କରିଛି। ଏହି ଖେଳକୁ ଅତିଥି ଭାବେ ଅବସର ପ୍ରାପ୍ତ ସେନାଧିକାରୀ ସତ୍ୟବ୍ରତ ବିଶ୍ୱାଳ ଓ ଉମେଶ ଚନ୍ଦ୍ର ନାୟକ ଯୋଗଦେଇ ଉଂାଟନ କରିଥିଲେ। ରଞ୍ଜନ ମହାପାତ୍ର ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚାଳନା କରିଥିବାବେଳେ ବିଜେତା ଦଳର ଆକାଶ ତ୍ରିପାଠୀ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

# ଏସ୍‌ଜି କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ପଞ୍ଚାୟତ ସ୍ଥିତ ସାଧୁଗୌରେଶ୍ୱର ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ କଲେଜର ନୂତନ ଅଧ୍ୟକ୍ଷ ଡ଼ ଜିତେନ୍ଦ୍ର କୁମାର ଦାଶ ସଭାପତିତ୍ୱ କରିଥିବାବେଳେ ପ୍ରାଣୀ ବିଜ୍ଞାନର ବିଭାଗୀୟ ମୁଖ୍ୟ ତଥା ପାଠଚକ୍ରର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ପ୍ରାଣୀ ବିଜ୍ଞାନ ସମ୍ମାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯିବା ସହ ଶୁଭ୍ରାଂଶି ଜେନାଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ପାଠଚକ୍ରର ସଂପାଦିକା ପ୍ରିତୀପ୍ରଜ୍ଞା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ଼ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ପରିଶ୍ରମୀ ହେବା ସହ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ ଓ ପାଠଚକ୍ରର ବିଷୟବସ୍ତୁ ପ୍ରାଣୀ ସଂପଦ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ତାଙ୍କର ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼ ଶରତ କୁମାର ପାଲି ଯୋଗଦେଇଥିଲେ। ୨୦୨୫ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଅନୁଷ୍ଠିତ ସ୍ନାତକ ପରୀକ୍ଷାରେ ପ୍ରାଣୀ ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ଶ୍ରେଷ୍ଠ ସ୍ନାତକ ,ଶ୍ରେଷ୍ଠ ଛାତ୍ର ଛାତ୍ରୀ ଏବଂ ଶ୍ରେଷ୍ଠ ସାହିତ୍ୟିକ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ, ଅଧ୍ୟାପକ ଉମାକନ୍ତ ସାହୁ, ଉଜ୍ଜ୍ୱଳକାନ୍ତ ଦାସ, ବିବେକାନନ୍ଦ ନାୟକ, ଲଳିତ କୁମାର ବେହେରା ଓ ମମତା ମହାପାତ୍ର ସଂଚାଳନ କରିଥିଲେ। ସଭା ଶେଷରେ ଅଧ୍ୟାପିକା ପ୍ରିୟଦର୍ଶନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ

# କଂଗ୍ରେସ ଦଳ କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ

ସାଲେପୁର,(ସବ୍ୟୁ) :ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତରେ କଂଗ୍ରେସ ଦଳ କର୍ମୀ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିସାହି ପଞ୍ଚାୟତ ଅନ୍ତର୍ଗତ ଗୁପ୍ତ ଗଙ୍ଗା ଚିତ୍ରୋତ୍ପଳା ନଦୀ ତଟରେ ଥିବା ବିଶେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜ୍ଞାନ ଭୂୟାଁଙ୍କ ସଂଯୋଜନାରେଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଯୋଗଦେଇ ନିଜ ବକ୍ତବ୍ୟରେ ୧୪୦ ବର୍ଷର କଂଗ୍ରେସ ଦଳ କେବେ ଦୁର୍ବଳ ନଥିଲା କି ଆଜି ବି ଦୁର୍ବଳ ନାହିଁ । କଂଗ୍ରେସ ଦଳ ଶାସନରୁ ଗଲା ପରେ ସବୁ ଦ୍ରବ୍ୟର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି । ଆସନ୍ତୁ ଆମେ ସମସ୍ତେ ମିଶି କଂଗ୍ରେସ ସଂଗଠନକୁ ଅଧିକ ମଜବୁତ କରିବା ବୋଲି ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ । ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର ଯୋଗଦେଇ ବିଜେପି ଦଳ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ଏବଂ ଏବେବି ମିଛ କହୁଛି ବୋଲି ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ଜେନା,ପୂର୍ବତନ ଓ୍ୱାର୍ଡ ସଭ୍ୟ ବାବାଜୀ ଦେହୁରୀ, ରବୀନ୍ଦ୍ର ଜେନା, ବୈକୁଣ୍ଠ ସ୍ୱାଇଁ, ସିଡୁ କର, ସୟଦ ଜାଭେଦ, ପ୍ରଣୟ ସ୍ୱାଇଁ, ସନ୍ତୋଷ ପରିଡା, କ୍ଷୀରୋଦ ବାରିକ, ଅଶୋକ କାଣ୍ଡି, ଗୌରାଙ୍ଗ ଦାସ, ସୁଶାନ୍ତ ପ୍ରତାପ, ମନୁ ମଲ୍ଲିକ, ଶରତ ଚନ୍ଦ୍ର ବେହେରା, ନିଲୁ ଦେହୁରୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଇମ୍ଫା ମାଇନ୍ସ ଓ ଚନ୍ଦନମ୍ ପକ୍ଷରୁ ନିଆଁ ସଚେତନତା କାର୍ଯ୍ୟକ୍ରମ

ଦାନଗଦି,(ସବ୍ୟୁ): ଇମ୍ଫା ମାଇନ୍ସ ସୁକିନ୍ଦା ଓ ଚନ୍ଦନମ୍ ସିଡ଼ିଏ କଟକ ମିଳିତ ସହଯୋଗରେ ଏକ ଜଙ୍ଗଲ ନିଆଁ ସଚେତନତା ଓ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଟମକା ବନାଞ୍ଚଳ ଅଧିନସ୍ଥ ରାଇଘାଟି ଗ୍ରାମ ସଲଗ୍ନ ପଡ଼ିଆରେ ବରିଷ୍ଠ ମଞ୍ଚ ଉପସ୍ଥାପକ ବାବାଜି ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରକୁ ଟମକା ବନାଞ୍ଚଳ ଅଧିକାରୀ ଏସସିଏଫ୍ କିଶୋର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଜଙ୍ଗଲ ମଣିଷ



ଜୀବନର ଅଭିଚ୍ଛେଦ ଅଙ୍ଗ । ଏଣୁ ମଣିଷ ସଚେତନ ହୋଇ ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ଦିଗରେ ପ୍ରଶାସନକୁ ସହଯୋଗର ହାତ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଚନ୍ଦନମ ଅନୁଷ୍ଠାନର ସମ୍ପାଦକ ଅବସରପ୍ରାପ୍ତ ଡିଏଫଓ ଭିମସେନ ମହାରଣା ଯୋଗଦେଇ ନିଆଁ କବଳରୁ ଜଙ୍ଗଲକୁ କିପରି ଭାବେ ସୁରକ୍ଷା ଦିଆଯାଇପାରିବ ସେ ନେଇ ଉପସ୍ଥିତ ଜନ ସାଧାରଣଙ୍କୁ ଫଟୋ ଭିଡ଼ିଓ ମାଧ୍ୟମରେ ପ୍ରଶିକ୍ଷିତ କରାଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଡିଏଫଓ ଦୀପକ କୁମାର ଖିଲାର, ପ୍ରବୋଧ ଚନ୍ଦ୍ର ନାୟକ, ଇମ୍ଫାର ବରିଷ୍ଠ ଅଧିକାରୀ ସତ୍ୟ କୌବଲ୍ୟ ଦାସ, ସମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରି ଜଙ୍ଗଲ ନିଆଁ ନିୟନ୍ତ୍ରଣ ଏବଂ ବନ ସୁରକ୍ଷା ସମିତିର ସଭ୍ୟ ଓ ଗ୍ରାମବାସୀମାନଙ୍କ ଭୂମିକା ସମ୍ବନ୍ଧିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଟମକା ବନପାଳ ମାଣିକ ମୁଣ୍ଡା ଉପସ୍ଥିତ ରହି ଆଦିବାସୀ ଗିତ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

# ଧାନକିଣା ଦୁରାବସ୍ଥା ନେଇ ସରକାରଙ୍କୁ ଦାୟୀ କଲା କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାରେ ମୁଖ୍ୟ ଫସଲ ଧାନ । ଚଳିତ ଖରିଫରେ ଚାଷୀ ନିଜର ଆବଶ୍ୟକତା ପାଇଁ ଧାନ ରଖିବା ପରେ ପ୍ରାୟ ୧୦୦ଲକ୍ଷ ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଧାନ ଉତ୍ପାଦନ ଆକଳନ କରାଯାଉଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସନକୁ ଆସିବା ପାଇଁ ବିଜେପି ଦଳ ତାଙ୍କ ନିର୍ବାଚନ ପ୍ରତିଶ୍ରୁତିରେ ୨୩ଶହ ଟଙ୍କା ଏମଏସପି ସହିତ ୮ଶହ ଟଙ୍କା ଇନପୁଟ ସହାୟତା ଦେଇ ଓଡ଼ିଶା ଚାଷୀଙ୍କଠାରୁ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ ସବୁ ବଳକା ଧାନ ନିର୍ଦ୍ଧାରିତ ସମୟରେ କିଣିବାକୁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । କଟନୀ ଛଟନୀ କରା ନ ଯାଇ ସୁବ୍ୟବସ୍ଥିତ ଢଙ୍ଗରେ ମଣ୍ଡିରୁ ଧାନ କିଣାଯିବ । କିନ୍ତୁ ଚଳିତ ଥର ପ୍ରଥମ କରି ଫଳ ହେଲା ଓଲଟା ବୋଲି ଆଜି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସିଧା ସଳଖ ସରକାରଙ୍କୁ ଦାୟି କରିଛନ୍ତି । ଧାନ ବିକ୍ରି ପାଇଁ ୧୯ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କ ନାମ ପଞ୍ଜିକରଣ କଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତୃଟି ଦର୍ଶାଇ ୧୭ଲକ୍ଷ ୮୮ହଜାର ୮୮୦ ଜଣ ଯୋଗ୍ୟ ବିବେଚିତ କରାଗଲା ।

ଜାନୁଆରୀ ଶେଷ ହେବାକୁ ବସିଲାଣି, ଏପର୍ଯ୍ୟନ୍ତ ମାତ୍ର ୫ଲକ୍ଷ ୫୨ ହଜାର ୩୮୦ ଜଣ ଚାଷୀଙ୍କଠାରୁ ୨୪ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି । ଉପକୂଳବର୍ତ୍ତୀ ଜିଲ୍ଲାରେ କାଁ ଭାଁ ମଣ୍ଡି ଖୋଲା ଯାଇଥିବା ବେଳେ ପୁରୀ, ଭଦ୍ରକ, ଜଗତସିଂହପୁର ଜିଲ୍ଲାରେ ମଣ୍ଡି ଖୋଲିବାରେ ଖାତା ଖୋଲିନି । ଗତବର୍ଷ ଯେଉଁମାନଙ୍କୁ ୧୦୦ କ୍ୱିଣ୍ଟାଲର ଟୋକେନ ଦିଆଯାଇଥିଲା ଚଳିତଥର ଜାଣିଶୁଣି ତାହାକୁ କମାଇ ଦିଆଯାଇ ୫୦ କ୍ୱିଣ୍ଟାଲର ଟୋକନ ଆସୁଛି । ଏଥି ସହିତ ନଭେମ୍ବର ୧ ରୁ ମଣ୍ଡି ଖୋଲିବା ପରିବର୍ତ୍ତେ ବହୁ ବିଳମ୍ବରେ ମଣ୍ଡି ଖୋଲା ଯାଇଛି । ଚାଷୀ ପରିବହନ ଓ ଅଖା ଖର୍ଚ୍ଚ ମଧ୍ୟ ପାଉନାହିଁ ।ସରକାର ଓ ମିଲର ସହିତ ବିବାଦ ଭେଳିକି ସାଜିଛି । ଖୋଦ୍ ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟର ସମସ୍ତ ଜିଲ୍ଲାରେ ଜାନୁଆରୀ ୧୦ ତାରିଖ ସୁଦ୍ଧା ଧାନକିଣା ଆରମ୍ଭ ହେବ । ହେଲେ ଟାର୍ଗେଟର ୧୦ ଦିନ ବିତିଲା । ସବୁ ମଣ୍ଡି ଖୋଲାଗଲା ନାହିଁ । ଯୋଗାଣ ବିଭାଗ, କୃଷି ବିଭାଗ ଓ ସମବାୟ ବିଭାଗ ମନ୍ତ୍ରୀଙ୍କ ବୟାନବାଜୀ ଚାଷୀଙ୍କ ପାଇଁ କଟା ଘା'ରେ ଚୁନ ସଦୃଶ ହୋଇଛି । ଯେଉଁ ଚାଷୀମାନେ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି କରିବେ, ସେମାନଙ୍କୁ ୮ଶହ ଟଙ୍କା ଇନପୁଟ୍ସ ସହାୟତା ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ କୁହାଯିବା କେତେଦୂର ଯୁକ୍ତି ଯୁକ୍ତ ।

ସରକାର ଧାନ କିଣିବା ପରିବର୍ତ୍ତେ ମିଲର ଧାନ କିଣୁଛି । ଫାଇଦା କେବଳ ସରକାର, ପ୍ରଶାସନ ଓ ମିଲରର । ଯଦି ବ୍ୟବସ୍ଥିତ ଢଙ୍ଗରେ ସରାକର ତୁରନ୍ତ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା ନ କିଣନ୍ତି ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ଦୁର୍ବାର କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

# ଗ୍ରାମ ପଞ୍ଚାୟତ ବିଭାଜନ ବିବାଦ : ସୀମର-ବାଙ୍କୀ ରାସ୍ତାରେ ତୁଳସୀପୁର ଗ୍ରାମବାସୀ



ବାଙ୍କୀ , (ସବ୍ୟୁ): ଗ୍ରାମ ପଞ୍ଚାୟତ ବିଭାଜନକୁ ନେଇ ବିବଦା ଦେଖାଯାଇଛି । ଏହାର ସମାଧାନ ଦାବିରେ ତୁଳସୀପୁର ଗ୍ରାମବାସୀ ସୀମର-ବାଙ୍କୀ ରାସ୍ତା ଉପରେ ଧାରଣା ଦେବାରୁ ରାସ୍ତାରେ ଯାତାୟତ ଠପ ହୋଇଯାଇଥିଲା । ୧୯୯୨ ମସିହାରେ ତୁଳସୀପୁର ଗ୍ରାମ ପଞ୍ଚାୟତରୁ ଅଲଗା ହୋଇ ନୂତନ ଗ୍ରାମ ପଞ୍ଚାୟତ ଭାବେ ନରଗାଙ୍ଗ ଗ୍ରାମ ପଞ୍ଚାୟତ ଗଠିତ ହୋଇଥିଲା ।

ମାତ୍ର ତୁଳସୀପୁର ଗ୍ରାମର ଅନେକ ପୋଖରୀ, ଶ୍ମଶାନ ଓ ପଡ଼ିଆ ଜମି ଗ୍ରାମ ପଞ୍ଚାୟତ ବିଭାଜନ ସମୟ ରେ ନିକଟସ୍ଥ ନରଗାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ରେ ରହି ଯିବାରୁ ଏହା ନରଗାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନରେ ରହିବାରୁ ତୁଳସୀପୁର ଗ୍ରାମ ପଞ୍ଚାୟତ ଲୋକେ ବଞ୍ଚିତ ହେଉଛନ୍ତି । ଏହି ପୋଖରୀ, ଗାଡିଆ, ପଡ଼ିଆ, ଶ୍ମଶାନ ସବୁ ତୁଳସୀପୁର ଅଞ୍ଚଳ ରେ ଥିବା ବେଳେ କିନ୍ତୁ ନରଗାଙ୍ଗ ମୌଜା ରେ ରେକର୍ଡ ଥିବାରୁ ନରଗାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନରେ ରହି ଆସୁଛି । ତେଣୁ ନରଗାଙ୍ଗ ଗ୍ରାମ ପଞ୍ଚାୟତରୁ ଫେରାଇ ଆଣି ତୁଳସୀପୁର ଗ୍ରାମ ପଞ୍ଚାୟତରେ ସାମିଲ କରିବା ଦାବି କରି ଗ୍ରାମବାସୀମାନେ ଧାରଣାରେ ବସି ରହି ବାରୁ ଗାଡି ଚଳାଚଳ ବାଧାପ୍ରପ୍ତ ହୋଇଛି । ବାଙ୍କୀ ଖୋର୍ଦ୍ଧା ରାସ୍ତାରେ ଗମନା ଗମନ ଏକ ପ୍ରକାର ଠପ୍ ହୋଇଯାଇଛି । ଘଟଣା ସ୍ଥଳରେ ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା, ବାଙ୍କୀ ତହସିଲଦାର, ବାଙ୍କୀ ଡମପଡ଼ା ଅତିରିକ୍ତ ମଣ୍ଡଳ ଉନୟନ ଅଧିକାରୀ ପହଞ୍ଚି ରାଜ୍ୟ ସରକାରଙ୍କ ନିକଟ କୁ ଏହି ସମସ୍ୟା ସମ୍ପର୍କ ରେ ଜଣାଇ ଏକ ମାସ ମଧ୍ୟରେ ସମାଧାନ କରିବା ପାଇଁ ପ୍ରତିଶୃତି ମିଳିବା ପରେ ଧାରଣ ପ୍ରତ୍ୟାହୃତ ହୋଇଛ । ତୁଳସୀପୁର ଗ୍ରାମ ପଞ୍ଚାୟତ ର ଗ୍ରାମବାସୀ ଙ୍କ ସହିତ ସରପଞ୍ଚ ଶରତ କୁମାର ପ୍ରଧାନ, ସମିତି ସଭ୍ୟ ନାରାୟଣ ଜେନା, ଅର୍ଜୁନ ସାହୁ ଧୋବା ମଲ୍ଲିକ ଓ ରାଜ କିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମମତା ଯୋଜନାରେ ନାଁରେ ଲୁଟିନେଲେ ୭ ହଜାର

ବାରଙ୍ଗ , (ସବ୍ୟୁ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାରୁଠେଙ୍ଗ ପଞ୍ଚାୟତର କୁଜଗଡ଼ ପାଟଣାସାହିର ସୋନି ସ୍ୱାଇଁଙ୍କ ବ୍ୟାଙ୍କ ଖାତାରୁ ସାଇବର ଚୋର ୭୦୧୦ଟଙ୍କା ନେଇଯାଇଥିବା ନେଇ ସାଇବର ଓ ଚନ୍ଦକା ଥାନାରେ ଅଭିଯୋଗ ହୋଇଛି । ସୋମବାର ସନ୍ଧ୍ୟାରେ ପାଟଣାସାହିର ସୋନି ସ୍ୱାଇଁଙ୍କ ପାଖକୁ ଏହି ପଞ୍ଚାୟତର ଆଶାଦିଦି ପ୍ରତିମା ବେହେରା ଫୋନ କରି କଥା ହୋଇଥିଲେ । ଏହାପରେ ଡାକ୍ତର ସାର କଥା ହେବେ କହି ତାଙ୍କୁ ଲାଇନକୁ ଆଣି ଏକକାଳୀନ ତିନିଜଣ ଯାକ କଥା ହୋଇଥିଲେ ।ମମତା ଯୋଜନା ପଇସା ପାଇଛକି ନାହିଁ ଡ଼ାକ୍ତର ବାବୁ ପଚାରିଥିଲେଛଏହାପରେ ସୋନି ତାଙ୍କ ସ୍ୱାମୀ ଶତ୍ରୁଘନଙ୍କୁ ମୋବାଇଲ୍ ଦେଇ କଥା ହେବାକୁ କହିଥିଲେ ।

ଟଙ୍କା ଆସିଛି କି ନାହିଁ ଚେକ୍ କରିବାକୁ ଡାକ୍ତର ବାବୁ କହିବା ପରେ ଶତ୍ରୁଘନ ପେଟିୟମ ଖୋଲି ଖୋଲୁ ସୋନିଙ୍କ ଖାତାରୁ ୭୦୧୦ ଟଙ୍କା କଟିଯାଇଥିଲା । ଏହା ଜଣାପଡିବା ପରେ ଆଶାଦିଦି ଆଉ ଡ଼ାକ୍ତର ଧରା ଦେଉନାହାନ୍ତି ବୋଲି ସୋନି ମଙ୍ଗଳବାର କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ପୋଲିସ ତଦନ୍ତ ଆରମ୍ଭ କରିଛି ।

# ଘୋଷଯାତ୍ରା : ପୁରୀ ଗଲା ରଥ କାଠ

ଦଶପଲ୍ଲା , (ସବ୍ୟୁ): ଚଳିତ ବର୍ଷ ଶ୍ରୀଜୀଉଙ୍କ ଘୋଷଯାତ୍ରା ପାଇଁ ପ୍ରଥମ ପର୍ଯ୍ୟାୟ ରେ ୮୭ ଖଣ୍ଡ ରଥକାଠ ପୁରୀ ପଠା ଯାଇଛି । ନୟାଗଡ ବନଖଣ୍ଡ ଅଧିନସ୍ଥ ଦଶପଲ୍ଲା ବନାଞ୍ଚଳ ଟାକରା ଓ ପୋଖରିଗୋଛା ସଂରକ୍ଷିତ ଜଙ୍ଗଲ ରୁ ଏହି ରଥକାଠ ସଂଗ୍ରହ କରାଯାଇ ରଥଖଳାକୁ ତିନୋଟି ଟ୍ରକ ମାଧ୍ୟମ ରେ ଏହାକୁ ପଠାଯାଇଛି ।

ଏ ସି ଏଫ ଡ଼ଃ ସତ୍ୟଜିତ କର ଆଜ୍ଞାମାଳ ଧରି ଆସିବା ପରେ ତାଙ୍କୁ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପାଛୋଟି ଅଣାଯାଇଥିଲା ଛ ।ପରେ ଏସିଏଫ ଙ୍କ ସହ ସ୍ଥାନୀୟ ରେଞ୍ଜର ଶ୍ରୀନିବାସ ଦାସ ଆଜ୍ଞାମାଳ ଧରି ଦଶପଲ୍ଲା ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ମହାବୀରଙ୍କ ଠାରେ ପହଁଚିବା ପରେ ପୂଜାର୍ଚ୍ଚନା କରାଯିବା ସହ ରଥକାଠ ପୂଜାର୍ଚ୍ଚନା କରାଯାଇଥିଲା ଛ ପରେ ପୁରୀ ଅଭିମୁଖେ ରଥକାଠ ବୋଝେଇ ତିନୋଟି ଟ୍ରକ ବାହାରିଥିଲା । ଚଳିତ ବର୍ଷ ବିଭିନ୍ନ ସାଇଜ ୮୧୮ ଖଣ୍ଡ ଧଉରା,ଅସନ,ଫାଶୀ,ସିମିଳି କାଠ ଆବଶ୍ୟକତା ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୭ ଖଣ୍ଡ ରଥ କାଠ ପୁରୀ ପଠାଯାଇଛି ।ଏହି କାଠ ମଧ୍ୟରେ ଧଉରା ୨୦ ଫୁଟ ଲମ୍ବ ର ୧୨ ଖଣ୍ଡ,୧୨ ଫୁଟ ଲମ୍ବର ୨୩ ଖଣ୍ଡ,ଓ ଅସନ ୨୦ ଫୁଟ ଲମ୍ବ ର ୨୧ ଖଣ୍ଡ ଓ ୧୨ ଫୁଟ ଲମ୍ବ ର ୧୯ ଖଣ୍ଡ କାଠ ପଠାଯାଇ ଥିବା ଦଶପଲ୍ଲା ବନାଞ୍ଚଳ କାର୍ଯ୍ୟାଳୟରୁ ଜଣାପଡିଛି ।

# ଭାରତ ତିବ୍ବତ ସଂଘର ପ୍ରଦେଶ ସଂଯୋଜିକା ହେଲେ ନିବେଦିତା ନାୟକ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଭାରତ ତିବ୍ବତ ସଂଘର କାର୍ଯ୍ୟକଳାପକୁ ସକ୍ରିୟ ଭାବରେ ଆଗକୁ ନେବା ଓ ଲୋକମାନଙ୍କୁ ଏହାର ବିଚାରଧାରାରେ ସାମିଲ୍ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ସମାଜସେବୀ ତଥା ପୂର୍ବତନ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ଼ର ଅଧ୍ୟକ୍ଷା ନିବେଦିତା ବଳିୟାରସିଂ ନାୟକଙ୍କୁ ପ୍ରଦେଶ ସଂଯୋଜିକା ଭାବେ ଦାୟିତ୍ୱ ଦିଆଯାଇଛି । ଭାରତୀୟ ତିବ୍ବତ ସଂଘର କ୍ଷେତ୍ରୀୟ ସଂଯୋଜକ ପ୍ରବୀଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌରଭ ସାରସ୍ୱତ, ପୂର୍ବତନ ବିଧାୟକ ନାଉରୀ ନାୟକ, ରାମଚନ୍ଦ୍ର ମେହେର, ନରେଶ ଅଗ୍ରୱାଲ, ନରେଶ ଗୁପ୍ତା, ଶିଶିର କୁମାର ରାଉତରାୟ, ଅଞ୍ଜନ ଦେବତା, ସୁମିତ୍ରା ମହାପାତ୍ର, ସରୋଜ ଭୂୟାଁ ଓ ଡ. ମାଧବ ବେହୁରା ପ୍ରମୁଖ ଉପସ୍ଥିତ ରହି ଭାରତ ତିବ୍ବତ ସଂଘକୁ ଆଗକୁ ନେବା ପାଇଁ ସଂକଳ୍ପ ନେଇଥିଲେ । ଏହି କ୍ରମରେ ସଂଘ ପକ୍ଷରୁ ଆଗାମୀ ଦିନରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା ।

# ନିର୍ମାଣାଧୀନ ରାସ୍ତାରୁ ଉଠୁଛି ଛେଲା ଛେଲା ପିଚୁ

ଅସ୍ତରଙ୍ଗ , (ସବ୍ୟୁ): ସଡ଼କ ସୁରକ୍ଷା ସହିତ ପ୍ରତ୍ୟେକ ଅଞ୍ଚଳକୁ ପକ୍କାସଡ଼କ ନିର୍ମାଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ପୁଞ୍ଜି ନିବେଶ କରୁଛନ୍ତି । ହେଲେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳୁଛି, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ଚକ୍ରପଡା ଶିବ ମନ୍ଦିର ନିକଟରେ । ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାରେ ପିଚୁ ପ୍ୟାଚ ପକାଇ ମରାମତି କାର୍ଯ୍ୟରେ ଆସିଛି ଦୁର୍ନୀତି ଅଭିଯୋଗ । ଗ୍ରାମ୍ୟ ଉନ୍ନୟନ ବିଭାଗର ଯାହା ସୂଚନା ରହିଛି ଏହା ବିଧାୟକ ପାଣ୍ଠିର ପ୍ରାୟ ୪ ଲକ୍ଷ ଟଙ୍କାର କାର୍ଯ୍ୟ । ପୁରୁଣା ଭଙ୍ଗା ପିଚୁ ରାସ୍ତା ରେ ନୂଆ ପିଚୁ ପକାଇ ମରାମତି କରାଯିବ । କିନ୍ତୁ ଏହି କାର୍ଯ୍ୟ ଏଭଳି ନିମ୍ନମାନର କରାଯାଇଛି ଯେ ସ୍ଥାନୀୟ ଲୋକ ଙ୍କ ଭିତରେ ଜନଅସନ୍ତୋଷ ଦେଖିବାକୁ ମିଳୁଛି । ଠିକାଦାର ପିଚୁ ପକାଇ ରାସ୍ତାରେ ରୋଲର ଚଲାଇ ରାସ୍ତାକୁ କାମ କରିବା ପର ଦିନ ସ୍ଥାନୀୟ ଲୋକ ସାଧାରଣରେ ପାଦରେ ଚାଲିଲା ବେଳକୁ ପିଚୁ ଗୋଡି ସବୁ ଉଠିଯାଉଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଆଗରୁ ଆମ ପିଚୁ ସଡ଼କ ସମ୍ପୂର୍ଣ୍ଣ ଠିକ ଥିଲା । ଯଦିଓ କାମ ହେଉଛି ପିଚୁ ତେଲ ଓ ପିଚୁ ଉପରେ ରନ୍ଧା ଅଠା ଢଳା ନ ଯାଇ ସେମିତି ପିଚୁ ଗୋଳେଇ ନଦି ଦିଆ ଯାଇଛି ଯାହା ଫଳରେ, ତଳ କାମ ଠିକ ନଥିବାରୁ ଉପରୁ ପରସ୍ତ ପରସ୍ତ ପିଚୁ ଉଠୁଛି । ସୁପରଭାଇଜରଙ୍କୁ ଏହି କାମ କାହିଁ ଏପରି ହେଉଛି ପଚାରିଲେ କହୁଛନ୍ତି ଆମ ଠିକାଦାର ବାବୁ ଯାହା ଯେମିତି କହିଛନ୍ତି ଆମେ ସେମିତି କରିବୁ । ବର୍ତ୍ତମାନ ଏହି କାର୍ଯ୍ୟକୁ ତଦନ୍ତ ପରିସର କୁ ଆଣିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି ।

# କଣ୍ଟାପଡ଼ା , ଅଡ଼ଶପୁରରେ ଖୋଲିଲା ଧାନମଣ୍ଡି



କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ଓ ଅଡ଼ଶପୁରଠାରେ ଥିବା ଦୁଇ ପ୍ରାଥମିକ ସେବା ସମବାୟ ସମିତିରେ ଚଳିତ ବର୍ଷ ଖରିଫ ଧାନ ମଣ୍ଡି ଉଦଘାଟିତ ହୋଇଛି । କଣ୍ଟାପଡ଼ା ସମିତି ସଭାପତି ଦ୍ୱାରିକାନାଥ ଦାଶ ମଣ୍ଡିକୁ ଉଦଘାଟନ କରିଥିଲାବେଳେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇ, ସରପଞ୍ଚ ନିର୍ମଳକୁମାର ସାହୁ, ସମିତି ସଭ ପବିତ୍ରମୋହନ ସ୍ୱାଇଁ, ବ୍ଲକ ଯୋଗାଣ ନିରୀକ୍ଷକ ମୋଚିରାମ ଦାସ, ବସନ୍ତପରିଜା, ନେହା ନିକିତା ନାୟକ, ଦେବେନ୍ଦ୍ର ସାମନ୍ତରାୟ, ହେମନ୍ତ ସ୍ୱାଇଁ, ପ୍ରସନ୍ନ ସାମନ୍ତରାୟ, ଅଶୋକ ରଥ, ପ୍ରଭାତ ସାମନ୍ତରାୟ ଙ୍କ ସମେତ ଚାଷୀ ସ୍ୱାଧିନ ସାମନ୍ତରାୟ, ଚନ୍ଦ୍ରମଣି ସାହୁ, ଭବାନୀଶଙ୍କର ନନ୍ଦ, ଭାରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୨୨ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଛି ।

ସମିତି କାର୍ଯନିର୍ବାହୀ ତ୍ରିଲୋଚନ ସାହୁ, ଗଦାଧର ଭୋଇ, ପ୍ରଭାସିନୀ ରାଉତ, କୈଳାସ ମଲିକ କାର୍ଯକ୍ରମ ପରିଚାଳନା କରିଥିଲେ । ସେହିପରି ଅଡ଼ଶପୁର ମଣ୍ଡିକୁ ସଭାପତି ଅର୍ତ୍ତତ୍ରାଣ ମହାପାତ୍ର ଉଦଘାଟନ କରିଥିଲାବେଳେ ବ୍ଲକ ଯୋଗାଣ ଅଧିକାରୀ, ସରପଞ୍ଚ ସୁବ୍ରତ ଦାସ ଓ ଅନମାନେ ଉପସ୍ଥିତ ଥିଲେ । ବିଭୂତିଭୂଷଣ ନାୟକ, କୀର୍ତ୍ତିଚନ୍ଦ୍ର ସ୍ୱାଇଁ ଓ କର୍ମଚାରୀମାନେ କାର୍ଯକ୍ରମ ପରିଚାଳନା କରିଥିଲେ ।

# ପାଦୁକାଇ ମନ୍ଦିର ହୁଣ୍ଡି ଭଙ୍ଗା ଘଟଣା ଦୁଇ ଗିରଫ, ଦାନ ଅର୍ଥ ଉଦ୍ଧାର

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମା ପାଦୁକାଇ ଠାକୁରାଣୀଙ୍କ ହୁଣ୍ଡି ଗତ ୧୮ ତାରିଖ ରାତିରେ ଭାଙ୍ଗି ଦାନ ଅର୍ଥ କିଛି ଦୁର୍ବୃତ୍ତ ଚୋରି କରି ନେଇଥିବା ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା ।ଏହାକୁ ଭିତ୍ତି କରି ଆଜି ପୋଲିସ ଦୁଇ ଜଣଙ୍କୁ ଗିରଫ କରିଥିବାବେଳେ ୧୭୦୦ ଟଙ୍କା ଉଦ୍ଧାର କରିଛି । ଥାନା ଆଇଆଇସି ବିଶ୍ୱଜି ରାଉତରାୟଙ୍କ ନେତୃତ୍ୱରେ ଏସ ଆଇ ଦିପାଳିଶା ନାୟକ ଗତକାଲି ତଦନ୍ତ କରି ଚୋରି କରିଥିବା ପଦ୍ମପୁର ଗ୍ରାମର ଲକ୍ଷ୍ମୀନାରାୟଣ ତ୍ରିପାଠୀ ଓରଫ ଲିପୁନ ଓ ଖଜୁରୀପଡ଼ା ଗ୍ରାମର ଅର୍ବାଜ ଶାହା ଓରଫ ଅଶୁନୁ କୁ ଗିରଫ କରି କେସ ନଂ ରେ ୧୯/୨୬ ରେ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।ତାଙ୍କ ଠାରୁ ଉଦ୍ଧାର ୧୭୦୦ ଟଙ୍କା କମିଟି ସଦସ୍ୟଙ୍କୁ ଫେରସ୍ତ କରାଯାଇଛି ।

# ରାଜ୍ୟସ୍ତରୀୟ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବାଲିଅନ୍ତା ,(ସବ୍ୟୁ): ଉତ୍କଳ ଶିକ୍ଷା ବିକାଶ ପରିଷଦ ଓଡିଶା ଭୁବନେଶ୍ୱର ତରଫରୁ ରାଜ୍ୟ ସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଜୟଦେବ କଲେଜ ନହରକଣ୍ଟା ଖେଳ ପଡିଆ ଠାରେ ଉଦ୍ ଯାପିତ ହୋଇଯାଇଛି ।ଏହି ଅବସରରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଉତ୍କଳ ଶିକ୍ଷା ବିକାଶ ପରିଷଦର ଅଧ୍ୟକ୍ଷ ମଙ୍ଗୁଳି ଚରଣ ମହାନ୍ତି ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସୁଶ୍ରୀ କାଦମ୍ବିନୀ ମହାକୁଡ଼, ମୁଖ୍ୟ ବକ୍ତା ଭାବରେ ଚୀରିଶ୍ ପ୍ରସାଦ ମହାପାତ୍ର, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଉତ୍କଳ ଶିକ୍ଷା ବିକାଶ ପରିଷଦର ବରିଷ୍ଠ ସଭ୍ୟ ଦୁର୍ଗା ପ୍ରସାଦ ତ୍ରିପାଠୀ, ଗୁଣନିଧି ମୁଦୁଲି, ସରୋଜ କୁମାର ରାଉତ, ସୁନିତା ମହାନ୍ତି, ନହର କଣ୍ଟା ସରସ୍ୱତୀ ଶିକ୍ଷା ମନ୍ଦିରର ପ୍ରଧନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ଦାଶରଥି ମହାପାତ୍ର ପ୍ରାମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ ରେଲି ମତ ଦେଇଥିଲେ ।ଏହି ପ୍ରତି ଯୋଗିତାରେ ୧୨ ଟି ବିଦ୍ୟାଳୟର ୩୦୦ ପିଲା ଭାଗ ନେଇଥିଲେ କ୍ରୀଡା ଶିକ୍ଷକ ବିଶ୍ୱ ଭୂଷଣ ବାରିକ, ଶିବ ପ୍ରସାଦ ସେନାପତି, ଆଲୋକ ଚନ୍ଦ୍ର ବେହେରା ପ୍ରାମୁଖ ଯୋଗ ଦେଇଥିଲେ ଶେଷରେ କ୍ରୀଡା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଭା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ: ଶାରଳା ଘଟ ନୃତ୍ୟରେ କମ୍ପିଲା ପୀଠ



ବାଲିପାଟଣା ,(ସବ୍ୟୁ) : ଚଳିତ ବର୍ଷ ୨୦୨୬ ର ତ୍ରିବେଣୀ ମହୋତ୍ସବକୁ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତ । ବୁଡିଯାଉଥିବା ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସଂଗଠନର ମୁଖ୍ୟ କମଳ କୁମାର ପାତ୍ର ସହଯୋଗର ହାତ ବଢାଇଥିଲେ । ଯେଉଁଥି ପାଇଁ ଦୀର୍ଘ ୭ ବର୍ଷ ହେବ ସୁରୁଖୁରୁରେ ପାଳିତ ହେଉଛିଏହି ତ୍ରିବେଣୀ ଯାତ୍ରା । ପୂର୍ବରୁମାସ ମାସ ଧରି ଚାଲୁଥିବାରୁ, ଅଞ୍ଚଳ ବାସୀ ଏଠାରୁ ଝିଅ ବିବାହ ସହ ଘର କରନା ସାମଗ୍ରୀ କିଣି ଫେରୁଥିଲେ ।

ଖଣ୍ଡଗିରି ଯାତ୍ରା ପରି ୩/୪ଟି ଅପେରା ନିଜର କଳା ପଦର୍ଶନ କରିଥାନ୍ତି । ଧୀରେ ଧୀରେ ଏହା କାଳର କରାଳ ରୂପରେ ଲୁଚି ଯାଇଛି । ଏହାକୁ ବଞ୍ଚାଇ ରଖିବାକୁ ଏବେ ଆମ ସଙ୍ଗଠନ ପକ୍ଷରୁ ଉଦ୍ୟମ ଅହରହ ଜାରୀ ରହିଛି । ତ୍ରିବେଣୀ ଅମାବାସ୍ୟା ସକାଳୁ ହଜାର ହଜାର ଭକ୍ତ ଏଠାରେ ଥିବା ତ୍ରିବେଣୀ ସଙ୍ଗମ ସ୍ଥଳରେ ବୁଡ଼ ପକାଇ ଥାନ୍ତି ।କିମ୍ବଦନ୍ତୀ ରହିଛି ଏହିଦିନ ଏଠାରେ ବୁଡ଼ ପକାଇବା ଦ୍ୱାରା ସର୍ବ ପାପ ମୋଚନ ହୋଇଥାଏ । ବୁଡ଼ ପରଠାରୁ ମହୋତ୍ସବ ଦୀର୍ଘ ପାଞ୍ଚ ଦିନ ଧରି ଚାଲିବ ବୋଲି ଘୋଷଣା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମଲ କୁମାର ପାତ୍ର,ବ୍ଲକ ବିଜେଡି ସଭାପତି କିଶୋର କୁମାର ଜେନା, ଜୋନର ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ଗଙ୍ଗାଧର ମଲ୍ଲିକ, ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ରେ ସହଯୋଗ କରିଥିଲେ । ପରେ ପରେ ସାରଳା ଘଟ ନୃତ୍ୟ ତ୍ରିବେଣୀ ପୀଠ ପ୍ରକମ୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ସେନାପତି, ହରମୋହନ ସ୍ୱାଇଁ, ଶରତ ଚନ୍ଦ୍ର ତ୍ରିପାଠୀ , ଅକ୍ଷୟ ସାହୁ, ରମେଶ ଚନ୍ଦ୍ର ସାହାଣୀ ଓ ବହୁ ବରିଷ୍ଠ ନେତା ମାନେ ସହଯୋଗ କରିଥିଲେ ।

# ସେବା ସମବାୟ ସମିତି ଲିଃ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧାଜିଲା ହଜ ଗ୍ରାମ ପଞ୍ଚାୟତ ତଥା ଜଙ୍କିଆଥାନା ସିକୋ ଫାଣ୍ଡି ଅନ୍ତର୍ଗତ ନିଧିପୁରସ୍ଥିତ ଜାଗେଶ୍ୱରୀ ସେବା ସମବାୟ ସମିତିଲିଃର ନୂତନ କାର୍ଯ୍ୟାଳୟ,ନୂତନ ଗୋଦାମଗୃହ ସହ ଧାନମଣ୍ଡିଉଦଘାଟିତ ହୋଇଯାଇଛି ।ଭୁବନେଶ୍ୱର ସାଂସଦ ଶ୍ରୀମତିଅପରାଜିତା ଷଡଙ୍ଗୀ ଏହାକୁ ଉଦଘାଟନ କରିଥିଲେ ।ସମିତି ଲିଃ ପରିଚାଳନା ପରିଷଦର ସଭାପତି ସୁଧାକର ରାଉତରାୟଙ୍କସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସଦ ଶ୍ରୀମତି ଅପରାଜିତା ଷଡଙ୍ଗୀ ମୁଖ୍ୟଅତିଥି,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତକୁମାର ଜଗଦେବ ମୁଖ୍ୟବକ୍ତା,ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ,୨୪ ନମ୍ବର ଜିଲାପରିଷଦ ଜୋନସଦସ୍ୟା ଶ୍ରୀମତି ତନୁଜା ପାଟଶାଣୀ,ବେଗୁନିଆ ଗୋଷ୍ଠୀଉନ୍ନୟନ ଅଧିକାରୀ ସନ୍ତୋଷକୁମାର ଜେନା,ତହସିଲଦାର ଆଦିତ୍ୟ ଦୀପଙ୍କର ଷଡଙ୍ଗୀ,ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ,ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ,ସମିତିସଭ୍ୟ ଦିଲୀପ କୁମାର ବଡଜେନା,ହୀରାପୁର ସରପଞ୍ଚ ଆରତଚରଣ ମାଝୀ,ସିକୋ ସରପଞ୍ଚଙ୍କପ୍ରତିନିଧି ତୀର୍ଥବାସୀ ରାୟ,ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତିଲିଃର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀସାରଥି ଶତପଥି,ସହକାରୀ ପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ ,ସହକାରୀନିବନ୍ଧକ,ସମବାୟସମିତିସମୂହ,ଖୋର୍ଦ୍ଧାସର୍କଲ,ଖୋର୍ଦ୍ଧା ଶ୍ରୀଭଗବତ ମାରାଣ୍ଡି,ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କଲିଃ ବେଗୁନିଆଶାଖ ପରିଚାଳକ ପ୍ରବାସିନୀ ସାମନ୍ତରାୟ,ସୁପରଭାଇଜର୍ ବସନ୍ତକୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।ଏଥିରେ ପରିଚାଳନା ପରିଷଦର ସମସ୍ତ ସଦସ୍ୟ,ହଜପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମକୁ ଜାଗେଶ୍ୱରୀ ସେବାସମବାୟସମିତିଲିଃରସଂପାଦକ ଶ୍ରୀସୌମ୍ୟରଂଜନ ରାଉତରାୟ ପରିଚାଳନାକରିଥିବାବେଳେ ସହକାରୀ ସଂପାଦକ ନିତ୍ୟାନନ୍ଦ ସାହୁ,ଡାଟାଏଣ୍ଟ୍ରିଅପରେଟର ତାପସକୁମାର ପାଟଶାଣୀ,କର୍ମଚାରୀ ଫକୀର ଛୁଆଳସିଂହ ଏଥିରେ ସହଯୋଗ ଓଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ମଞ୍ଚପରିଚାଳନା କରିଥିଲେ ।ରମ୍ଭାବିଲସ୍ଥିତ ଶ୍ରୀଗଣେଷ ରାଇସମିଲ ଚାଷୀଙ୍କ ଠାରୁ ଧାନକିଣିଥିଲା ।

# ପିଏମଶ୍ରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବଳଙ୍ଗା, (ସବୁ): ପି ଏମ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ବଳଙ୍ଗା ଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଶିକ୍ଷା ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏଲିଜା ବେହେରାଙ୍କ ସଭାପତିବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡକଟର ବିଭୂପ୍ରସାଦ ତରାଇ, ମୁଖ୍ୟ ବକ୍ତା ଭାବେ ନିମାପଡ଼ା ମଣ୍ଡଳ ପୂର୍ବତନ ଶିକ୍ଷା ଅଧିକାରୀ ଅନୀଲ ବିଶାଳ, ନିମାପଡ଼ା ଅଞ୍ଚଳର ସମାଜସେବୀ ମୀନଲତା ମହାନ୍ତି, ସ୍ଥାନୀୟ ସରପଞ୍ଚ ଅଞ୍ଜଳି ପ୍ରଧାନ, ନିମାପଡ଼ା ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, କୃପାସିନ୍ଧୁ ଦତ୍ତ, ପରିଚାଳନା କମିଟିର ସଭାପତି ସୁବାସ କୁମାର ଶତପଥି,ସି ଆର ସି ନବକିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ କୃତି ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

# ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ




ଫୁଲନଖରା ,(ସବ୍ୟୁ): ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ୪୮ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଦିନ ମହାସମାରୋହରେ ଉଦଯାପିତ ହୋଇଯାଇଛି ଦୁଇଦିନିଆ କ୍ରୀଡା ଉତ୍ସବର ଉଦଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମ୍ମାନନୀୟ ଅଧ୍ୟକ୍ଷା ଶ୍ରୀମତୀ ଶକୁନ୍ତଳା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ସାମଲ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ସହ ମାନସିକ ବିକାଶ ପାଇଁ କ୍ରୀଡା ଅଭ୍ୟାସର ଆବଶ୍ୟକତା ବିଷୟରେ ମାର୍ଗଦର୍ଶନ ଦେଇଥିଲେ । କ୍ରୀଡା ଉତ୍ସବ ଅବସରରେ ୧୦୦ ମିଟର ଓ ୨୦୦ ମିଟର ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଡିସ୍କସ୍ ଥ୍ରୋ, ଜାଭେଲିନ୍, ସଟ୍‌ପୁଟ୍ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପାଖାପାଖି ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରି ନିଜ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ । ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଶ୍ରୀଯୁକ୍ତ ଲଳିତ କୁମାର ଦାସ ଓ କ୍ରୀଡା ସଂସଦର ଉପସଭାପତି ଡଃ ଗିରିଧାରୀ ସାହୁ ସଫଳତାର ସହ ପରିଚାଳନା କରିଥିଲେ । କ୍ରୀଡା ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଶକୁନ୍ତଳା ସାମଲ, ପ୍ରାଶାସନିକ ମୁଖ୍ୟ ଡଃ ବଂଶୀଧର ଦାସ ଓ ବିଜୟ କୁମାର ଦାସ ଯୋଗଦେଇ କୃତି ପ୍ରତିଯୋଗୀ ଓ ସ୍ୱେଓ୍ୱଚ୍ଛାସେବକମାନଙ୍କୁ ପୁରସ୍କୃତ କରିଥିଲେ ।ସର୍ବଶେଷରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମୁଖ୍ୟ ଶ୍ରୀମତୀ ପ୍ରଜ୍ଞା ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ

# ଟାଟା ମୋଟର୍ସ ପକ୍ଷରୁ ୧୭ଟି ନୂତନ ପରବର୍ତ୍ତୀ- ପିଢ଼ି ଟ୍ରକର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଟାଟା ମୋଟର୍ସ ପକ୍ଷରୁ ୭-୫୫ ଟନ ବିଶିଷ୍ଟ ପରବର୍ତି ପିଢ଼ିର ୧୭ଟି ନୂତନ ଟ୍ରକର ଶୁଭାରମ୍ଭ କରାଯାଇଛି। ଏଥିରେ ସମ୍ପୂର୍ଣ୍ଣ ନୂତନ ଆଜୁରା ଶୃଙ୍ଖଳ, ଅତ୍ୟାଧୁନିକ ଟାଟା ଟ୍ରକ୍ସ.ଇଭି ସମ୍ଭାରଏବଂ ପ୍ରିମା, ସିଗ୍ନା ଓ ଅଲଟ୍ରା ମଂଚର ଅପଗ୍ରେଡ଼େଡ଼ ମଡ଼େଲ ସାମିଲ ହୋଇଛି । ଏହି ଟ୍ରକ ଗୁଡ଼ିକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ (ଇସିଇ ଆର୨୯ ୦୩) ଅନୁଯାୟୀ ପ୍ରସ୍ତୁତ ହୋଇଛି ।

ଏହି ନୂତନ ଟ୍ରକର ଶୁଭାରମ୍ଭ ଅବସରରେ ମତରଖି ଗିରିଶ ଓ୍ୱାଘ, ଏମଡ଼ି ଏବଂ ସିଇଓ, ଟାଟା ମୋଟର୍ସ ଲିଃ. କହିଛନ୍ତି,ଆମର ପରବର୍ତି ପିଢ଼ିର ପୋର୍ଟଫୋଲିଓ ସହିତ ଯେଉଁଥିରେ ସମ୍ପୂର୍ଣ୍ଣ ନୂତନ ଆଜୁରା ଶୃଙ୍ଖଳ, ଦୁଇଟି ଉନ୍ନତ ମାନର ଉଚ୍ଚ ଦକ୍ଷତା ସମ୍ପନ୍ନ ପାୱାରଟ୍ରେନ, ଆଇ-ଏମଓଇଭି ସ୍ଥପତି ଉପରେ ଆଧାରିତ ଶୂନ୍ୟ-ନିର୍ଗମନ ବିଶିଷ୍ଟ ବୈଦ୍ୟୁତିକ ଟ୍ରକ ଏବଂ ଟିଏର ଯେଉଁଥିରେୟୁରୋପୀୟ ମାନଙ୍କ କ୍ୟାବିନ ଏବଂ ଶିଳ୍ପ ଅଗ୍ରଣୀ ଅତ୍ୟାଧୁନିକ ସୁରକ୍ଷା ବିଶେଷତ୍ୱ ବ୍ୟବସ୍ଥା ସାମିଲ ଅଛି । ଆଇଏଲଏମସିଭି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନକୁ ନେଇ ଟାଟା ମୋଟର୍ସର ନୂତନ ଆଜୁରା ଶୃଙ୍ଖଳ ବିଶେଷ କରି ଇ-କମର୍ସ, ଏଫଏମସିଜି ଏବଂକୃଷିଜାତ ଦ୍ରବ୍ୟ ପରିବହନ ପାଇଁ ଡ଼ିଜାଇନ କରାଯାଇଛି ।

ଏହା ୭-୧୯ ଟନ କ୍ଷମତା ବିଶିଷ୍ଟ ଏବଂ ଏଥିରେ ଏକ ନୂତନ ୩.୬ ଲିଟରଡ଼ିଜେଲ ଇଞ୍ଜିନ ବ୍ୟବହାର କରାଯାଇଛି । ଯାହା ଶ୍ରେଷ୍ଠ ପ୍ରଦର୍ଶନ ଏବଂ କମ୍‌ଖର୍ଚ୍ଚ ସୁନିଶ୍ଚିତ କରିଥାଏ । ଟାଟା ମୋଟର୍ସ ନିଜର ସମସ୍ତ ଟ୍ରକ ପାଇଁ ଏକ ନୂତନ ମାନଦଣ୍ଡ ସୃଷ୍ଟି କରିଛି । ନିଜର ସମସ୍ତ ଟ୍ରକକୁ କଠୋର ଇସିଇ ଆର୨୯ ୦୩ ସୁରକ୍ଷାମାନଦଣ୍ଡ ଅନୁଯାୟୀ ନିର୍ମାଣ କରିଛି । ଏଥିରେ ସାମ୍ନାପାଖର୍ ଏବଂ ଓଲଟି ପଡ଼ିବା ଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଶକ୍ତିଶାଳୀ କ୍ୟାବିନ ରହିଛି ଏବଂ ଏଥିରେ ୨୩ଟି ଆଧୁନିକ ସୁରକ୍ଷା ଜ୍ଞାନକୌଶଳ ଯେପରିକି ଆଡ଼ାପଟିଭ କ୍ରୁଜ ନିୟନ୍ତ୍ରଣକାରୀ ଏବଂ କୋଲିଜନ ମିଟିଗେସନ ପ୍ରଣାଳୀ ମଧ୍ୟ ଦିଆଯାଇଛି ।

ଫ୍ଲିଟଏଜ, ପରବର୍ତି ପିଢ଼ି ସଂଯୁକ୍ତକାରୀ ଯାନର ମଂଚ ତଥା ପୁନର୍ବାର ଏଥିରେ ବର୍ଦ୍ଧିତ ସୁରକ୍ଷା ଯଥାର୍ଥରେ ଟାଟାମୋଟର୍ସକୁ ଭାରତର ଏକମାତ୍ର ଉତ୍ପାଦନକାରୀ ଟ୍ରକ ଭାବରେ ବିଶ୍ୱସ୍ତରର ମାନଦଣ୍ଡ ସହିତ ଯଥାର୍ଥରେ ସାମିଲ କରିପାରିଛି ।

ସମୟ

(ଶ୍ରୀମଦ୍ଭଗବଦ୍ ଗୀତା ୨/୧୯)

ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

ନ ଜାୟତେ ମ୍ରିୟତେ ବା କଦାଚି-
ନ୍ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।। ୧୯ ।।

ଯଃ ଏନଂ (ଆତ୍ମାନଂ) ହନ୍ତାରଂ ବେତ୍ତି, ଯଶ୍ଚ ଏନଂ ହତଂ ମନ୍ୟତେ, ତୌ ଉଭୌ ନ ବିଜାନୀତଃ (ବିଶେଷେଣ ନ ଅବଗଚ୍ଛତଃ), ଅୟଂ ନ ହନ୍ତି ନ ହନ୍ୟତେ ।। ୧୯ ।।

# ଇତିହାସର ଅନ୍ଧକାର ଗର୍ଭରେ ବିପ୍ଳବୀ ଚାଖି ଖୁଣ୍ଟିଆ

ଯେଉଁ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ଜୀବନ ଫଳରେ ଆମେମାନେ ସ୍ୱାଧୀନତାର ସ୍ୱାଦ ଚାଖିଲୁ, ସେମାନେ ରହିଗଲେ, ସ୍ୱାଧୀନତା ସଂଗ୍ରାମ ଇତିହାସର ଅନ୍ଧକାର ଗର୍ଭରେ-ଏଇ ଆମ ଓଡ଼ିଶାରେ । ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ବଳିଷ୍ଠ ଭୂମିକା ଉଲ୍ଲେଖମାତ୍ର ରହିଛି ସିନା, ଗୁରୁତ୍ୱାରୋପ ଯେପରି କରାଯିବା କଥା ତାହା କରାଯାଇ ପାରିନାହିଁ । ତାହା ହିଁ ଦୁଃଖ ଆମ ସମସ୍ତଙ୍କର । ଫଳରେ ଆମର ପରବର୍ତ୍ତୀ ପିଢ଼ିଙ୍କୁ ଆମେ ଶହୀଦ ବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମ୍ପର୍କରେ ବିଶେଷ କିଛି ଜଣାଇ ପାରିବା ନାହିଁ ବା ବିଶେଷ କିଛି ଦେଖାଇ ପାରିବା ନାହିଁ । ୧୮୧୭ରେ ଓଡ଼ିଶାର ଯେଉଁ ପାଇକ ବିଦ୍ରୋହ ଅନୁଷ୍ଠିତ ହୋଇଥିଲା, ତାହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଆମେ ଜାତୀୟ ବା ଅର୍ନ୍ତଜାତୀୟ ସ୍ତରରେ ପ୍ରତିପାଦିତ କରି ପାରିଲୁ ନାହିଁ । ଫଳରେ ୧୮୫୭ର ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଗଲା । ଅବଶ୍ୟ ଭାରତ ସରକାର, ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଘୋଷଣା କରିନାହାନ୍ତି । ସେ ଦୃଷ୍ଟିରୁ ୧୯୯ ବର୍ଷ ତଳେ ଜନ୍ମ ହୋଇଥିବା ଭାରତର ଅଦ୍ୱିତୀୟ ସଂଗ୍ରାମୀ, ବିପ୍ଳବୀ ଓ ସାହିତ୍ୟ ସାଧକ ଚାଖି ଖୁଣ୍ଟିଆଙ୍କୁ ଏ ଓଡ଼ିଆ ଜାତି ଯେତିକି ମନେ ରଖିବା କଥା ରଖି ପାରିନାହିଁ । ତାଙ୍କ ଜନ୍ମର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ଉଭୟ ଓଡ଼ିଶା ଓ ଉତ୍ତର ପ୍ରଦେଶ ସରକାର ତାଙ୍କର ଜନ୍ମ ଦିନଠାରୁ ପାଳନ କରିବାକୁ ଉଦ୍ୟମ କରିବା ଉଚିତ । ଝାନ୍ସି ରାଣୀ ଲକ୍ଷ୍ମିବାଇଙ୍କର ସେ କେବଳ ପାରିବାରିକ ପୂଜକ ନଥିଲେ ବରଂ ରାଣୀଙ୍କୁ ବିଭିନ୍ନ ଯୁଦ୍ଧ ବିଦ୍ୟା ଓ ଯୁଦ୍ଧ କୌଶଳ ସମ୍ପର୍କରେ ଶିକ୍ଷାଦାନ ମଧ୍ୟ କରିଥିଲେ ।

> ୧୮୧୭ରେ ଓଡ଼ିଶାର ଯେଉଁ ପାଇକ ବିଦ୍ରୋହ ଅନୁଷ୍ଠିତ ହୋଇଥିଲା, ତାହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଆମେ ଜାତୀୟ ବା ଅର୍ନ୍ତଜାତୀୟ ସ୍ତରରେ ପ୍ରତିପାଦିତ କରି ପାରିଲୁ ନାହିଁ । ଫଳରେ ୧୮୫୭ର ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଗଲା ।

ପୁରୀ ସହର ଅନ୍ତର୍ଗତ ମଣିକର୍ଣ୍ଣିକା ସାହିର ହଜୁରୀ ରଘୁନାଥ ବଡପଣ୍ଡାଙ୍କର ସେ ପୁତ୍ର ଥିଲେ । ୧୭୮୫ ମସିହାରେ ଜଗନ୍ନାଥଙ୍କ ଚନ୍ଦନ ଲାଗି ସମୟରେ ସେ ଜନ୍ମ ହୋଇଥିବା ଯୋଗୁଁ ତାଙ୍କର ନାଁ ଦିଆ ଯାଇଥିଲା ଚନ୍ଦନ ହଜୁରୀ । ଇଂରାଜୀ ତାରିଖ ଅନୁଯାୟୀ ସେ ଦିନଟି ଥିଲା ଜାନୁଆରୀ ମାସ ୨୦ ତାରିଖ । ଏହି ଚନ୍ଦନ ହଜୁରୀ, ଚାଖି ଖୁଣ୍ଟିଆ ଭାବେ ପରିଚିତ ହୋଇଥିଲେ । ଏ ସମ୍ପର୍କରେ ଶୁଣାଯାଇ ଥାଏ ଯେ ପିଲା ଦିନେ ସେ ଖୁବ୍ ଦୁଷ୍ଟ ଥିଲେ ଏବଂ ଯେଉଁମାନେ ଶ୍ରୀମନ୍ଦିର ନିକଟରେ ମହାପ୍ରସାଦ ବିକ୍ରୀ କରୁଥିଲେ, ସେମାନଙ୍କଠାରୁ ଡାଲି ଓ ତରକାରୀ ପ୍ରଭୃତିକୁ ସେ ଝାମ୍ପି ନେଇ ଖାଉଥିଲେ । ସେଥିପାଇଁ ତାଙ୍କୁ ଚାଖି ଖୁଣ୍ଟିଆ ବୋଲି ମଧ୍ୟ ଡକା ଯାଉଥିଲା ।

ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ ଆମ ନିକଟରେ କାହାଣୀ ହୋଇ ରହିଗଲେ ସିନା ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ବିଷୟରେ ଯେପରି ଆଲୋଚନା ହେବା କଥା, ତାହା ହୋଇ ପାରିଲା ନାହିଁ । କେବଳ ଅବିଭକ୍ତ ପୁରୀ ଜିଲ୍ଲାରେ ବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତାଙ୍କର ଜୟନ୍ତୀ ଉତ୍ସବ ଭୁବନେଶ୍ୱରରେ ପାଳନ କରୁଥିଲେ ମଧ୍ୟ ସମଗ୍ର ଓଡ଼ିଶାରେ ବା ଲକ୍ଷ୍ନୌ ପ୍ରଦେଶରେ ତାଙ୍କର ଜୟନ୍ତୀ ଉତ୍ସବ ଯେପରି ପାଳନ କରିବା କଥା, ତାହା କରାଯାଉ ନାହିଁ । ଚାଖି ଖୁଣ୍ଟିଆଙ୍କ ପିତା ରଘୁନାଥ ବଡପଣ୍ଡା ବା ଖୁଣ୍ଟିଆ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କର ଜଣେ ବିଶିଷ୍ଟ ସେବକ ବା ଛାମୁ ଖୁଣ୍ଟିଆ । ପିତାଙ୍କ ସହିତ ଚନ୍ଦନ ବା ଚାଖି ପ୍ରତିବର୍ଷ ଉତ୍ତର ପ୍ରଦେଶକୁ ଯାତ୍ରା କରୁଥିଲେ । ଭକ୍ତମାନଙ୍କୁ ପୁରୀର ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ମନାଇବା ପାଇଁ ସେମାନେ ପ୍ରତିବର୍ଷ ଯାଉଥିଲେ । ଉତ୍ତର ପ୍ରଦେଶରେ ସେହି ସମୟରେ ଝାନସୀର ରାଜ ପରିବାର ସହିତ ସେମାନଙ୍କର ଭେଟ ହୋଇଥିଲା । ତା' ପରଠାରୁ ସେ ଝାନ୍ସୀ ରାଣୀ ଲକ୍ଷ୍ମୀବାଇଙ୍କର ଘର ଠାକୁରଙ୍କ ପୂଜକ ବା ପଣ୍ଡା ହୋଇ ରହିଗଲେ । ସେ ଲକ୍ଷ୍ମୀବାଇଙ୍କୁ ଯୁଦ୍ଧବିଦ୍ୟା ସଂକ୍ରାନ୍ତରେ ପରାମର୍ଶ ଦେଇ ଆସୁଥିଲେ । ୧୮୫୭ ଭାରତ ବିଖ୍ୟାତ ସିପାହୀ ବିଦ୍ରୋହରେ ଚାଖି ଖୁଣ୍ଟିଆଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଲକ୍ଷ୍ମୀବାଇ ଚାଖି ଖୁଣ୍ଟିଆଙ୍କ ନିକଟକୁ ଲେଖିଥିବା ଏକ ମୂଲ୍ୟବାନ ପତ୍ରର ସନ୍ଧାନ ମିଳି ପାରି ନାହିଁ । ବିଶିଷ୍ଟ ଐତିହାସିକ ସ୍ୱର୍ଗୀୟ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ମତରେ ୧୮୫୭ର ସିପାହୀ ବିଦ୍ରୋହ ସଂକ୍ରାନ୍ତୀୟ ପୁସ୍ତକର ରଚୟିତା ଏସ୍. ଏନ୍. ସେନ୍ ସେହି ପତ୍ରକୁ ଜାଲ ପତ୍ର ବୋଲି କୁଆଡେ ଉଲ୍ଲେଖ କରିଥିଲେ । ଲକ୍ଷ୍ନୌରେ ସେତେବେଳେ ଯେଉଁ ଇଂରେଜମାନଙ୍କଦ୍ୱାରା ପରିଚାଳିତ ତ୍ରୟୋଦଶ ସିପାହୀ ବାଟାଲିଆନ ଥିଲା, ଚାଖି ଖୁଣ୍ଟିଆ ସେହି ବାଟାଲିଅନରେ ସିପାହୀ ବା ସୈନିକମାନଙ୍କ ସହ ସମ୍ପର୍କ ରଖିଥିଲେ । ମାତ୍ର ବ୍ରିଟିଶ ସରକାର ଏହା ଜାଣି ଯିବାରୁ ଚାଖି ଖୁଣ୍ଟିଆ ବିହାରର ଗୟାକୁ ଲୁଚି ପଳାଇଥିଲେ । ସେଠାରେ ସେ ଧରାପଡ଼ି ଅଟକବନ୍ଦୀ ରହିଥିଲେ । ୧୮୫୮ରେ ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣାପତ୍ର ମିଳିବା ପରେ ଅନ୍ୟମାନଙ୍କ ସହ ତାଙ୍କୁ ଖଲାସ କରି ଦିଆ ଯାଇଥିଲା । ତାଙ୍କର ଅବଶିଷ୍ଟ ଜୀବନକୁ ସେ ସାହିତ୍ୟ ସେବାରେ ବିନିଯୋଗ କରିଥିଲେ ଏବଂ ୧୮୭୦ରେ ତାଙ୍କର ଦେହାନ୍ତ ହୋଇଥିଲା ।

# ନୂଆ ବର୍ଷ, ନୂଆ ଗତି : ୨୦୨୫ରେ ସଂସ୍କାର ଭାରତର ପରବର୍ତ୍ତୀ ପର୍ଯ୍ୟାୟର ପ୍ରଗତିକୁ ଯୋଗାଉଛି ଶକ୍ତି

ପୀୟୂଷ ଗୋଏଲ
କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ

ଭାରତର ବାଣିଜ୍ୟ ଏବଂ ଶିଳ୍ପ ଦୃଶ୍ୟପଟ୍ଟରେ ନୂଆ ବର୍ଷ ଏକ ନୂତନ ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବ ନେଇ ଆସିଛି । ୨୦୨୫ ମସିହାରେ କେନ୍ଦ୍ର ସରକାର ଗ୍ରହଣ କରିଥିବା ନିର୍ଣ୍ଣାୟକ ଏବଂ ସଂସ୍କାରମୂଳକ ପଦକ୍ଷେପମାନ ଦେଶର ବାଣିଜ୍ୟ ଓ ନିବେଶ କାର୍ଯ୍ୟକଳାପକୁ ଦ୍ରୁତ ଗତି ପ୍ରଦାନ କରିବା ଆରମ୍ଭ କରିଛି। ଏହାର ପରିଣାମ ସ୍ୱରୂପ, କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ଓ ଷ୍ଟାର୍ଟଅପ ମାନଙ୍କ ପାଇଁ ବୈଶ୍ୱିକ ବଜାରରେ ପ୍ରବେଶର ସୁଯୋଗ ଅଧିକ ସମ୍ପ୍ରସାରିତ ହୋଇଛି। ସେହି ସହିତ, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ 'ଇଜ୍ ଅଫ୍ ଲିଭିଂ'କୁ ପ୍ରୋତ୍ସାହିତ କରିବା ନିମନ୍ତେ ଆରମ୍ଭ କରାଯାଇଥିବା ମିଶନ ମଧ୍ୟ ଧୀରେଧୀରେ ଫଳପ୍ରସୂ ହେବାର ସଙ୍କେତ ଦେଉଛି ।

ଏହି ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ପ୍ରମୁଖ ପଦକ୍ଷେପ ହେଉଛି ଷ୍ଟାର୍ଟ ଅପ୍ ସଂସ୍ଥାମାନଙ୍କୁ ପ୍ରୋତ୍ସାହନ ଯୋଗାଇବା । ଆଜି, ଭାରତରେ ସରକାରଙ୍କ ଦ୍ୱାରା ସ୍ୱୀକୃତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟ ଅପ୍ ଅଛନ୍ତି । ଷ୍ଟାର୍ଟ ଅପ୍ ଇଣ୍ଡିଆର ଦଶମ ବର୍ଷପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆମର ଷ୍ଟାର୍ଟଅପ ଗୁଡ଼ିକ ଅନେକ ସମସ୍ୟାର ସମାଧାନ ଉପାୟ ଯୋଗାଇବା ସହିତ ଭାରତର ଅର୍ଥନୀତିକୁ ସହନଶୀଳ ଏବଂ ଅଧିକ ଆତ୍ମ ନିର୍ଭରଶୀଳ ହେବା ନିମନ୍ତେ ସହାୟକ ହେଉଛନ୍ତି । ଷ୍ଟାର୍ଟ ଅପ୍ ସଂସ୍ଥାମାନଙ୍କୁ ସକଳ ପ୍ରକାର ସହାୟତା ପ୍ରଦାନ ହେଉଛି । ଏହା ମୋଦୀ ସରକାରଙ୍କ ଆର୍ଥିକ ବିକାଶ ପ୍ରକ୍ରିୟାର ଏକ ବ୍ୟାପକ ରଣନୀତି ଏବଂ ଏହା ଫଳରେ ଦେଶର ପ୍ରତ୍ୟେକ ନାଗରିକ, ବିଶେଷକରି ଗରିବ ଲୋକମାନଙ୍କ ଜୀବନଧାରଣର ମାନରେ ଉନ୍ନତି ସାଧିତ ହୋଇପାରିବ । ୨୦୨୫ ମସିହା ଥିଲା ଏଭଳି ପଞ୍ଚ ପରିବର୍ତ୍ତନକାରୀ ଯାତ୍ରାର ଏକ ଉଲ୍ଲେଖନୀୟ ବର୍ଷ । ୨୦୧୪ ମସିହା ଠାରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ଏବଂ ନିର୍ଣ୍ଣାୟକ ନେତୃତ୍ୱରେ ଏହି ବର୍ଷ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏଭଳି ମଜଭୁତ ନିଷ୍ପତ୍ତି ଏବଂ ପଞ୍ଚ ପରିବର୍ତ୍ତନକାରୀ ସଂସ୍କାର ପ୍ରକ୍ରିୟା ଯୋଗୁଁ, ଆମ ସରକାର ବ୍ୟାବସାୟିକ ବାତାବରଣର ପୁନର୍ଗଠନ କରିପାରିଛନ୍ତି । ଏହା ମଧ୍ୟ ସୁନିଶ୍ଚିତ କରିଛନ୍ତି ଯେ, ପ୍ରତ୍ୟେକ ସଂସ୍କାରିତ ନୀତି ଯେଭଳି ନାଗରିକମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ପାଇଁ ତା'ର ଅବଦାନ ଦେଇପାରିବ ତଥା ଦେଶର ଦରିଦ୍ରତମ ଲୋକମାନଙ୍କ ଜୀବନ ଧାରଣ ଅଧିକ ଉନ୍ନତ ହୋଇପାରିବ । ସାରା ବିଶ୍ୱର ନଜର ବର୍ତ୍ତମାନ ଭାରତ ଉପରେ ନିବଦ୍ଧ ଏବଂ ଏହାକୁ ସଭିଏଁ ଏକ ନିର୍ଭରଯୋଗ୍ୟ ତଥା ବିଶ୍ୱସନୀୟ ସହଭାଗୀ ଭାବରେ ବିବେଚନା କରୁଛନ୍ତି । ଭାରତର ମୋଟ ରପ୍ତାନୀ ମାତ୍ରାରେ ୨୦୨୪-୨୫ ମସିହାରେ ୬ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି, ଯାହା ରେକର୍ଡ ୮୨୫.୨୫ ବିଲିୟନ ଆମେରିକୀୟ ଡଲାର ଛୁଇଁଛି। ଏଥି ସହିତ ସକଳ ପ୍ରକାର ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ଭାରତ ତା'ର ବିକାଶର ଗତିକୁ ମଧ୍ୟ ଜାରି ରଖି ପାରିଛି । ରପ୍ତାନୀକାରୀମାନଙ୍କୁ ଆହୁରି ଅଧିକ ସମର୍ଥନ ଜ୍ଞାପନ ନିମନ୍ତେ, ସରକାର ୨୫,୦୬୦ କୋଟି ଟଙ୍କାର ଏକ ରପ୍ତାନୀ ପ୍ରୋତ୍ସାହନ ମିଶନ ଗଠନ ବିଷୟ ଘୋଷଣା କରିଛନ୍ତି ।

ଜନ ବିଶ୍ୱାସ ଏବଂ ଇଜ୍ ଅଫ୍ ଡୁଇଂ ବିଜିନେସ: ଉଚ୍ଛେଦ ଏବଂ ସଂଶୋଧନ ଆଇନ ୨୦୨୫ ମାଧ୍ୟମରେ ୭୧ ଗୋଟି ଅଦରକାରୀ ବିଧି ବ୍ୟବସ୍ଥାର ଉଚ୍ଛେଦ ଘଟାଯାଇଛି । ସେଥି ମଧ୍ୟରୁ କେତେଗୋଟି ଆଇନ ୧୮୮୬ ମସିହାଠାରୁ କାର୍ଯ୍ୟକାରୀ ହୋଇ ଆସୁଥିଲା। ଜନ ବିଶ୍ୱାସ ଉପକ୍ରମ ଅଧୀନରେ, ମୋଦୀ ସରକାର ଅନେକ ଦୋଷତ୍ରୁଟିକୁ ଅପରାଧିକ ବ୍ୟବସ୍ଥାମୁକ୍ତ କରିଛନ୍ତି । ଏହିସବୁ ସଂସ୍କାର ଶାସନ ବ୍ୟବସ୍ଥାକୁ ସମ୍ପ୍ରସାରିତ କରିଛି, ଇଜ୍ ଅଫ୍ ଡୁଇଂ ବିଜିନେସକୁ ପ୍ରୋତ୍ସାହନ ଯୋଗଉଛି ଏବଂ ଭାରତର ନ୍ୟାୟିକ ଢାଞ୍ଚାକୁ ସୁନିଶ୍ଚିତ କରିଛି ଯାହାକି ଆଧୁନିକ ଅର୍ଥ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସମ୍ପାଦିତ ହୋଇଛି । ଏହି ପଦ୍ଧତି ଚଳିତ ବର୍ଷ ମଧ୍ୟ ଅଧିକ ସମୀକ୍ଷାମୂଳକ ସଂସ୍କାର ମାଧ୍ୟମରେ ଶହଶହ ସଂଖ୍ୟାରେ ସମ୍ପାଦନ କରାଯିବ । ଗତ ବର୍ଷ ସଂସଦର ମୌସୁମୀ ଅଧିବେଶନ କାଳରେ, ପାଞ୍ଚଗୋଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ଯାହାକି ଜାହାଜ ଚଳାଚଳ ଏବଂ ବନ୍ଦର ସମ୍ପର୍କୀତ ଥିଲା ତାହା ପାରିତ ହୋଇଛି। ଏହିସବୁ ଆଇନଗୁଡ଼ିକ ନଥିକରଣକୁ ସହଜ ସାଧ କରିବା ସହିତ ସହଜରେ ବିବାଦ ସମାଧାନ କରେ ତଥା ଲଜିଷ୍ଟିକ୍ସ ମୂଲ୍ୟକୁ ବ୍ୟାପକ ମାତ୍ରାରେ ହ୍ରାସ କରିବାର ଅବସର ପ୍ରଦାନ କରେ । ବାଣିଜ୍ୟ ଦିଗ ଉପରେ ଆମେ ଯଦି ନଜର ପକାଇବା ତେବେ ଜାଣି ପାରିବା ଯେ ବୈଦେଶିକ ବାଣିଜ୍ୟ ମହା ନିର୍ଦ୍ଦେଶାଳୟ ସକାରାତ୍ମକ ଭାବରେ ନିଜର ସ୍ୱଚ୍ଛ ଏବଂ ସୁଗମ ନୀତି ମାଧ୍ୟମରେ କେବଳ ରପ୍ତାନୀକାରୀମାନଙ୍କ ସମର୍ଥନ ଜଣାଉ ନାହାନ୍ତି ଅପରପକ୍ଷେ ଇଜ୍ ଅଫ୍ ଡୁଇଂ ବିଜିନେସକୁ ମଧ୍ୟ ସହଯୋଗ କରୁଛନ୍ତି । ଏହିସବୁ ଉପକ୍ରମ ଆମର ବଣିକ, କ୍ଷୁଦ୍ର ବ୍ୟବସାୟୀ ଏବଂ ଷ୍ଟାର୍ଟ ଅପ୍ ସଂସ୍ଥାମାନଙ୍କ ମନରେ ଥିବା ଉଦ୍ୟମିତାର ଭାବନାକୁ ତ୍ୱରାନ୍ୱିତ କରୁଛି ଏବଂ ସେମାନେ ବର୍ତ୍ତମାନ ଅନୁପାଳନ ଆବଶ୍ୟକତା ନିମନ୍ତେ ଅଯଥାରେ ସମୟ ଅପଚୟ କରିବା ପରିବର୍ତ୍ତେ ନିଜ ବ୍ୟବସାୟିକ କର୍ମରେ ମନୋନିବେଶ କରିପାରିବେ ଏବଂ ସେମାନଙ୍କ ମନରେ ଛୋଟ ମୋଟ ବ୍ୟତିକ୍ରମ ନିମନ୍ତେ ଦଣ୍ଡିତ ହେବାର ଭୟ ଆଉ ରହିବନାହିଁ ।

## ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଏବଂ 'ଲୋକାଲ ଫର୍ ଭୋକାଲ'

ଭାରତର ବାଣିଜ୍ୟ ଏବଂ ନିବେଶ ରଣନୀତିର ମୂଳ ସୂତ୍ରଟି ହେଲା ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସର୍ବଦା ଅଗ୍ରାଧିକାର ପ୍ରଦାନ କରିବାଛ ବିଶେଷ କରି କ୍ଷୁଦ୍ର ବ୍ୟବସାୟୀ, ଷ୍ଟାର୍ଟ ଅପ୍ ସଂସ୍ଥା, କୃଷକ ଏବଂ ଶିଳ୍ପୀମାନଙ୍କୁ ଏବଂ ସେମାନେ କିଭଳି ବୈଶ୍ୱିକ ସ୍ତରରେ ସଫଳ ହୋଇପାରିବେ ସେଥି ନିମନ୍ତେ ସେମାନଙ୍କୁ ସଶକ୍ତ କରିବା। ଏହି ପରିକଳ୍ପନାକୁ ସାକାର କରିବା ନିମନ୍ତେ ଭାରତ ଗତ ବର୍ଷ ତିନିଗୋଟି ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ସ୍ୱାକ୍ଷର କରିଛି, ଯାହାକି ଭାରତରେ ଉତ୍ପାଦିତ ସାମଗ୍ରୀମାନଙ୍କୁ ବ୍ରିଟେନ, ନ୍ୟୁଜିଲାଣ୍ଡ ଏବଂ ଓମାନ ଭଳି ବିକଶିତ ବଜାରରେ ବିନା ଶୁଳ୍କରେ ଉପଲବ୍ଧ କରାଯାଇ ପାରୁଛି । ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ସ୍ୱାକ୍ଷର ହେଉଛି ସଂସ୍କାର ପ୍ରକ୍ରିୟାର ଅଂଶ ବିଶେଷ । ପୂର୍ବରୁ ୟୁପିଏ ସରକାରଙ୍କ ସମୟରେ ଅବିଚାରିତ ଭାବରେ ସ୍ୱାକ୍ଷରିତ ରାଜିନାମାମାନ ସେହିସବୁ ରାଷ୍ଟ୍ରମାନଙ୍କ ସହିତ ସ୍ୱାକ୍ଷରିତ ହୋଇଥିଲା, ଯେଉଁମାନେ ବୈଶ୍ୱିକ ସ୍ତରରେ ଭାରତ ସହିତ ପ୍ରତିଯୋଗିତା କରୁଥିଲେ ଏବଂ ସେଥିରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରାଯାଇଥିଲା। କିନ୍ତୁ ମୋଦୀ ସରକାର ସଠିକ ଭାବରେ ଏଫଟିଏମାନ ସେହିସବୁ ବିକଶିତ ରାଷ୍ଟ୍ରମାନଙ୍କ ସହିତ ଉଚିତ ଭାବରେ ସ୍ୱାକ୍ଷର କରିଛି ଏବଂ ଏଭଳି ରାଜିନାମାରେ ଉଭୟ ପକ୍ଷଙ୍କ ପାଇଁ ଫାଇଦା ମିଳିବାର ପ୍ରାବଧାନ ରହିଛି।

ଏହିସବୁ ମୁକ୍ତ ବାଣିଜ୍ୟ ରାଜିନାମାମାନ କର୍ମନିଯୁକ୍ତି ସୃଷ୍ଟି, ନିବେଶ ପ୍ରୋତ୍ସାହନକୁ ତ୍ୱରାନ୍ୱିତ କରିବ ଏବଂ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା, ଛାତ୍ରଛାତ୍ରୀ, ମହିଳା, କୃଷକ ଏବଂ ସାରା ଭାରତର ଯୁବଗୋଷ୍ଠୀଙ୍କ ନିମନ୍ତେ ବ୍ୟାପକ ପରିବର୍ତ୍ତନକାରୀ ସୁଯୋଗର ଦ୍ୱାର ଉନ୍ମୁକ୍ତ କରିବ । ପ୍ରତ୍ୟେକ ରାଜିନାମା ସମସ୍ତ ହିତଧାରକ ପକ୍ଷଙ୍କ ସହିତ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା କରାଯିବା ପରେ, ସନ୍ତୁଳନ ରକ୍ଷା ସୁନିଶ୍ଚିତ ହେବା ପରେ ଏଥିରୁ ନିର୍ଯ୍ୟାସ ବାହାର କରାଯାଇଥିଲା ଏବଂ ବିକଶିତ ରାଷ୍ଟ୍ରମାନଙ୍କ ସହିତ ଉଭୟ ପକ୍ଷଙ୍କ ପାଇଁ ବାସ୍ତବ ପକ୍ଷେ ଫାଇଦା ହେବା ଭଳି ସର୍ତ୍ତାବଳୀ ସହିତ ରାଜିନାମାମାନ ସ୍ୱାକ୍ଷରିତ ହୋଇଥିଲା।

## ଭାରତର ସ୍ୱାର୍ଥକୁ ସୁରକ୍ଷିତ ରଖିବା

ଏହିସବୁ ରାଜିନାମାମାନଙ୍କ ବ୍ୟତୀତ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘର ସୁଇଜରଲ୍ୟାଣ୍ଡ, ନରୱେ, ଆଇସଲ୍ୟାଣ୍ଡ ଏବଂ ଲିଚେନଷ୍ଟେନଙ୍କ ସହିତ ୨୦୨୪ ମସିହାରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ସ୍ୱାକ୍ଷରିତ ଏବଂ କାର୍ଯ୍ୟକାରୀ ହୋଇଛି । ସ୍ୱାକ୍ଷରିତ ସମସ୍ତ ମୁକ୍ତ ବାଣିଜ୍ୟ ରାଜିନାମାର ଗୋଟିଏ ସମାନ ପ୍ରସଙ୍ଗ ହେଉଛି ଭାରତର କୃଷି ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ସମ୍ପୂର୍ଣ୍ଣ ସୁରକ୍ଷା ଯାହାକି ଏହି ରାଜିନାମାରେ ସ୍ୱାକ୍ଷରିତ ହୋଇଛି। ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ରାଷ୍ଟ୍ରମାନେ ବୈଶ୍ୱିକ ସ୍ତରରେ ଏହିସବୁ ସାମଗ୍ରୀର ପ୍ରମୁଖ ରପ୍ତାନୀକାରୀ ହୋଇ ରହିଆସିଛନ୍ତି । ଏହିସବୁ ବାଣିଜ୍ୟ ରାଜିନାମାମାନଙ୍କ ମାଧ୍ୟମରେ, ଭାରତୀୟ ରପ୍ତାନୀକାରୀମାନେ ତତ୍କାଳ ଅଥବା ଦ୍ରୁତ ଟାରିଫ୍ ଉଚ୍ଛେଦ ସୁବିଧା ପାଇପାରୁଛନ୍ତି, ଯଦ୍ୟପି ସେମାନଙ୍କର ନିଜ ବଜାର ଆକଳିତ ଏବଂ ପର୍ଯ୍ୟାୟକ୍ରମିକ ହୋଇ ରହିଛି । ନ୍ୟୁଜିଲ୍ୟାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ବିଲିୟନ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ କରିବ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଛି, ଯାହାକି ଇଏଫଟିଏ ରାଷ୍ଟ୍ରମାନଙ୍କ ସହିତ ଭାରତ ସ୍ୱାକ୍ଷରିତ କରିଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ଥିବା ନବାଚାରଯୁକ୍ତ ନିବେଶ ଆଧାରିତ ବ୍ୟବସ୍ଥାକୁ ପ୍ରତିଫଳିତ କରେ। ଏହି ନିବେଶ କୃଷି, ଡାଏରୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ଶିକ୍ଷା, କ୍ରୀଡ଼ା ଏବଂ ଯୁବ ବିକାଶକୁ ସମର୍ଥନ ଜଣାଇବା ସହିତ ବ୍ୟାପକ ଭାବରେ ତଥା ସମାବେଶୀ ବିକାଶକୁ ପ୍ରୋତ୍ସାହନ ଯୋଗାଇବ ।

## ଭାରତ : ଏକ ବୈଶ୍ୱିକ ନିବେଶ ଲକ୍ଷ୍ୟସ୍ଥଳୀ

ବିଗତ ୧୧ ବର୍ଷ ମଧ୍ୟରେ ଅର୍ଥାତ, ୨୦୨୪-୨୫ ମସିହା ପର୍ଯ୍ୟନ୍ତ, ଭାରତ ୭୪୮ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ଆକୃଷ୍ଟ କରିଛି। ଯାହାକି ପୂର୍ବବର୍ତ୍ତୀ ୧୧ ବର୍ଷ ତୁଳନାରେ ପ୍ରାୟ ଅଢେଇ ଗୁଣ ଅଧିକ । ପୂର୍ବବର୍ତ୍ତୀ ୧୧ ବର୍ଷ ମଧ୍ୟରେ ଦେଶକୁ ମାତ୍ର ୩୦୮ ବିଲିୟନ ଆମେରିକୀୟ ଡଲାରର ବିଦେଶୀ ପୁଞ୍ଜି ପ୍ରବେଶ କରିଥିଲା । ଏହା ଏକାଧିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ କାରଣ ମୋଦୀ ସରକାର ଏକ ବିପର୍ଯ୍ୟନ୍ତ ଅର୍ଥନୀତିକୁ ଉତ୍ତରାଧିକାରୀ ଭାବରେ ଗ୍ରହଣ କରିଥିଲା, ଯାହାକୁ ସେତେବେଳେ ବିଶ୍ୱର 'ଦୁର୍ବଳ ପଞ୍ଚ' ଅର୍ଥନୀତି ଭାବେ ଚିହ୍ନିତ କରାଯାଇଥିଲା। ୟୁପିଏ ସରକାରଙ୍କ ଅମଳରେ, ବାରମ୍ବାର ଅର୍ଥନୈତିକ ବିପର୍ଯ୍ୟୟ ଯୋଗୁଁ ବିକଶିତ ଦେଶଗୁଡ଼ିକ ଭାରତ ସହିତ ବାଣିଜ୍ୟ ଆଲୋଚନାରୁ ଓହରି ଯାଇଥିଲେ। କେନ୍ଦ୍ରିତ, ଦୁର୍ନୀତିମୁକ୍ତ ଶାସନ, ସାହସିକ ସଂସ୍କାର ଏବଂ ଆର୍ଥିକ ଶୃଙ୍ଖଳା ମାଧ୍ୟମରେ, ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଅର୍ଥନୀତିରେ ବିଶ୍ୱାସ ଫେରାଇ ଆଣିଥିଲେ, ବାଣିଜ୍ୟ ଏବଂ ନିବେଶ ପାଇଁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ ଭାବରେ ଭାରତର ମର୍ଯ୍ୟାଦା ବୃଦ୍ଧି କରିଥିଲେ।

ଗରିବ ଲୋକମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ସଂସ୍କାର: ୨୦୨୫ ମସିହାରେ ଭାରତ ଏକ ଉଚ୍ଚ ଫଳାଫଳ ସହିତ ଉପରକୁ ଉଠିଛି ଏବଂ ବର୍ତ୍ତମାନ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଆର୍ଥିକ ଶକ୍ତିରେ ପରିଣତ ହୋଇଛି । ଏହା ଜର୍ମାନୀକୁ ଖୁବ୍ ଶୀଘ୍ର ପଛରେ ପକାଇବା ଦିଗରେ ବର୍ତ୍ତମାନ ଦୃଢତାର ସହିତ ଆଗକୁ ବଢି ଚାଲିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ୟୁପିଏ ଶାସନକାଳଠାରୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ, ଆର୍ଥିକ ସୁଫଳ ବର୍ତ୍ତମାନ ଦରିଦ୍ରତମ ଲୋକଙ୍କ ନିକଟରେ ପହଞ୍ଚି ପାରିଛି, ବିଶେଷ କରି ଭାରତର ଗ୍ରାମାଞ୍ଚଳରେ ପହଞ୍ଚିଛି । କର୍ମଚାରୀମାନଙ୍କ ସୁବିଧା ବୃଦ୍ଧି ନିମନ୍ତେ ମୋଦୀ ସରକାର ଐତିହାସିକ ଶ୍ରମ ସଂସ୍କାର ପଦକ୍ଷେପ ହାତକୁ ନେଇଛନ୍ତି ଏବଂ ୨୯ଗୋଟି ଛୋଟ ଛୋଟ ଆଇନକୁ ଚାରିଗୋଟି ଆଧୁନିକ ବିଧି ଭାବରେ ଏକତ୍ର ମିଶ୍ରଣ କରିଛନ୍ତି। ଏଥିରେ ଉପଯୁକ୍ତ ମଜୁରୀ, ସମୟୋଚିତ ବେତନ ପ୍ରଦାନ, ସାମାଜିକ ନିରାପତ୍ତା ଏବଂ ସୁରକ୍ଷାକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି । ଏହା ଫଳରେ ଦେଶର କର୍ମଶକ୍ତିରେ ମହିଳାମାନଙ୍କ ଅଧିକ ଅଂଶଗ୍ରହଣକୁ ମଧ୍ୟ ସୁନିଶ୍ଚିତ କରାଯାଇ ପାରିଛି । ଜିଏସଟି ସଂସ୍କାରରୁ ପ୍ରତ୍ୟେକ ଭାରତୀୟ ନାଗରିକ ଉପକୃତ ହୋଇଛନ୍ତି ଏବଂ ଏହାକୁ ବର୍ତ୍ତମାନ ଏକ ସ୍ପଷ୍ଟ ଦୁଇ- ପର୍ଯ୍ୟାୟ ବିଶିଷ୍ଟ ଢାଞ୍ଚାରେ ପରିଣତ କରାଯାଇଛି । ଏହା ପରିବାର ଠାରୁ ଆରମ୍ଭ କରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କୃଷକ ଏବଂ ଶ୍ରମଶକ୍ତିଯୁକ୍ତ କ୍ଷେତ୍ରକୁ ଅଧିକ ସହଜ କରିପାରିବ ।

## ଭବିଷ୍ୟତର ମାର୍ଗ

୨୦୨୫ ମସିହାକୁ ଏକ ସେତୁ ନିର୍ମାଣ ଏବଂ ସଂଯୋଗର ବର୍ଷ ଭାବରେ ବିବେଚନା କରାଯାଇପାରେ । ଏହି ସେତୁ ଘରୋଇ ଉଦ୍ୟୋଗ ଏବଂ ବୈଶ୍ୱିକ ଚାହିଦା ମଧ୍ୟରେ ନୀତିଗତ ସଂସ୍କାର ତଥା ଡିଜିଟାଲ ସଶକ୍ତୀକରଣ ମଧ୍ୟରେ ଏବଂ ବର୍ତ୍ତମାନ ମୁଣ୍ଡ ଟେକୁଥିବା କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ଓ ଅନ୍ତରାଷ୍ଟ୍ରୀୟ ବଜାର ମଧ୍ୟରେ ସମ୍ଭବପର ହୋଇପାରିଛି।

ଏସବୁ ସତ୍ତ୍ୱେ ଆଗକୁ ଆହୁରି ଅନେକ ଚମତ୍କାରିତା ହାସଲ କରିବାର ଅଛି । ନୀତି ଆୟୋଗର ସଦସ୍ୟ ରାଜୀବ ଗୌବାଙ୍କ ନେତୃତ୍ୱରେ ଗଠିନ ପାନେଲ ସଂସ୍କାର ଆହୁରି ବ୍ୟାପକ କ୍ଷେତ୍ର ସମ୍ପର୍କରେ ଅଧ୍ୟୟନ କରୁଛନ୍ତି । ଏହା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସଂସ୍କାର ଏକ୍ସପ୍ରେସକୁ ଅଧିକ ଗତି ପ୍ରଦାନ କରିବ। ଭାରତ ଯେତେବେଳେ ଆତ୍ମବିଶ୍ୱାସର ସହିତ ଆଗକୁ ଅଗ୍ରସର ହୋଇଚାଲିଛି, ଏହାର ଏକ ସ୍ପଷ୍ଟ ପରିକଳ୍ପନା ରହିଛି– ପ୍ରତିଦ୍ୱନ୍ଦ୍ୱୀ ବାଣିଜ୍ୟ କାରବାର, ନବାଚାର ଆଧାରିତ ଶିଳ୍ପ ଏବଂ ଏକ ସହନଶୀଳ ଅର୍ଥନୀତି ମାଧ୍ୟମରେ ବିକଶିତ ଭାରତ ନିର୍ମାଣ କରିବା ଯାହା ଆତ୍ମ ବିଶ୍ୱାସ ଏବଂ ଆତ୍ମ ନିର୍ଭରଶୀଳତାରେ ଭରପୂର ହୋଇଥିବ। ଭାରତର ରପ୍ତାନୀକାରୀ, ଉତ୍ପାଦକ, କୃଷକ ଏବଂ ସେବା ଯୋଗାଣକାରୀମାନଙ୍କର ଏହି ସଫଳତା ହେଉଛି ରାଷ୍ଟ୍ରର ସଫଳତା ।

ଭାରତ ବର୍ତ୍ତମାନ କେବଳ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରୁନାହିଁ ଏହା ସେହି ଭବିଷ୍ୟତର ନିମନ୍ତେ ଏକ ସୁଦୃଢ଼ ଏବଂ ଦୀର୍ଘକାଳୀନ ଭିତ୍ତି ସ୍ଥାପନ କରୁଛି। ନିର୍ଣ୍ଣାୟକ ନେତୃତ୍ୱ, ସାହସିକ ଓ ସମୟୋପଯୋଗୀ ସଂସ୍କାର ପ୍ରକ୍ରିୟା, ସହିତ ସ୍ପଷ୍ଟ ଓ ସୁସଙ୍ଗଠିତ ବୈଶ୍ୱିକ ରଣନୀତି ଏହି ସମସ୍ତଙ୍କ ସମନ୍ୱୟରେ ଦେଶର ମହତ୍ତ୍ୱାକାଂକ୍ଷା ଏବେ କେବଳ ଧାରଣାରେ ସୀମିତ ରହିନାହିଁ, ବରଂ କାର୍ଯ୍ୟରେ ପରିଣତ ହୋଇଚାଲିଛି। ଭାରତ ଯେତେବେଳେ ବାଣିଜ୍ୟ କାରବାର କରେ, ନିର୍ମାଣ କରେ, ନବାଚାର କରେ ଏବଂ ବିଶ୍ୱ ସହିତ ଏହିସବୁ କ୍ଷେତ୍ରରେ ସମ୍ପର୍କରେ ରହେ, ଏହା ତା'ର ନିଜସ୍ୱ ସୁଦୃଢ, ଆତ୍ମ-ନମନୀୟ ଏବଂ ଆସ୍ଥାଯୁକ୍ତ ରାଷ୍ଟ୍ର ଭାବନାର ସର୍ତ୍ତାବଳୀ ଅନୁସାରେ ହିଁ କରିଥାଏ।

* * *

# ଓଡ଼ିଶାରେ ସମୃଦ୍ଧ ସହରର ପରିକଳ୍ପନା

ପ୍ରଭାକର ସାହୁ

ଭାରତରେ ସହରୀକରଣ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ବିନ୍ଦୁକୁ ପହଞ୍ଚିଛି । ଦେଶ ଆଜି ବିଶ୍ୱର ସବୁଠାରୁ ଦ୍ରୁତ ଏବଂ ଜଟିଳ ସହରାଞ୍ଚଳ ପରିବର୍ତ୍ତନ ମଧ୍ୟରେ ଅବସ୍ଥିତ, ଯେଉଁଠାରେ ସହରଗୁଡ଼ିକ କେବଳ ଭୌଗୋଳିକ ଭାବେ ବିସ୍ତାର ହେଉନାହିଁ, ବରଂ ଜ୍ଞାନ, ବାଣିଜ୍ୟ, ସଂସ୍କୃତି ଏବଂ ମାନବ ଆକାଂକ୍ଷାର ଶକ୍ତିକେନ୍ଦ୍ର ଭାବେ ବିକଶିତ ହେଉଛି ।

ଏହି ଜାତୀୟ ପରିବର୍ତ୍ତନ ଦୃଶ୍ୟପଟରେ, ଓଡ଼ିଶା ଏକ ନୂତନ ଏବଂ ଆକର୍ଷଣୀୟ ସହରାଞ୍ଚଳ କାହାଣୀ ରଚି ଚାଲିଛି, ସେହି କାହାଣୀ ଯାହା ଦୃଷ୍ଟିକୋଣ, ଶୃଙ୍ଖଳା ଏବଂ ସହରଗୁଡ଼ିକ ସୁଯୋଗର ଉତ୍ପ୍ରେରକ ହେବା ଆବଶ୍ୟକ ବୋଲି ମନେ ହୋଇଛି । ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ଅଧୀନରେ ଓଡ଼ିଶା ସରକାରଙ୍କ ପ୍ରମୁଖ ସହରାଞ୍ଚଳ ରୂପାନ୍ତରଣ କାର୍ଯ୍ୟକ୍ରମ ସମୃଦ୍ଧ ସହର ମାଧ୍ୟମରେ ଏହି ନୂତନ ଅଧ୍ୟାୟ ଲେଖାଯାଉଛି । ଏହି ଯୋଜନା କେବଳ ଏକ ସରକାରୀ ପଦକ୍ଷେପ ନୁହେଁ, ବରଂ ଏହା ଏକ ଗଭୀର ଅଭିପ୍ରାୟର ପ୍ରକାଶ, ଯାହା ସେହିପରି ଏକ ଓଡ଼ିଶା ଗଢ଼ିବାର ଶପଥ ନେଉଛି, ଯେଉଁଠି ସହରଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛି ।

ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ମିଶନକୁ ସ୍ପଷ୍ଟତା ସହିତ ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ ଆମ ସହରଗୁଡ଼ିକ ବିଶ୍ୱସ୍ତରୀୟ ସେବା ପ୍ରଦାନ କରି ଅର୍ଥନୈତିକ ଗତି ସୃଷ୍ଟି କରିବ ଏବଂ ଲୋକମାନଙ୍କ ଦୈନନ୍ଦିନ ଅଭିଜ୍ଞତାକୁ ଉନ୍ନତ କରିବ । 'ସମୃଦ୍ଧ ସହର' ହେଉଛି ଆମର ପ୍ରତିବଦ୍ଧତା ପରବର୍ତ୍ତୀ ପିଢ଼ି ପାଇଁ ଭବିଷ୍ୟତ-ପ୍ରସ୍ତୁତ ।

ଏଥିରେ 'ସମୃଦ୍ଧ ସହର' ଦୃଷ୍ଟିକୋଣ, ଏହାର ଉପାଦାନ, ଆହ୍ୱାନଗୁଡ଼ିକ ଏବଂ ପରିବର୍ତ୍ତନଶୀଳ ସମ୍ଭାବନାକୁ ଅନୁଧାନ କରାଯାଇଛି ଏବଂ ଏହା ଆଗାମୀ ତିନି ଦଶନ୍ଧି ପାଇଁ ଓଡ଼ିଶାର ସହରଗୁଡିକୁ କିପରି ପୁନଃଅବସ୍ଥାପିତ କରିପାରେ, ତାହାର ଏକ ଭବିଷ୍ୟତମୁଖୀ ଭିଷୟବସ୍ତୁ ଦିଆଯାଇଛି ।

ଓଡ଼ିଶାର ସହରୀକରଣ ଭାରତର ଅନ୍ୟ ଅଞ୍ଚଳଗୁଡ଼ିକ ପରି ପୁରାତନ କିମ୍ବା ବ୍ୟାପକ ନଥିଲେ ମଧ୍ୟ, ଗତ ଦଶନ୍ଧିରେ ଏକ ସୁଦୃଢ଼ ସହରାଞ୍ଚଳ ପରିବର୍ତ୍ତନ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଛି ଯଥା: ଛୋଟ ସହରମାନେ ବାଣିଜ୍ୟିକ କେନ୍ଦ୍ରରୂପେ ଜିଲ୍ଲାମୁଖ୍ୟାଳୟ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି, ଯୁବକମାନେ ସୁଯୋଗ ପାଇଁ ସ୍ଥାନାନ୍ତର କରୁଛନ୍ତି, ପର୍ଯ୍ୟଟନର ନୂତନ କରିଡୋର ବିକଶିତ ହେଉଛି ଏବଂ ଶିଳ୍ପ କ୍ଲଷ୍ଟରଗୁଡ଼ିକ କୁଶଳୀ ଶ୍ରମିକଙ୍କୁ ଆକର୍ଷିତ କରୁଛି ।

ଏହି ପରିବର୍ତ୍ତନ ଏପରି ଏକ ସହରାଞ୍ଚଳ ବ୍ୟବସ୍ଥାର ଆବଶ୍ୟକ କରେ, ଯାହା କେବଳ ବୃଦ୍ଧି ନୁହେଁ, ବରଂ ଦୂରଦର୍ଶୀ ମଧ୍ୟ ଅଟେ । 'ସମୃଦ୍ଧ ସହର' ଚାରିଟି ମୂଳଭୂତ ବାସ୍ତବତାର ପ୍ରତିକ୍ରିୟା ଭାବରେ ଉଦୟ ହୋଇଛି । ଅର୍ଥନୈତିକ ଇଞ୍ଜିନ୍ ଭାବରେ ସହରଗୁଡ଼ିକ ମୋଟ ଅର୍ଥନୈତିକ ଉତ୍ପାଦନର ୮୦ ପ୍ରତିଶତରୁ ଅଧିକ ଯୋଗାଣ କରନ୍ତି । ପ୍ରବଳ ଏବଂ ସୁପରିଚାଳିତ ସହର ବିନା ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ନୁହେଁ । ଜନସଂଖ୍ୟା ବିଭାଜନ ଯୁବମାନେ ଜନସଂଖ୍ୟାର ଏକ ବଡ଼ ଅଂଶ ହୋଇଥିବାରୁ, ଜନସଂଖ୍ୟାର ଏକ ବଡ଼ ଅଂଶ ଗଠନ କରୁଛନ୍ତି । ତେଣୁ ସହରମାନେ ଦକ୍ଷତା ଏବଂ ନବସୃଜନ ପାଇଁ ଆକର୍ଷଣୀୟ ସ୍ଥାନ ହେବା ଆବଶ୍ୟକ ।

ସମୃଦ୍ଧ ସହର କେବଳ ଏକ ସହରାଞ୍ଚଳ କାର୍ଯ୍ୟକ୍ରମ ନୁହେଁ ଏହା ଏପରି ସହର ନିର୍ମାଣ ପାଇଁ ଏକ ପ୍ରତିବଦ୍ଧତା, ଯେଉଁଠାରେ ପ୍ରତ୍ୟେକ ନାଗରିକ ଅନ୍ତର୍ଭୁକ୍ତ, ସମର୍ଥିତ ଏବଂ ସଶକ୍ତ ଅନୁଭବ କରିପାରନ୍ତି । ସ୍ୱଚ୍ଛ ପରିବେଶ, ସୁଲଭ ସେବା, ଜଳବାୟୁ ସ୍ଥିରତା ଏବଂ ଡିଜିଟାଲ୍ ପ୍ରଶାସନ ଏହି ସମସ୍ତ ଆମେ ଗଢ଼ିବାକୁ ଚାହୁଁଥିବା ସହରାଞ୍ଚଳ ଅନୁଭବର ମେରୁଦଣ୍ଡ ।

ସମୃଦ୍ଧ ସହର'ର ସ୍ତମ୍ଭଗୁଡ଼ିକ ହେଉଛି ଆଧୁନିକ ନାଗରିକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି । ସହରଗୁଡ଼ିକ ସେତେବେଳେ ସମୃଦ୍ଧ ହୁଏ ଯେତେବେଳେ ତା'ର ଭିତ୍ତିଭୂମି ଗତିଶୀଳତା, ସାର୍ବଜନୀନତା ଏବଂ ଅର୍ଥନୈତିକ ବିନିମୟକୁ ଦୃଢ଼ ଭାବରେ ସମର୍ଥନ କରେ । 'ସମୃଦ୍ଧ ସହର' ଅଧୀନରେ ସ୍ପଷ୍ଟ, ଉନ୍ନତ ଏବଂ ଜଳବାୟୁ-ନମନୀୟ ରାସ୍ତା, ସ୍ୱଚ୍ଛ ଏବଂ ସବୁଜ ସୁନ୍ଦର ପରିବେଶ, ଉନ୍ନତ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ସ୍ୱେରେଜ୍ ନେଟୱାର୍କ, ସମନ୍ୱିତ ସାର୍ବଜନୀନ ପରିବହନ ବ୍ୟବସ୍ଥା, ପଥଚାରୀ ଓ ସାଇକେଲ ଆରୋହୀଙ୍କ ପାଇଁ ନିରାପଦ ପଥ, ଅନ୍ତର୍ଭୁକ୍ତ ସ୍ଥାନ ଉପରେ ଧ୍ୟାନ ଦିଆଯାଇଛି । ଏହି ପଦକ୍ଷେପଗୁଡ଼ିକ ସ୍ୱତନ୍ତ୍ର ନୁହେଁ, ସେଗୁଡିକ ମିଶି ସହରାଞ୍ଚଳ ଦକ୍ଷତାର ଏକ ଶକ୍ତିଶାଳୀ ନେଟୱାର୍କ ଗଢ଼ି ତୋଳନ୍ତି, ଯାହା ଦୈନନ୍ଦିନ ଜୀବନର ଗୁଣବତ୍ତାକୁ ଉନ୍ନତ କରେ ।

ଜୀବିକା ସହରାଞ୍ଚଳ ସ୍ଥାୟୀତାର ମେରୁଦଣ୍ଡ । ଏହି କାର୍ଯ୍ୟକ୍ରମ ସମନ୍ୱିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଉଦ୍ୟୋଗର ସୁଦୃଢ଼ୀକରଣ, ବିକ୍ରେତା-ଅନୁକୂଳ ସାର୍ବଜନୀନ ସ୍ଥାନ ଓ ନୂତନ ବଜାର ବିକାଶ, ସହରାଞ୍ଚଳ ଉତ୍ପାଦନ ଗୁଚ୍ଛ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ସହାୟତା, ଋଣ ଓ ଡିଜିଟାଲ୍ ସେବା, ବଜାର ସଂଯୋଗ ବିଶେଷତଃ ମହିଳା ନେତୃତ୍ୱାଧୀନ ଜୀବିକା ଉପରେ ଧ୍ୟାନ ଦେଇ ସହରୀ ଆର୍ଥିକ ଭିତ୍ତିକୁ ସୁଦୃଢ଼ କରୁଛି । ସହରାଞ୍ଚଳ ଦାରିଦ୍ର୍ୟତା କେବଳ ଆୟର ଅଭାବ ନୁହେଁ ଏହା ପରିବେଶର ଗୁଣବତ୍ତା, ସୁରକ୍ଷା, ଆବାସ ଓ ମର୍ଯ୍ୟାଦା ସହ ସିଧାସଳଖ ସମ୍ପର୍କିତ । 'ସମୃଦ୍ଧ ସହର' ଏହି ସମସ୍ତ ଉପାଦାନକୁ ଏକତ୍ୱମୂଳକ ଭାବରେ ଗଠିତ କରି ସମ୍ପୂର୍ଣ୍ଣ ସହରାଞ୍ଚଳର ସମୃଦ୍ଧିକୁ ପ୍ରୋତ୍ସାହନ ଦେଉଛି ।

କ୍ରମଶଃ...

ମୋ-୯୪୩୯୬୫୪୨୨୨

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆସିବ...

ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । ବିଶେଷକରି ଗୋଲ୍‌ଟେବଲ ବୈଠକରେ ଔଷଧ, ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ଆଲୋଚନା ହୋଇଥିଲା । ୧୮୩ ଅଗ୍ରଣୀ କମ୍ପାନୀ ଏଥିରେ ଭାଗ ନେଇଥିଲେ । ୯ ଲକ୍ଷ ୬୭ ହଜାର କୋଟିର ନିବେଶ ଆସିବା ସହ ୧ ଲକ୍ଷ ୪୭ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଆତ୍ମବିଶ୍ୱାସ ଏବେ ସଂସ୍କାର ଅଭିମୁଖୀ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରତିପାଦନ କରୁଛି । ଏହି ଆତ୍ମନିର୍ଭରଶୀଳ ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ରାଜ୍ୟ ଆଗକୁ ବଢ଼ୁଛି । ନୂଆ ଯୁଗର ଶିଳ୍ପ ପାଇଁ ଆବଶ୍ୟକ ପଦ୍ଧତି ସମସ୍ତ ଯନ୍ତ୍ରାଂଶଗୁଡ଼ିକ ସହଜରେ ଉପଲବ୍ଧ ପାଇଁ ଯୋଜନା କରାଯାଉଛି । ପାରାଦ୍ୱୀପ, ଧାମରା, ଗୋପାଳପୁର, ବାହୁଡା ଓ ଇଞ୍ଜୁଡି ବନ୍ଦର ବିଶ୍ୱ ଯୋଗାଯୋଗକୁ ସୁଦୃଢ଼ କରିଛି । ଏମ୍‌ଏସ୍‌ଏମ୍‌ଇ ପାର୍କ, ଶିଳ୍ପ ପାର୍କ, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ଦ୍ୱାରା ପୁଞ୍ଜିପତିଙ୍କୁ ଆକୃଷ୍ଟ କରାଯାଉଛି । ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ଆଉ ତିନୋଟି ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଓଡ଼ିଶା ଏବେ ନିଜକୁ ପୂର୍ବ ଭାରତରେ ପୁଞ୍ଜି ନିବେଶର ଭବିଷ୍ୟତ ଲାଗି ପ୍ରସ୍ତୁତ କରୁଛି ।

## ଭୁବନେଶ୍ୱର...

ପ୍ରାୟ ୪୦ ହଜାର ଓଡ଼ିଆ ୟୁଏଇରେ ରହୁଛନ୍ତି । ଦୁବାଇରୁ ଭୁବନେଶ୍ୱର ସିଧାସଳଖ ବିମାନ ସେବା ଏକ ପ୍ରମୁଖ ଜୀବନରେଖା । ଏହାଛଡ଼ା ଏହା ମଧ୍ୟ ଏକ ପ୍ରମୁଖ ଉଡାଣ ହବ୍ ଯେଉଁଥିରେ ଜିସିସି ଦେଶଗୁଡ଼ିକୁ ଭୁବନେଶ୍ୱରରୁ ଯୋଗାଯୋଗ ହୋଇପାରିବ । ଏହି ବିମାନ ସେବାଦ୍ୱାରା କେବଳ ଯାତାୟତ ସୁବିଧା ନୁହେଁ, ପର୍ଯ୍ୟଟନକୁ ପ୍ରୋତ୍ସାହନ ସହ ବାଣିଜ୍ୟ, ବ୍ୟବସାୟ ଆଦି ଗଲ୍ଫ ଅଞ୍ଚଳ ସହ ବୃଦ୍ଧି ପାଇଥାଏ । ବିଶେଷକରି ଓଡ଼ିଶା ଏବେ ପୁଞ୍ଜି ନିବେଶର ପ୍ରମୁଖ ସ୍ଥଳ ପାଲଟିଛି । ଏହି ସିଧାସଳଖ ବିମାନ ସେବା ବ୍ୟାହତ ହେଲେ ଏହାର ପ୍ରବାସୀ ଓଡ଼ିଆଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ସହ ପର୍ଯ୍ୟଟନ, ବ୍ୟବସାୟ ଓ ପୁଞ୍ଜି ନିବେଶ ସୁବିଧା ଉପରେ ମଧ୍ୟ ପ୍ରଭାବ ପଡ଼ିବ । ତେଣୁ ରାଜ୍ୟ ସରକାର ଏହି ଘଟଣା ଉପରେ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନିଅନ୍ତୁ । ଦୁବାଇରୁ ଭୁବନେଶ୍ୱର ସିଧାସଳଖ ବିମାନ ସେବା ଜାରି ରହୁବୋଲି ୟୁଏଇ ଓଡ଼ିଆ ସମାଜ ସଭାପତି ଅମୟ କୁମାର ମିଶ୍ର ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି ।

## ନୀତିନ...

ବିଜେପି ଶୂନ୍ୟର ଶିଖର ପର୍ଯ୍ୟନ୍ତ ଯାତ୍ରା କରିଛି । ଭେଙ୍କିୟା ନାଇଡ଼ୁ, ନୀତିନ ଗଡ଼କରୀ ଓ ଅନ୍ୟ ବରିଷ୍ଠ ନେତାମାନେ ସଂଗଠନର ବିସ୍ତାର କରିଥିଲେ ଓ ରାଜନାଥ ସିଂଙ୍କ ନେତୃତ୍ୱରେ ବିଜେପି ପ୍ରଥମ ଥର ପାଇଁ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ଅମିତ ଶାହାଙ୍କ ନେତୃତ୍ୱରେ ବିଜେପି ଅଧିକାଂଶ ରାଜ୍ୟରେ ସରକାର ଗଢ଼ିବାକୁ ସକ୍ଷମ ହୋଇଥିଲା । ନୀତିନ ନବୀନ କହିଛନ୍ତି ଯେ ସାଂଗଠନିକ ଶକ୍ତି ହେଉଛି ବିଜେପିର ବଡ଼ ସମ୍ପତ୍ତି । ଜନସଂଘ ଯୁଗରୁ ବିଜେପି କର୍ମୀମାନେ କିଛି ସଂକଳ୍ପ ଓ ସ୍ଲୋଗାନ ସହ ଆଗକୁ ବଢ଼ୁଛନ୍ତି । ଯାହା ଦଳର ଆଦର୍ଶର ବିଶ୍ୱକୁ ସ୍ଥିର କରିଥାଏ । ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ପଥ ପ୍ରଶସ୍ତ ହେବା ଓ ଜାମ୍ମୁ-କାଶ୍ମୀରରୁ ୩୭୦ ଧାରା ହଟିବା ଏକ ଐତିହାସିକ ସଫଳତା । ଆଗାମୀ କିଛି ମାସ ମଧ୍ୟରେ ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ସେ ନେଇଛନ୍ତି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ।

## ଉଚ୍ଚଶିକ୍ଷା...

ଅଧିକାରୀଙ୍କ ଏଭଳି ଖାମ୍‌ଖିଆଲ ମନୋଭାବକୁ ନେଇ ଭୀଷଣ କ୍ଷୁବ୍ଧ ହୋଇଛନ୍ତି । ଏଥିସହ ତାଙ୍କ ବିରୋଧରେ ଗିରଫଦାରୀ ୱାରେଣ୍ଟ ଜାରି କରାଯାଇଛି ।

## ସାଧାରଣତନ୍ତ୍ର...

କୋଷ୍ଟା ଏବଂ ୟୁରୋପିଆନ କମିଶନର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲେୟନ ମୁଖ୍ୟଅତିଥି ଭାବେ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ଯୋଗଦେବେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତିକୁ ଚିତ୍ରପଟ୍ଟ ମାଧ୍ୟମରେ ଉପସ୍ଥାପିତ କରାଯିବ । କର୍ତ୍ତବ୍ୟପଥରେ ଏହା ଦେଖିବାକୁ ମିଳିବ । ସାଂସ୍କୃତିକ ଓ ସଂଗୀତ କାର୍ଯ୍ୟକ୍ରମରେ ଜାତୀୟ ସଂଗୀତକୁ ପ୍ରେରଣା ଭାବେ ଗ୍ରହଣ କରାଯିବ । ପ୍ରଥମ ଥର ପାଇଁ ଭାରତୀୟ ସେନା ପ୍ୟାରେଡ଼ରେ ବିଭିନ୍ନ ଯୁଦ୍ଧର ଶୋକେସ୍ ପ୍ରସ୍ତୁତ କରିବ । ଏହାଛଡ଼ା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଡ୍ରୋନ୍, ମିସାଇଲ ଆଦି ପ୍ରଦର୍ଶନ କରାଯିବ । ବାୟୁସେନା ପକ୍ଷରୁ ଏୟାରକ୍ରାଫ୍ଟ ଓ ହେଲିକପ୍ଟରରେ ବୀରତାର ପ୍ରଦର୍ଶନ କରାଯିବ । ପ୍ରାୟ ୧୦ହଜାର ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ ଚାଷୀ, ବୈଜ୍ଞାନିକ, ଉଦ୍ୟୋଗୀ, ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ଆଦି ରହିଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ମଧ୍ୟ ଉପସ୍ଥିତ ରହିବେ । ୩୦ଟି ପ୍ରଜ୍ଞାପନ ମେଡ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଦର୍ଶିତ ହେବ । ୨୫୦୦ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହାଛଡ଼ା ସାଧାରଣତନ୍ତ୍ର ଦିବସରେ ଲାଲ୍‌କୀଲ୍ଲା ନିକଟରେ ଭାରତ ପର୍ବ, ବୀର ଗାଥା ୫.୦ ପ୍ରକଳ୍ପ, ପିଏମ୍ ଏନ୍‌ସିସି ଶୋଭାଯାତ୍ରା ଦେଖିବାକୁ ମିଳିବ । ସାଧାରଣତନ୍ତ୍ର ଦିବସ ଉତ୍ସବରେ ଆଧୁନିକ ଭାରତ ଉତ୍କର୍ଷକୁ ପ୍ରଦର୍ଶିତ କରାଯିବ ।

## ରାଜ୍ୟର...

ରେଳବାଇ ୯୬ଟି ରେଲୱେ ଓଭର ବ୍ରିଜ୍‌କୁ ଶତପ୍ରତିଶତ ନିଜ ଖର୍ଚ୍ଚରେ ନିର୍ମାଣ କରିବା ନେଇ ବୁଝାମଣା ପତ୍ର ସ୍ୱାକ୍ଷର ପାଇଁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର ସରକାରଙ୍କ ନୂତନ ରେଳବାଇ ନୀତିର ସଦୁପଯୋଗ କରି ଏତେ ସଂଖ୍ୟକ ରେଳ ଓଭରବ୍ରିଜ୍ ପ୍ରକଳ୍ପ କାର୍ଯ୍ୟକାରୀ କରି ଓଡ଼ିଶା ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ମାଇଲ ସ୍ତମ୍ଭ ସ୍ଥାପନ କରିପାରିଛି ।

ଏହି ବୈଠକରେ ରେଲୱେ ଓଭର ବ୍ରିଜ୍ ଗୁଡିକ ଲାଗି ଜମି ଅଧିଗ୍ରହଣ, ବ୍ରିଜ୍ ନିର୍ମାଣରେ ଗୁଣବତ୍ତା, ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ଏବଂ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ନିର୍ମାଣ କାର୍ଯ୍ୟ ଆଗେଇ ନେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏଥିରେ ୧୧୨ଟି ରେଲୱେ ଓଭରବ୍ରିଜ୍ ଆପ୍ରୋଚ୍ ରାସ୍ତା ସକାଶେ ପାଇଁ ଜମି ଅଧିଗ୍ରହଣ ପାଇଁ ଭାରପ୍ରାପ୍ତ ଅଧିକାରୀଙ୍କୁ ମନୋନୀତ କରାଯାଇଛି । ବୈଠକରେ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ ସମେତ ନିର୍ମାଣ ବିଭାଗ ଓ ପୂର୍ବତଟ ରେଳବାଇର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ପଲିଥିନ...

କରାଗଲେ, ସାଧାରଣ ଲୋକଙ୍କ ଯାତୟାତ ଓ କୌଣସି ଦୁର୍ଘଟଣା ସମୟରେ ଗାଡି ପ୍ରବେଶ ପାଇଁ ସହଜ ହୋଇପାରିବ ।

ଏହି ଘଟଣା ପରେ ସଂଯୁକ୍ତ ବିଭାଗ ସହଯୋଗରେ ବିଏମ୍‌ସି ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ମେୟର, କମିଶନର, ଅତିରିକ୍ତ କମିଶନର, ସ୍ଥାନୀୟ କର୍ପୋରେଟର, କ୍ୟାପିଟାଲ ଥାନା ଅଧିକାରୀ ଓ କର୍ମଚାରୀ, ବିଏମ୍‌ସି ଏନଫୋର୍ସମେଣ୍ଟ ଓ ସାଇନ୍ ଟିମ୍, ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ସାମିଲ ହୋଇଛନ୍ତି । ଜବରଦଖଲରେ ଥିବା କ୍ୟାପିଟାଲ ଥାନା ପଛପାଖର୍ଶ୍ୱକୁ ସଂପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ଫଳରେ ମାର୍କେଟକୁ ଯିବା ପାଇଁ ୨୫ ଫୁଟର ଏକ ରାସ୍ତା ବାହାରି ପାରିଛି । ଯଦ୍ୱାରା ମାର୍କେଟ ଭିତରକୁ ସାଧାରଣ ଲୋକେ ଯିବା ଆସିବା ପାଇଁ ଏବେ ସହଜ ହୋଇପାରିଛି । ପୋଡିଯାଇଥିବା ବର ଗଛଟିର ଡାଳଗୁଡ଼ିକୁ ମଧ୍ୟ କାଟି ଦିଆଯାଇଛି ।

## ଲାଗିଲା...

ଯାଇପାରି ନଥିଲା । ଯାହା ଫଳରେ ଦୂରରେ ଥାଇ ପାଣି ପକାଇବା ଦ୍ୱାରା ନିଆଁ ସହଜରେ କବଳିତ ହୋଇପାରି ନଥିଲା । ଏହା ପୂର୍ବରୁ ଥରେ ନିଆଁ ଲାଗି ବହୁ ଦୋକାନ ପୋଡି ପାଉଁଶ ହୋଇଯାଇଥିଲା । ସେତେବେଳେ ମଧ୍ୟ କେହି ନିଆଁ ଲଗାଇ ଦେଇଥିବା ଜୋର୍ ଚର୍ଚ୍ଚା ହୋଇଥିଲା । ଏଥର ମଧ୍ୟ ଅନୁରୂପ ଭାବେ କେହି ନିଆଁ ଲଗାଇ ଦେଇଥିବା ଜୋର୍ ଚର୍ଚ୍ଚା ହେଉଛି ।

ବିଏମ୍‌ସି ମେୟର ମଙ୍ଗଳବାର ଘଟଣାସ୍ଥଳକୁ ଯାଇଥିଲେ । ୨୦ କୋଟି ଟଙ୍କା ବ୍ୟୟରେ ନିଆଁ ଲାଗିଲେ କିପରି ଲିଭିବ ସେହି ବ୍ୟବସ୍ଥା କରାଯିବା ସହ କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ଦୋକାନ ଗଢ଼ିବା ପାଇଁ ସହାୟତା କରାଯିବ ବୋଲି ମେୟର କହିଛନ୍ତି । ବିଧାୟକ ବାବୁ ସିଂ ଘଟଣାସ୍ଥଳ ଯାଇ ଦୁଃଖପ୍ରକାଶ କରିବା ସହ ଦୋକାନ ମଧ୍ୟରେ ସଙ୍କୁଚିତ ସ୍ଥାନ ଥିବାରୁ ନିଆଁ ଲିଭାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଗଣମାଧ୍ୟମକୁ କହିଛନ୍ତି । ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କ ଆଖିର ଲୁହ ବୋଲ ମାନୁନଥିଲା । କୋହଭରା କଣ୍ଠରେ ସେମାନେ ତାଙ୍କ ଲକ୍ଷ ଲକ୍ଷ ଟଙ୍କା କ୍ଷତି କଥା କହିଛନ୍ତି । ଜଳିଯାଇଥିବା ଦୋକାନ ଗୁଡିକର ମୂଲ୍ୟ ବହୁ କୋଟି ଟଙ୍କା ହେବ ବୋଲି କୁହାଯାଉଛି । ହେଲେ ନିଆଁ ଲାଗିବାର କାରଣ ଓ କେତେକୋଟି ଟଙ୍କାର ସମ୍ପତ୍ତି ଜଳିଗଲା ତାହା ସ୍ପଷ୍ଟ ହୋଇପାରିନାହିଁ ।

# ଓପୋ ଇଣ୍ଡିଆ ପକ୍ଷରୁ ନୂଆ ରେନୋ ୧୫ ସିରିଜର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଓପୋ ଇଣ୍ଡିଆ ପକ୍ଷରୁ ଏହାର ପ୍ରିମିୟମ ରେନୋ୧୫ ସିରିଜର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ୩ଟି ଭାରିଆଂଟ ଯଥା ରେନୋ ୧୫ ପ୍ରୋ, ରେନୋ ୧୫ପ୍ରୋ ମିନି ଓ ରେନୋ ୧୫ ଅନ୍ତର୍ଭୁକ୍ତ ରହିଛି । ଏଥିରେ ପ୍ରାକୃତିକ ଉପାଦାନ ଓ ପ୍ରଥମ ଧରଣର ହଲୋଫ୍ୟୁଜନ ଟେକ୍ନୋଲୋଜି ଦ୍ୱାରା ଅନୁପ୍ରାଣିତ କଲର ରହିଛି, ରେନୋ ୧୫ ସିରିଜ ଏକ କମ୍ପାକ୍ଟ, ଏର୍ଗୋନୋମିକ ଫର୍ମ ଫ୍ୟାକ୍ଟରକୁ ମଜବୁତ ନିର୍ମାଣ ଗୁଣବତା ସହ ସଂଯୋଜିତ କରିଛି । ରେନୋ ୧୫ ପ୍ରୋ ଓ ରେନୋ୧୫ ପ୍ରୋ ମିନି ଏକ ୨୦୦ଏମପି କ୍ୟାମେରା ସହିତ ଫଟୋଗ୍ରାଫିକୁ ଆହୁରି ଉନ୍ନତ କରୁଛନ୍ତି । ଏହା ଏକ ୫୦ଏମପି ୩.୫ଏକ୍ସ ଅପ୍ଟିକାଲ ଜୁମ ଲେନ୍ସ,୧୨୦ଗୁଣ ପର୍ଯ୍ୟନ୍ତ ଡିଜିଟାଲ ଜୁମ୍ ଦ୍ୱାରା ପରିପୂର୍ଣ୍ଣ ଅଟେ, ଏହା ପ୍ୟୋରଟୋନ ଇମେଜିଙ୍ଗ ଟେକ୍ନୋଲୋଜି ଓ ଏଆଇ ଏଡିଟିଙ୍ଗ ଟୁଲଗୁଡିକ ଦ୍ୱାରା ସମର୍ଥିତ ଅଟେ । ରେନୋ ୧୫ ପ୍ରୋ ୮୦ୱାଟ ସୁପରଭିଓଓସି ଫାର୍ଷ୍ଟ ଚାର୍ଜିଙ୍ଗ ଓ ୫୦ୱାଟ ଏଆରଭିଓଓସି ୱାୟାରଲେସ ଚାର୍ଜିଙ୍ଗ ସହ ଏକ ୬୫୦୦ମେଗାୱାଟ ଦ୍ୱାରା ପରିଚାଳିତ । ରେନୋ୧୫ ମଧ୍ୟ ଏକ ୬୫୦୦ମେଗାଆମ୍ପିୟର ୫-ବର୍ଷର ସ୍ଥାୟୀ ବ୍ୟାଟେରୀ ସହ ସୁସଜ୍ଜିତ ରହିଛି ଏବଂ ରେନୋ୧୫ ପ୍ରୋ ମିନିରେ ଏକ ୬୨୦୦ମେଗା ଆମ୍ପିଅର ବ୍ୟାଟେରୀ ରହିଛି । ରେନୋ ୧୫ ସିରିଜର ଶୁଭାରମ୍ଭ ସମ୍ପର୍କରେ ଓପୋ ଇଣ୍ଡିଆର କମ୍ୟୁନିକେଶନ୍ସ ବିଭାଗ ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି, "ରେନୋ ୧୫ ସିରିଜ ସହିତ ଆମେ ଅତ୍ୟାଧୁନିକ ଇମେଜିଂ ସିଷ୍ଟମ, ଗଭୀର ଏଆଇ କ୍ଷମତା ଓ ମଜବୁତ ସାମଗ୍ରିକ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛୁ ।

# ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡସର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବନ୍ଧନ ଗୋଲ୍ଡ ଇଟିଏଫ ଏଫଓଏଫ ଓ ବନ୍ଧନ ସିଲ୍ଭର ଇଟିଏଫ ଏଫଓଏଫର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ଦୁଇଟି ଓପନ-ଏଣ୍ଡେଡ ସ୍କିମକୁ ନିବେଶକଙ୍କୁ ସୁନା ଓ ରୁପାରେ ନିବେଶ କରିବା ପାଇଁ ଏକ ସହଜ, ସ୍ୱଚ୍ଛ ଓ ମୂଲ୍ୟ-ଦକ୍ଷ ମାଧ୍ୟମ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ସୋମବାର, ଗତ ୧୨ ତାରିଖ ଦିନ ଖୋଲିଥିଲା । ୨୦ ତାରିଖ ମଙ୍ଗଳବାର ବନ୍ଦ ହୋଇଛି । ଏହି ଶୁଭାରମ୍ଭ ସମ୍ପର୍କରେ ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, "ସୁନା ଓ ରୁପା ପୋର୍ଟଫୋଲିଓ ବିବିଧକରଣ କ୍ଷେତ୍ରରେ ଏକ ସାର୍ଥକ ଭୂମିକା ଗ୍ରହଣ କରିପାରିବ କିନ୍ତୁ ନିବେଶକମାନେ ଏହି ସମ୍ପତିଗୁଡିକୁ କିଭଳି ହାସଲ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଭୌତିକ ଧାତୁ ପ୍ରାୟତଃ ଶୁଦ୍ଧତା, ମେକିଂ ଚାର୍ଜ, ଷ୍ଟୋରେଜ ଓ ରିସେଲକୁ ନେଇ ଅନିଶ୍ଚିତତା ସୃଷ୍ଟି କରିଥାଏ, ତେବେ ଇଟିଏଫଗୁଡ଼ିକ ଡିମାଟ ଆକାଉଂଟର ଆବଶ୍ୟକ କରିଥାନ୍ତି ଯାହାକୁ ଅନେକ ନିବେଶକ ଏବେ ବି ବ୍ୟବହାର କରୁନାହାନ୍ତି । ଫଣ୍ଡ ଅଫ ଫଣ୍ଡ (ଏଫଓଏଫ) ଢାଂଚା ଡିମାଟ ଆବଶ୍ୟକତା ଭଳି ପ୍ରତିବନ୍ଧକକୁ ଦୂର କରିଥାଏ, ପ୍ରବେଶ ମୂଲ୍ୟକୁ ୧୦୦୦ ଟଙ୍କାକୁ ହ୍ରାସ କରିଥାଏ ଏବଂ ୧୦୦ ଟଙ୍କାରୁ ଆରମ୍ଭ ହେଉଥିବା ଏସଆଇପିଗୁଡିକ ମାଧ୍ୟମରେ ଶୃଙ୍ଖଳିତ ନିବେଶକୁ ସକ୍ଷମ କରିଥାଏ ।

# ବେଆଇନ ବାଣ କାରଖାନା ବିସ୍ଫୋରଣ ଘଟଣା

# ମୁଖ୍ୟ ଅଭିଯୁକ୍ତ ବାପା ଓ ପୁଅ ଗିରଫ, ଘର ସିଲ

ଫୁଲନଖରା , (ସବ୍ୟୁ): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦା ପଞ୍ଚାୟତ ହାତୀଗଡ଼ା ନିକଟସ୍ଥ ସାମଲ ସାହିରେ ଚାଲୁଥିବା ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ଜଣେ ଦିବ୍ୟାଙ୍ଗ ଦିନମଜୁରିଆ ସୁରେଶ ଭୋଇଙ୍କ ମୃତ୍ୟୁ ଘଟଣାକୁ ନେଇ କଟକ ସଦର ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛ । ଘଟଣା ଘଟିବାର ୧୨ ଘଣ୍ଟା ମଧ୍ୟରେ ବେଆଇନ ଭାବେ ଦୀର୍ଘଦିନ ଧରି ବାଣ କାରଖାନା ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ପୁଅଙ୍କୁ ପୁଲିସ ଗିରଫ କରିଛି ।ଗିରଫ ଅଭିଯୁକ୍ତ ହେଲେ ବୈକୁଣ୍ଠ ସାମଲ (ବଇନ) ଏବଂ ତାଙ୍କ ପୁଅ ବାଦଲ ସାମଲ । ବିସ୍ଫୋରଣ ଘଟଣା ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ପୁଲିସ ତଦନ୍ତ ଜୋରଦାର କରି ସୋମବାର ରାତିରେ ଦୁଇଟି ପୁଲିସ ଟିମ୍ ନିକଟସ୍ଥ ଗୋବିନ୍ଦପୁର ଗାଁ ଓ ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଅଞ୍ଚଳରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ବୈକୁଣ୍ଠ ସାମଲଙ୍କୁ ଗୋବିନ୍ଦପୁର ଅଞ୍ଚଳରେ ଥିବା ତାଙ୍କ ଜଣେ ସମ୍ପର୍କୀୟଙ୍କ ଘରୁ ଓ ପୁଅ ବାଦଲ ସାମଲଙ୍କୁ ତାଙ୍କ ଜଣେ ସାଙ୍ଗଙ୍କ ଘରୁ ଗିରଫ କରାଯାଇଥିଲା । ସେହି ସହ ବୈକୁଣ୍ଠ ସାମଲଙ୍କ ଘରକୁ ପୁଲିସ ସମ୍ପୂର୍ଣ୍ଣ ଭାବେ ସିଲ କରିଛିଛ ପୁଲିସ ତଦନ୍ତରୁ ପ୍ରକାଶ ପାଇଛି ଯେ ବୈକୁଣ୍ଠ ସାମଲ ଦୀର୍ଘଦିନ ଧରି ସେଠାରେ ବେଆଇନୀ ଭାବେ ଦେଶୀ ବାଣ ତିଆରି କରି ତାହାକୁ ବିକ୍ରି କରି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଥିଲେ୫ ଦୀପାବଳି ଓ ନୂଆବର୍ଷ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା କିଛି ବାଣ ବଳକା ରହିଥିବା ବେଳେ ବାହାଘର ଋତୁ ପାଇଁ କିଛି ଅର୍ଡର ବାଣ ମଧ୍ୟ ପ୍ରସ୍ତୁତ ହେଉଥିଲା । ରବିବାର ମଧ୍ୟାହ୍ନ ସମୟରେ କୌଣସି କାରଣରୁ ବାଣ ତିଆରି ସମୟରେ ହଠାତ ବିସ୍ଫୋରଣ ଘଟି ଦିବ୍ୟାଙ୍ଗ ଶ୍ରମିକ ସୁରେଶ ଭୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ । ଘଟଣା ପରେ କାରଖାନା ମାଲିକ ବୈକୁଣ୍ଠ ସାମଲ ଓ ତାଙ୍କ ପୁଅ ବାଦଲ ସାମଲ ଖସି ପଳାଇଥିଲେ । ପୁଲିସ ବୈକୁଣ୍ଠ ସାମଲଙ୍କ ଘରୁ ଅଫୁଟା ବାଣ, ବାଣ ତିଆରି ସାମଗ୍ରୀ ଓ ଅଧଜଳା ବାଣ ଜବତ କରିଛି ।ଉଭୟ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି ।


**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଆରଏମ୍/ଇଞ୍ଜିନିୟରିଂ ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ.-୧, ଟେଣ୍ଡର ନୋଟିସ ନଂ : ସିକେପି-ସେଣ୍ଟ୍ରାଲ-୨୫-୨୬-୦୬୦ । କାର୍ଯ୍ୟର ନାମ : ଚକ୍ରଧରପୁର ଡିଭିଜନର କ୍ଷମତା ପରିସରଭୁକ୍ତ ପାଣ୍ଡୁ/ବାନ୍ଦୁଡିହ/ରାଜଗ୍ରାମ/ବରହରଣ୍ଡା/ପିନାରଗଡ଼ିଆ/ତାଳଝରୀ ଷ୍ଟେସନରେ ରେଳବାଇ ୱାଗନ/ହୋପରକୁ ୧୫୨୦୧୯ କ୍ୟୁମି. ୫୦ମିମି ଗଲ୍ ମେସିନ ଭଙ୍ଗା ଗୋଡ଼ି ପଥର ଯୋଗାଣ ଓ ବୋଝେଇ (ନିର୍ଦ୍ଦିଷ୍ଟ ସ୍ଥାନରେ ମାପ କରାଯାଇ) । ଟେଣ୍ଡର ମୂଲ୍ୟ : ଟ. ୩୦,୩୨,୨୦,୧୩୬.୮୮ । ଇଏମ୍‌ଡି : ଟ. ୧୬.୬୬,୧୦୦ । କ୍ର.ନଂ. -୨, ଟେଣ୍ଡର ନୋଟିସ ନଂ: ସିକେପି-ୱେଷ୍ଟ, ୨୫-୨୬-୩୮ । କାର୍ଯ୍ୟର ନାମ: ସିନିୟର ଡିଇଏନ୍ (ୱେଷ୍ଟ) / ଚକ୍ରଧରପୁରଙ୍କ କ୍ଷମତା ଅଧୀନସ୍ଥ ବାଲୁଙ୍ଗା ୟାର୍ଡରେ ଏଲ୍‌ସି ନଂ. ୨୧୫ ବଦଳରେ ପ୍ରସ୍ତାବିତ ଆରଓବିକୁ ନିକଟସ୍ଥ ସଡ଼କ ନିର୍ମାଣ । ଟେଣ୍ଡର ମୂଲ୍ୟ : ଟ. ୪,୮୨,୮୩,୯୩୦.୬୬ । ଇଏମ୍‌ଡି : ଟ. ୩,୯୩,୯୦୦ । ଟେଣ୍ଡର ଫର୍ମ ମୂଲ୍ୟ : ଟ ୦ (କ୍ର.ନଂ. ୧ ଓ ୨ ପାଇଁ) । ଖୋଲା ତାରିଖ : ୦୯.୦୨.୨୦୨୬ (କ୍ର.ନଂ. ୧ ଓ ୨ ପାଇଁ) । ୱେବସାଇଟ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଅପ୍‌ଲୋଡ୍ ହୋଇଥିବା ଆବଶ୍ୟକ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଇସ୍ୟୁ କରାଯିବ । (କର୍ତ୍ତୃପକ୍ଷ-ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ : ୧୬.୦୨.୨୦୨୦) । (PR-1079)

**AFFIDAVIT**

By virtue of an affidavit sworn before The Executive Magistrate, Talcher Affidavit No. 484 Dtd. 19.01.26, I Sri Santosh Ku Behera, S/o Nabin Behera, At-Madan Mohan Pur, PO-Kandhal, PS-Talcher, Dist-Angul, Present at Qt.No. A/210, Block-24, Ananta Vihar Colony, Ghantapada, Po-Dera, Ps-Colliery, Dist : Angul, 759103 declare that I have changed my son's name from Bibekananda Behera (Old name) to Bibek Ranjan Behera (New name). Henceforth he shall be known as Bibek Ranjan Behera for all future purposes.

Sd/- Santosh Ku Behera

**AFFIDAVIT**

By virtue of an affidavit sworn before Notary Public,Nayagarh Odisha on dated 06.01.2026 I Pabana Nayak S/o -Bidyadhar Nayak Resident Of Village - Jagirikhairapati P.O- Godipada P.S- Sarankul Dist-Nayagarh,PIN-752092 declare that I have changed my minor Son's name from Prashanta Kumar Nayak to Prasant Kumar Nayak Henceforth, He shall be known as Prasant Kumar Nayak for all purposes.

Sd/- Pabana Nayak

**AFFIDAVIT**

By Virtue of an Affidavit before the Executive Magistrate, Erasama. I, **RAJ KUMAR JENA**, S/o. Late Anil Jena, resident of Village-Kankan, P.O.-Ambiki, P.S.-Erasama, Dist.-Jagatsinghpur, Odisha, Pin-754139, do hereby solemnly declare by this affidavit **No. 209** dtd. **19.01.2026** that my name has been recorded as **"RAJ KUAMR JENA"** in the H.S.C certificate of my son Manoranjan Jena. My correct name, as per my Aadhar Card No. 4335 3679 8365, is **"RAJ KUMAR JENA"**. Both names refer to one and the same person. Henceforth, I shall be known as **RAJ KUMAR JENA** for all future purposes.

**AFFIDAVIT**

I, Chandrani Mohapatra W/o- Preeti Ranjan Mohapatra, resident of Plot:3454/6536, Palasuni, PO: Rasulgarh, P.S: Mancheswar, Bhubaneswar District: Khordha, Pin-751010, Odisha declare by this affidavit No-72AA614351 dtd-11/03/2025 that now onwards I shall be known as **Chandrani Saha** for all future purposes.

नालको NALCO
National Aluminium Company Limited
(A Government of India Enterprise)

NALCO Bhawan, Plot No.-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**ELECTRONIC PAYMENT OF DIVIDEND**

This is to inform all the equity shareholders that, the Securities and Exchange Board of India (SEBI), through the SEBI (Listing Obligations and Disclosure Requirements) Fifth Amendment Regulations, 2025, notified on 18th November, 2025, has withdrawn issuance of Payable at Par Warrants/Cheques.

Accordingly, the Company will henceforth make all such dividend payment only through electronic modes of payment permitted by the Reserve Bank of India. Even DD will not be issued for rejected electronic dividend remittances as per the revised LODR Regulations.

All investors are therefore requested to ensure that their bank account details are updated and validated in their demat accounts (If holding shares in electronic mode) and updated with RTA (If holding shares in physical mode) to enable seamless electronic credit of dividend on Equity Shares. All investors are also requested to ensure that their email id and mobile no. are updated for receiving dividend intimations and alerts in future.

The Company will not issue any physical payment instrument in future.

Date : 20.01.2026
Place : Bhubaneswar

( B. K. Sahu )
Company Secretary

A-1297

GOVERNMENT OF ODISHA : OFFICE OF THE SUPERINTENDING ENGINEER
MINOR IRRIGATION DIVISION, PADAMPUR,
e- PROCUREMENT NOTICE

E-mail eemipad@yahoo com
Ph No 06683-223418

BID IDENTIFICATION No: SKMIDPDI'06/2025-26
Letter No-155 Date-16.01.2026

| | | |
|---|---|---|
| Name of work | : | Civil Construction Work |
| No of works | : | 32 (Thirty-two) Nos |
| Estimated cost | : | From Rs 5 77 lakh to Rs 82.07 lakh |
| Tender paper cost | : | Rs 4000.00 to 10000.00 |
| Period of completion | : | 2 to 6 (Two to Six) Calendar months |
| Class of Contractor | : | "D" & "C" , "B" |
| Availability of bid documents | : | From 22.01.2026 (11.00 AM) to 03.02.2026 up to (5.00 PM) through online in website (www.tendersorissa.gov.in) |
| Period of Receipt of bid through on Line | : | From 22 01.2026 (11.00 AM) to 03.02.2026 up to (5.00 PM) through online. |
| Mode of Payment | : | Online. |
| Date of opening of Bid documents/ Technical Bid | : | 04.02.2026 (11.00 AM onwards) in the Office of the S.E, M.I. Division, Padampur. |
| Date of opening of Financial Bid | : | 10.02.2026 (11.00 AM onwards) in the Office of the S.E, M.I. Division, Padampur. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The details tender call notice can also be seen in the DOWR website | : | http://dowrorissa.gov.in |

Sd/- Superintending Engineer
M.I. Division, Padampur

PANCHAYAT SAMITI, KABISURYANAGAR, GANJAM,ODISHA, PIN - 761104

Letter No. 243/KSNPS
Date : 19.01.2026
I-484

INVITATION FOR COMPETATIVE BIDING
BID IDENTIFICATION NO: KSN-01/2025-26 TENDER ID

| | | | |
|---|---|---|---|
| 1. | PROCUREMENT OFFICER-PUBLISHER/ OFFICER INVITING THE TENDER/ BIDS(OTT) | : | BLOCK DEVELOPMENT OFFICER, KS NAGAR |
| 2. | NAME OF THE WORKS/PACKAGES | : | WORKS AS PUBLISHED IN THE WEBSITES |
| 3. | NOS. OF WORKS WITH ESTIMATED COST | : | 06(SIX) NOS (DETAILED BELOW) |
| 4. | DATE & TIME OF AVAILABILITY OF BID DOCUMENTS IN THE PORTAL AND LAST DATE & TIME FOR RECEIPT OF BIDS | : | FROM 10.00AM OF DT. 23/01/2026 TO 5.00 PM OF DT. 06/02/2026 |
| 5. | DATE & TIME FOR OPENING OF BIDS | : | 11.30 am OF DTD. 11/02/2026 |

| Sl. No. | Name of the Work | Value of work (in Rs) (Excluding GST) |
|---|---|---|
| 1 | Construction of 50 MT Godown and Office Building at Kabisuryanagar NAC SCS | 24,82,275/- |
| 2 | Construction of 50 MT Godown and Office Building at Jarada SCS | 24,77,876/- |
| 3 | Construction of 50 MT Godown and Office Building at Nimundia SCS | 24,91,184/- |
| 4 | Construction of 50 MT Godown and Office Building at Badamahuri SCS | 24,91,184/- |
| 5 | Construction of 50 MT Godown and Office Building at Ambapua SCS | 24,91,184/- |
| 6 | Construction of 50 MT Godown and Office Building at Athagadapatna SCS | 24,82,275/- |

N.B: Further more details can be seen in the DTCN available in the e-Procurement portal i.e. https://tendersorissa.gov.in.

Sd/- Block Development Officer, Kabisuryanagar

CAD-3062

**NOTICE INVITING TENDER**
Offico of District Manager
Odisha State Civil Supplier. Corporation Ltd. (OSCSC) KALAHANDI
(Unit: Bhawanipatna Muncipality)

**TENDER No. 145 Dated: 20.01.2026**

**Cost of Tender Document : Rs.5900/- Inclusive of GST for each RRC to Unit (Block /ULB) combination of the district. Online Tenders are Invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 21.01.2026 Downloadable from website : www.oscsc.in www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 27.01.2026 at. 11.00 AM, in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to 05.00 PM of dt. 06.02.2026 |
| 4 | Date, time and venue for opening of Technical Bid by the Tender Committee | On dt 07.02.2026 at 11.00 AM , in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 07.02.2026 at 11.00 AM , in the office of the CCSO-cum -District Manager, OSCSC Ltd., Kalahandi, Bhawanipatna |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Office of the CCSO-cum-District Manager, OSCSC Ltd., Kalahandi, Bhawanipatna. |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (I) OSCSC Ltd.: -District Manager :-9438200045 Accounts Head:- 9853772700 Hi) State Procurement Cell:-0674-2530998 / 18003456765 |

N.B :
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd/- District Manager
OSCSC Ltd., Kalahandi

OFFICE OF THE DIVISIONAL FOREST OFFICER:
PURI (WL) DIVISION
MM-
Phone No. 06752-228281 (Office) Email- dfo.puriwl@odisha.gov.in
Notice No: 03 /2026
Dated. 19.01.2026

**NOTICE**

**REQUEST FOR PROPOSAL (RFP) NOTICE FOR ENGAGEMENT OF A SOLID WASTE MANAGEMENT/CFMS AGENCY FOR "SWACHH SAMUDRA CORRIDOR: A SANITATION AND ZERO-WASTE MANAGEMENT PROJECT FOR MARINE DRIVE (KONARK-PURI), IN PURI DISTRICT OF ODISHA"**

The Divisional Forest Officer, Puri Wildlife Division, on behalf of the Governor of Odisha invites Request for Proposal (RFP) notice for Engagement of a Solid Waste Management/CFMS Agency for "SWACHH SAMUDRA CORRIDOR: A Sanitation and Zero-Waste Management Project for Marine Drive (Konark-Puri) in Puri district of Odisha." Agencies interested in applying may submit their duly filled application with complete information as required as per the RFP document. The last date for submission of bids is 07.02.2026 up to 05.30 PM. Interested agencies may download the RFP document from the official website of Odisha Government: http://tendersorissa.gov.in/ www.puri.odisha.gov.in & www.odishaforest.in. All queries may be emailed to **dfo.puriwl@,odisha.gov.in**

Sd/- Divisional Forest Officer
Puri (WL) Division, Puri

OFFICE OF THE NOTIFIED AREA COUNCIL
KODALA, GANJAM
Phone No. 06810-268335 Email ID : nackodala@gmail.com
Letter No. 87/NAC
Date : 16.1.26
C-2145

**QUTATION CALL NOTICE**

Sealed quotation are invited from the intending reputed registered eorganisation/ Firm/ Agencies/ Individuals having a adequate experiences and financial standing in similar nature of work with valid GST Registration Certificate, Pan Card for installation of CC TV in NAC Office. The Sealed quotation will be received through the speed post/Registered Post to the Executive Officer, NAC Kodala on or before 27.01.2025 up to 5.00P.M and same will opend on 28.01.2025 at 11.00A.M in the presence of the quotationer or their authorized agent present on their behalf.The Authority will not be held responsible for any postal delay.The documents schedule will be available in the office of the undersigned from 19.01.25 to 27.01.2025 up 5.00P.M on payment of non-refundable Demand Draft of Rs. 1000/-

The authorities reserve the right to reject all the tenders without assigning any reason thereof.

Sd/- Executive Officer
NAC, Kodala

OFFICE OF THE CDM&PHO-CUM- DISTRICT MISSION DIRECTOR, NHM, JHARSUGUDA
E-688
District Programme Management Unit (DPMU), NHM, District Headquarter Hospital, At: Malimunda, Post: OSAP Lane, District: Jharsuguda-PIN: 768204 (Odisha) Phone: 06645-273107, E-Mail: dpmujha@nic.in

**ZILLA SWASTHYA SAMITI, JHARSUGUDA**
Office of the CDM&PHO- cum- Dist. Mission Director, Jharsuguda, Odisha- 768204

No. 203/NHM/EIF/26
Dt : 19/01/26

**Tender Call Notice**

Sealed tenders are invited from reputed registered firms/ agencies/ dealers/ Manufacturers for Supply of Equipment, Instrument & Furniture's (EIFs) different Health Facility of district- Jharsuguda under ZSS, Jharsuguda. The willing Agencies/ firms are requested to submit sealed Tenders on or before 03.02.2026 till 5.00 P.M. through speed post / registered post/ Courier only. The detailed Tender document and terms conditions is available in the district website www.jharsuguda.odisha.gov.in. This office will not entertain any tender after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.

Sd/- CDM&PHO cum District Mission Director
NHM, Jharsuguda

**ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର ଇ-ସଂଗ୍ରହଣ**

A-1313
**ବିଜ୍ଞପ୍ତି ସଂଖ୍ୟା : EE-DD-CTC-09/2025-26**

| | | | |
|---|---|---|---|
| ୧. | କାର୍ଯ୍ୟର ନାମ | : | ମୋଟ ୦୨ (ଦୁଇ) ଗୋଟି ଜଳନିଷ୍କାସ କାର୍ଯ୍ୟ |
| ୨. | ଅଟକଳ ମୂଲ୍ୟ | : | ୬୯.୮୩ ଲକ୍ଷ ଟଙ୍କା ରୁ ୮୦.୭୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ । |
| ୩. | କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି | : | ୦୯ (ନ) ମାସ । |
| ୪. | ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ | : | ତା. ୨୬.୦୧.୨୦୨୬ ର ୧୧.୦୦ ଘଣ୍ଟା ରୁ ତା. ୧୦.୦୨.୨୦୨୬ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ । |
| ୫. | ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ | : | ତା. ୧୦.୦୨.୨୦୨୬ ର ୧୮.୦୦ ଘଣ୍ଟା |
| ୬. | ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା | : | ନିର୍ବାହୀ ଯନ୍ତ୍ରୀ, ଜଳନିଷ୍କାସ ବିଭାଜନ, କଟକ, ଠିକଣା : ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ : eeddcuttack@gmail.com. |

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ବନ୍ଧିତ ସମସ୍ତ ବିଜ୍ଞପ୍ତି, ସୂଚନା ଶୁଦ୍ଧି ପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।

ସ୍ୱା/- ନିର୍ବାହୀ ଯନ୍ତ୍ରୀ
ଜଳନିଷ୍କାସ ବିଭାଜନ, କଟକ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ୫୮ ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିୟନସିପରେ

# ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଆଥଲେଟଙ୍କ ଚମତ୍କାର ପ୍ରଦର୍ଶନ

ଭୁବନେଶ୍ୱର (ସବ୍ୟୁ) : ତେଲେଙ୍ଗାନାର କାଜିପେଟ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ୫୮ ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିଅନସିପରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ର ୧୭ ଜଣ ଆଥଲେଟ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ମହିଳା ଦଳ ଏହି ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଥିବାବେଳେ ଓଡ଼ିଶା ପୁରୁଷ ଦଳ କୋହ୍ଲାପୁର ଦଳ ସହିତ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା ମହିଳା ଦଳରେ ଏଚପିସିର ଆଠ ଜଣ ଆଥଲେଟ୍ ଅର୍ଚ୍ଚନା ମାଝୀ, ଶୁଭଶ୍ରୀ ସିଂ, ମାଗାଇ ମାଝୀ, ଅର୍ଚ୍ଚନା ପ୍ରଧାନ, ହରପ୍ରିୟା ଭୂୟାଁ, ସବିତା ମୁର୍ମୁ, ଲିସାରାଣୀ ରାଇତା ଏବଂ କାଦମ୍ବିନୀ ମାଝୀ ରହିଥିଲେ। ଓଡ଼ିଶା ପୁରୁଷ ଦଳରେ ଏଚପିସିର ଆଠ ଜଣ ଆଥଲେଟ୍ - ଅର୍ଜୁନ ସିଂହ, ଦୀପକ କୁମାର ସାହୁ, ପବନୀ ସବର, ପପୁ ମାର୍ଣ୍ଡି, ସୁନୀଲ ପାତ୍ର, ବିଶାଲ ଓରାମ, ଟି.



ଶଙ୍କର ଏବଂ ଶିବ ଗୁଣ୍ଟା ରହିଥିଲେ। ଏଚପିସିର ଆଉ ଜଣେ ଆଥଲେଟ୍ ସମୀର ଆଦିୱାଲ ମଧ୍ୟ ଭାରତ ଦଳର ପ୍ରତିନିଧିତ୍ୱ କରିଥିଲେ। ଚାମ୍ପିଅନସିପରେ ଏଚପିସି ଆଥଲେଟମାନେ ଅସାଧାରଣ ଦଳଗତ ଭାବନା ଏବଂ ଏକ ଅଦମ୍ୟ ନିଷ୍ଠା ପ୍ରଦର୍ଶନ କରିଥିଲେ, ଯାହା ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ସେମାନେ ହାସଲ କରିଥିବା ପ୍ରଶିକ୍ଷଣ ଏବଂ ମାର୍ଗଦର୍ଶନକୁ ପ୍ରତିଫଳିତ କରୁଛି । ଓଡ଼ିଶା ମହିଳା ଦଳ ଲିଗ୍ ପର୍ଯ୍ୟାୟ, ପ୍ରି-କ୍ୱାର୍ଟର ଫାଇନାଲ, କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲ ମ୍ୟାଚରେ ଅପରାଜିତ ରହି ଫାଇନାଲରେ ପ୍ରବେଶ କରିଥିଲା। ଏକ ରୋମାଞ୍ଚକ ଫାଇନାଲ୍ ମ୍ୟାଚରେ ଓଡ଼ିଶା ମାତ୍ର ଗୋଟିଏ ପଏଣ୍ଟରେ ମହାରାଷ୍ଟ୍ରଠାରୁ ୨୩-୨୨ ରେ ପରାସ୍ତ ହୋଇ ଚାମ୍ପିଅନସିପ୍ ଟାଇଟଲରୁ ବଞ୍ଚିତ ରହିଥିଲା। ଓଡ଼ିଶାର ଉନ୍ନତମାନର ପ୍ରତିରକ୍ଷାତ୍ମକ ଖେଳର ପ୍ରଦର୍ଶନ ସ୍ୱରୂପ ଅର୍ଚ୍ଚନା ପ୍ରଧାନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ଓଡ଼ିଶା ପୁରୁଷ ଦଳ ଲଗାତର ଭଲ ପ୍ରଦର୍ଶନ କରିବା ସହିତ ସେମାନଙ୍କର ପ୍ରି-କ୍ୱାର୍ଟର ଫାଇନାଲ ଏବଂ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସହିତ ସମସ୍ତ ଲିଗ୍ ମ୍ୟାଚ୍ ଜିତି ସେମିଫାଇନାଲରେ ଟୁର୍ଣ୍ଣାମେଣ୍ଟ ଚାମ୍ପିୟନ ରେଳବାଇ ବିପକ୍ଷରେ ପରାଜିତ ହୋଇଥିଲା। ମିଳିତ ତୃତୀୟ ସ୍ଥାନ ପାଇଁ ଓଡ଼ିଶା ଏବଂ କୋହ୍ଲାପୁର ମଧ୍ୟରେ ରୋମାଞ୍ଚକର ମିନିମମ୍ ଚେଜ୍ ମ୍ୟାଚ୍ଆ ଯୋଜିତ ହୋଇଥିଲା। ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ହାଇ ପରଫର୍ମାନ୍ସ ସେଣ୍ଟରର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି । ଏହି ପ୍ରଦର୍ଶନ ଆମ ଆଥଲେଟମାନଙ୍କ ଅନୁଶାସନ, ମାନସିକ ଶକ୍ତି ଏବଂ ବୈଷୟିକ ଦକ୍ଷତାକୁ ପ୍ରତିଫଳିତ କରୁଛି । ଏହି ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ଶୀର୍ଷ ଦଳ ବିପକ୍ଷରେ ଏହିପରି ଫଳାଫଳ ପ୍ରଦାନ କରିବା ଏଚପିସିରେ ଆଥଲେଟ୍ମାନଙ୍କ ବିକାଶ ପାଇଁ ଆମର ଦୀର୍ଘକାଳୀନ ଦୃଷ୍ଟିକୋଣକୁ ସଠିକ୍ ବୋଲି ପ୍ରମାଣିତ କରୁଛି । ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ଚଳିତ ବର୍ଷ ୪୪ତମ ଜୁନିୟର ଜାତୀୟ ଚାମ୍ପିୟନଶିପ୍ ଏବଂ ୧୭ତମ ସବ୍ ଜୁନିୟର ରାଜ୍ୟ ଖୋ ଖୋ ଚାମ୍ପିୟନଶିପ୍ ରେ ଉତ୍କୃଷ୍ଟ ପ୍ରଦର୍ଶନ କରି ନିଜର ବିଜୟ ଧାରା ଜାରି ରଖିଛି ।

# ବିଜେଇଏମ୍ ସ୍କୁଲରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ



ଭୁବନେଶ୍ୱର, (ସବ୍ୟୁ): ରାଜଧାନୀ ଭୁବନେଶ୍ୱରର ସ୍ୱନାମଧନ୍ୟ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବିଭିନ୍ନ ବିଷୟ ଉପରେ ଆଧାରିତ ପ୍ରକଳ୍ପ ପ୍ରଦର୍ଶନୀ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଡ. କାର୍ତ୍ତିକ ଚନ୍ଦ୍ର ଦାଶ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ଏପରି କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ପ୍ରଦାନ ସହ ନିଜର ପିଲାଦିନର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା ପିଲାମାନଙ୍କର ସୃଜନଶୀଳତା ଓ କଳ୍ପନାପ୍ରବଣ ଗୁଣର ବିକାଶ ନିମନ୍ତେ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହାଦ୍ୱାରା ପିଲାମାନଙ୍କର ସହଯୋଗ, ଦକ୍ଷତା ପ୍ରଦର୍ଶନ ଓ ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ମ୍ୟାଡାମ୍ ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପଦ୍ମାଳୟା ପଲ୍, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ତୃତୀୟରୁ ନବମ ଶ୍ରେଣୀର ୨୯୨ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଷୟ ଯଥା ଶକ୍ତି ସଞ୍ଚୟ ଏବଂ ସବୁଜ ଶକ୍ତି (ପରିବେଶ ବିଜ୍ଞାନ), ଆମ ଗ୍ରହ ଆମ କାହାଣୀ (ସାମାଜିକ ବିଜ୍ଞାନ), କଳ୍ପନା ଏବଂ ସୃଜନଶୀଳତା (ଭାଷା ଓ ସାହିତ୍ୟ) ଏବଂ ବ୍ୟବହାରିକ ଏବଂ ବାସ୍ତବ ପ୍ରୟୋଗ (ଗଣିତ) ଉପରେ ୧୦୭ଟି ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଏପରି କାର୍ଯ୍ୟକ୍ରମ ପ୍ରଶଂସନୀୟ ଅଟେ ।

# ନୂତନ ଲୁକ୍‌ରେ ଚେତକ ସି୨୫

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ସବୁଠାରୁ ମୂଲ୍ୟବାନ ଦୁଇ ଚକିଆ ଏବଂ ତିନି ଚକିଆ କମ୍ପାନୀ ବଜାଜ ଅଟୋ ଲିମିଟେଡ ଆଜି ସମ୍ପୂର୍ଣ୍ଣ ନୂତନ ଚେତକ ସି୨୫ର ବଜାର ପ୍ରବେଶ କରିବାକୁ ଘୋଷଣା କରିଛି, ଯାହା ଚେତକ ପୋର୍ଟଫୋଲିଓରେ ଏକ ଷ୍ଟାଇଲିସ, ସୁଗଠିତ ଏବଂ ତାରୁଣ୍ୟରେ ଭରପୁର ଏକ ନୂତନ ସଂଯୋଜନ ଅଟେ। ସହଜ ଗତିଶୀଳତା ପାଇଁ ଡିଜାଇନ କରାଯାଇଥିବା ଏହି ସି୨୫ ମଡେଲଟି ମୂଳ ଚେତକ ଡିଏନ୍ଏର ସ୍ଥାୟୀତ୍ୱ, ଦୃଢ଼ତା ଏବଂ ନିର୍ଭରଯୋଗ୍ୟତା ବଜାୟ ରଖିବା ସହିତ ବ୍ରାଣ୍ଡ ମଧ୍ୟରେ ଏକ ଆଧୁନିକ ତଥା ଆକର୍ଷଣୀୟ ରୂପ ନେଇଆସିଛି। ଏହା ଏକ ସ୍ୱଚ୍ଛନ୍ଦ ତଥା ଅନାୟାସ ରାଇଡିଂର ଅନୁଭୂତି ପ୍ରଦାନ କରେ ଯାହା ଦୈନନ୍ଦିନର ଯାତାୟାତକୁ ସହଜ ଏବଂ ସାବଲୀଳ କରିଥାଏ। ଚେତକ ସି୨୫ ମୂଲ୍ୟ ୯୧,୩୯୯/- ଟଙ୍କା ମୂଲ୍ୟରେ ସମସ୍ତ ଶୋରୁମ୍ ରେ ଉପଲବ୍ଧ। ସ୍କୁଟରର ବଜାର ପ୍ରବେଶ ଅବସରରେ ବଜାଜ ଅଟୋ ଲିମିଟେଡର ଅର୍ବାନାଇଟ ବିଜନେସର ଅଧ୍ୟକ୍ଷ ଏରିକ ଭାସ କହିଛନ୍ତି, "ଚେତକ ସି୨୫ ହେଉଛି ବର୍ତ୍ତମାନ ସମୟରେ ସହରାଂଚଳର ପରିବର୍ତ୍ତିତ ଯାତାୟାତ ପଦ୍ଧତି – ଛୋଟ ଟ୍ରିପ, ସରୁ ରାସ୍ତା ଏବଂ ସ୍ୱାଧୀନ ଭାବରେ ଚଳପ୍ରଚଳ କରିବାର ବର୍ଦ୍ଧିତ ଆବଶ୍ୟକତାର ଏକ ପ୍ରତିଫଳନ। ଯଦିଓ ଏହା ଦେଖିବାକୁ କମ୍ପାକ୍ଟ ଏବଂ ଆଧୁନିକ, ଏହାର ମୂଳ ଭିତ୍ତି ହେଉଛି ଚେତକର ସେହି ଚିରାଚରିତ ଦୃଢ଼ତା, ସ୍ଥାୟୀତ୍ୱ ଏବଂ ନିର୍ଭରଯୋଗ୍ୟତା। ପିଢ଼ି ପରେ ପିଢ଼ି ଧରି ବ୍ରାଣ୍ଡର ପ୍ରତିଷ୍ଠିତ ବିଶ୍ୱାସ ଏବଂ ନିର୍ଭରଯୋଗ୍ୟତା ସହ କୌଣସି ସାଲିସ ନକରି ଆମେ ସି୨୫ ମାଧ୍ୟମରେ ଚେତକ ପୋର୍ଟଫୋଲିଓକୁ ତରୁଣ ପ୍ରଜନ୍ମଙ୍କ ପାଖରେ ପହଂଚାଇବାକୁ ଚାହୁଁଛୁ ଯେଉଁମାନେ ଶୀଘ୍ର ଯାତାୟାତ କରିବାକୁ ପସନ୍ଦ କରନ୍ତି।

# ସ୍କୋଡା ଅଟୋ ଭାରତରେ ଉନ୍ମୋଚନ କଲା ନୂଆ କୁଶକ୍

ଭୁବନେଶ୍ୱର (ସବ୍ୟୁ): ସ୍କୋଡା ଅଟୋ ଇଣ୍ଡିଆ ନୂଆ କୁଶକର ପ୍ରଚଳନ କରିଛି । କୁଶକ ହେଉଛି ଭାରତ ୨.୦ ରଣନୀତି ଅଧୀନରେ ଏହି ବ୍ରାଣ୍ଡର ପ୍ରଥମ କାର୍ ଏବଂ ଏହା ଭାରତରେ କମ୍ପାନିର ଦ୍ରୁତ ଅଭିବୃଦ୍ଧିର ଦ୍ୱରକ ପାଲଟିଛି। ଏହାର ସେଗମେଣ୍ଟର ପ୍ରଥମ ଜ୍ଞାନକୌଶଳ ଯେପରିକି ସମ୍ପୂର୍ଣ୍ଣ ନୂଆ ଆଠ-ସ୍ପିଡ ଟର୍କ କନଭର୍ଟର ଅଟୋମାଟିକ ଟ୍ରାନ୍ସମିଶନ୍, ରିୟର ସିଟ୍ ମସାଜ ଫଙ୍କସନ୍, ଏବଂ ଅଗଣିତ ସମ୍ପୂର୍ଣ୍ଣ ନୂଆ ଫିଚର ଏବଂ ଷ୍ଟାଣ୍ଡାର୍ଡ ଉପକରଣ ସହିତ ଏହି ନୂଆ କୁଶକ ଭାରତୀୟ ସଡ଼କରେ ୟୁରୋପୀୟ ଇଞ୍ଜିନିୟରିଙ୍ଗକୁ ଅଧିକ ସୁଲଭ କରିବା ପାଇଁ ସ୍କୋଡା ଅଟୋଇଣ୍ଡିଆର କୌଶଳକୁ ଅନୁସରଣ କରୁଛି। କ୍ଲାଉସ୍ ଜେଲମେର୍, ସ୍କୋଡା ଅଟୋର ସିଇଓ କହିଛନ୍ତି, "ଏହି ଅପଡେଟେଡ୍ କୁଶକ ଆନ୍ତର୍ଜାତୀୟ ବଜାରରେ ଆମର ବୃଦ୍ଧି ପାଇଁ ସ୍କୋଡା ଅଟୋର କୌଶଳ ପାଇଁ ସ୍ପ୍ରିଙ୍ଗବୋର୍ଡ ଭାବେ ଭାରତର ଗୁରୁତ୍ୱକୁ ପ୍ରତିପାଦିତ କରିଛି। ଏହି କୁଶକ ଭାରତର ଗ୍ରାହକଙ୍କ ମଧ୍ୟରେ ଦ୍ରୁତ ଗତିରେ ଲୋକପ୍ରିୟ ହୋଇଛି ଏବଂ ଆସିଆନ୍ ଓ ମଧ୍ୟପ୍ରାଚ୍ୟକୁ ରପ୍ତାନି କରାଯାଉଛି। ବର୍ତ୍ତମାନ ଆମ୍ଭେମାନେ ଏହି ମଡେଲର ସାମଗ୍ରିକ ଭ୍ୟାଲ୍ୟୁ ପ୍ରପୋଜିସନ୍ ପାଇଁ ପରବର୍ତ୍ତୀ ବେଞ୍ଚମାର୍କ ଧାର୍ଯ୍ୟ କରୁଛୁ। ଏହି ଅପଡେଟ୍ ହୋଇଥିବା ଆଧୁନିକ ସଲିଡ୍ ଡିଜାଇନ୍ ଏଲିମେଣ୍ଟ ସହିତ ଇନଫୋଟେନମେଣ୍ଟ ଏବଂ ଡ୍ରାଇଭର ଆସିଷ୍ଟାନ୍ସ ଫିଚରରେ ବ୍ୟାପକ ଅଗ୍ରଗତି ରହିଛି। କୋଡିଆକ୍ ଏବଂ କାଇଲାକ୍ ସହିତ ସ୍କୋଡା ଅଟୋ ଭାରତୀୟ ବଜାରରେ ଏକ ଏସ୍ୟୁଭି ଫ୍ଲିଟ୍ ପ୍ରଦାନ କରୁଛି ଯାହାକି ନିର୍ଦ୍ଦିଷ୍ଟ ବର୍ଗ ଏବଂ ମୂଲ୍ୟବିନ୍ଦୁଗୁଡ଼ିକର ଆବଶ୍ୟକତା ପୂରଣ କରୁଛି। କୁଶକକୁ ପରବର୍ତ୍ତୀ ସ୍ତରକୁ ନେବା ଅତିରିକ୍ତ ଚାହିଦା ପାଇଁ ସୁଯୋଗ ସୃଷ୍ଟି କରିଛି ଏବଂ ୟୁରୋପ ବାହାରେ ଆମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବଜାରରେ ଅତିରିକ୍ତ ଅଭିବୃଦ୍ଧି ଆଣିଦେଇଛି।




# ସଦର ତହସିଲରେ ସୋଫିଆଙ୍କ ସମୀକ୍ଷା

କଟକ (ସବ୍ୟୁ): କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ ଆଜି କଟକ ସଦର ତହସିଲ କାର୍ଯ୍ୟାଳୟ ଗସ୍ତ କରି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି । ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଧାୟିକା ମୁଖ୍ୟତଃ ବକେୟା ମାମଲାଗୁଡ଼ିକର ତ୍ୱରିତ ସମାଧାନ ଏବଂ ଜନସାଧାରଣଙ୍କ ଅଭିଯୋଗର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ତହସିଲରେ ପ୍ରାୟ ୪,୦୦୦ରୁ ଅଧିକ ଖାସମାଲ ଜମିର କନଭର୍ସନ ମାମଲା ପଡ଼ି ରହିଥିବା ଜାଣିବାକୁ ପାଇ ବିଧାୟିକା ଉଦବେଗ ପ୍ରକାଶ କରିବା ସହ ଏହାକୁ ଯଥାଶୀଘ୍ର ଶେଷ କରିବାକୁ କହିଥିଲେ । ଏହା ସହିତ ବହୁ ସଂଖ୍ୟାରେ ବକେୟା ଥିବା ଉତ୍ତରାଧିକାରୀ ପ୍ରମାଣପତ୍ର ଓ ଜାତିଗତ ପ୍ରମାଣପତ୍ର ପ୍ରଦାନରେ ହେଉଥିବା ବିଳମ୍ବ ଏବଂ ଜମି ଚିହ୍ନଟ ବା ମାପ ସମ୍ପର୍କିତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସେ ସମୟସୀମା ଧାର୍ଯ୍ୟ କରିବାକୁ କହିଥିଲେ । ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଦେଇ ବିଧାୟିକା କହିଥିଲେ ଯେ, ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଆସୁଥିବା ଜନ ଅଭିଯୋଗଗୁଡ଼ିକର ସ୍ଥିତି ନିୟମିତ ପରଖାଯିବା ଆବଶ୍ୟକ । କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତା, ବିଶେଷ କରି ବରିଷ୍ଠ ନାଗରିକଙ୍କ ପ୍ରତି କର୍ମଚାରୀମାନେ ଅଧିକ ସମ୍ବେଦନଶୀଳ ଓ ସୌଜନ୍ୟମୂଳକ ବ୍ୟବହାର ପ୍ରଦର୍ଶନ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଦେବାକୁ ବିଧାୟିକା କହିଥିଲେ ।

# ନୂତନ ଶ୍ରମ କୋଡ୍ ଉପରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଏଚ୍.ଆର୍. କନକ୍ଲେଭ୍'

ଜଟଣୀ, (ସବ୍ୟୁ) : ଜଟଣୀସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଏବଂ ନ୍ୟାସନାଲ୍ ଏଚ୍.ଆର୍.ଡି



ନେଟୱାର୍କ ଭୁବନେଶ୍ୱର ଚାପ୍ଟରର ମିଳିତ ଆନୁକୂଲ୍ୟରେ ଏକ ଉଚ୍ଚସ୍ତରୀୟ 'ଏଚ୍.ଆର୍. କନକ୍ଲେଭ୍' ଅନୁଷ୍ଠିତ ହୋଇଯାଇଛି। "ନୂତନ ଶ୍ରମ କୋଡ୍‌ର ପରିବର୍ତ୍ତିତ ପରିଦୃଶ୍ୟ" ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷାବିତ୍‌ମାନେ ଯୋଗଦେଇ ଭାରତର ପରିବର୍ତ୍ତିତ ଶ୍ରମ ଆଇନ ଉପରେ ଗଭୀର ଆଲୋଚନା କରିଛନ୍ତି।ଏହି କନକ୍ଲେଭ୍‌ରେ ମାନୁଫ୍ୟାକ୍ଚରିଂ, ଆଇଟି, ସ୍ୱାସ୍ଥ୍ୟସେବା ଏବଂ ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରୁ ୧୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଚାରୋଟି ନୂତନ ଶ୍ରମ କୋଡ୍ ମଜୁରୀ, ସାମାଜିକ ସୁରକ୍ଷା, ଶିଳ୍ପ ସମ୍ପର୍କ ଏବଂ ବୃତ୍ତିଗତ ନିରାପତ୍ତା ର କାର୍ଯ୍ୟକାରିତା ଓ ଏହାର ପ୍ରଭାବ ସମ୍ପର୍କରେ ଏଠାରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଥିଲା।ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ପ୍ରତିନିଧି କହିଥିଲେ ଯେ, "ନୂତନ ଶ୍ରମ କୋଡ୍ ଭାରତର ଶିଳ୍ପ ସମ୍ପର୍କ କ୍ଷେତ୍ରରେ ଏକ ଐତିହାସିକ ପରିବର୍ତ୍ତନ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ସହ ଏହିଭଳି ସହଭାଗିତା ଆଗାମୀ ଦିନର ଏଚ୍.ଆର୍. ବୃତ୍ତିଧାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ଆହ୍ୱାନ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେବ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପରିଚାଳନା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗଦେଇ ଶିଳ୍ପ ବିଶେଷଜ୍ଞଙ୍କ ସହ ମତ ବିନିମୟ କରିଥିଲେ। ଏହା ସେମାନଙ୍କୁ ଶ୍ରେଣୀଗୃହର ଶିକ୍ଷା ଏବଂ ବାସ୍ତବ ଶିଳ୍ପ ଜଗତର କାର୍ଯ୍ୟଧାରା ମଧ୍ୟରେ ଥିବା ଦୂରତାକୁ ବୁଝିବାରେ ସାହାଯ୍ୟ କରିଥିଲା।

# ସି.ଡି.ଏ. ହେଲା କ୍ୟାସଲେସ୍: ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ପାଇଁ ଅନଲାଇନ୍ ସୁବିଧାର ଶୁଭାରମ୍ଭ

କଟକ, (ସବ୍ୟୁ): ଡିଜିଟାଲ୍ ପ୍ରଶାସନକୁ ପ୍ରୋତ୍ସାହିତ କରିବା ଏବଂ ଜନସାଧାରଣଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, କଟକ ଉନ୍ନୟନ କର୍ତ୍ତୃପକ୍ଷ (ସି.ଡି.ଏ.) କଟକଙ୍କ ଲିଙ୍କ୍ ରୋଡ୍ ସ୍ଥିତ ଅରୁଣୋଦୟ ଭବନର କାର୍ଯ୍ୟାଳୟ ପରିସରରେ ପଏଣ୍ଟ ଅଫ୍ ସେଲ୍ (ପି.ଓ.ଏସ୍.) ମାଧ୍ୟମରେ ଏକ ଡିଜିଟାଲ୍ ପେମେଣ୍ଟ ସୁବିଧା ଆରମ୍ଭ କରିଛନ୍ତି। ଆର୍ଥିକ କାରବାରରେ ସ୍ୱଚ୍ଛତାକୁ ମଜବୁତ କରିବା, କାରବାରକୁ ତ୍ୱରାନ୍ୱିତ କରିବା ଏବଂ ନଗଦ ଟଙ୍କାର କାରବାରକୁ ହ୍ରାସ କରିବା ପାଇଁ ଜନସ୍ୱାର୍ଥରେ ପ୍ରାଥମିକତା ଭିତ୍ତିରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଅର୍ଥ ଶାଖାର ସିଙ୍ଗଲ୍-ୱିଣ୍ଡୋ କାଉଣ୍ଟରରେ ଏକ ସମର୍ପିତ 'ଡିଜିଟାଲ୍ ପେମେଣ୍ଟ ସେଲ୍' କାର୍ଯ୍ୟକ୍ଷମ କରାଯାଇଛି, ଯାହା ଦ୍ୱାରା ଆବଣ୍ଟନକାରୀ, ଲାଇସେନ୍ସଧାରୀ ଏବଂ ଆବେଦନକାରୀମାନେ କ୍ୟୁଆର୍ କୋଡ୍, ୟୁ.ପି.ଆଇ. ଏବଂ କାର୍ଡ ସ୍ୱାଇପ୍ ମୋଡ୍ ମାଧ୍ୟମରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୈଠ କରିପାରିବେ। ଏହିଭଳି ଦେୟ ପାଇଁ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ଜମା ଆଉ ଗ୍ରହଣ କରାଯିବ ନାହିଁ। ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିଶ୍ଚିତ କରିବାକୁ, ପ୍ରତ୍ୟେକ ଡିମାଣ୍ଡ ଲେଟରର ଗୋଟିଏ ନକଲ ଡିଜିଟାଲ୍ ପେମେଣ୍ଟ ସେଲ୍‌ରେ ଦାଖଲ କରିବାକୁ ସମସ୍ତ ଶାଖା ଅଧିକାରୀଙ୍କୁ କୁହାଯାଇଛି।

# ହିଣ୍ଡାଲକୋ ଦ୍ୱାରା ହୀରାକୁଦ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନବୀକରଣ

ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ହୀରାକୁଦ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ନବୀକରଣ କରାଯାଇଛି । ଦୁର୍ଗାମନ୍ଦିର ଛକ ନିକଟରେ ଥିବା ହୀରାକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହର ପୁନରୁଦ୍ଧାର ର ଆବଶ୍ୟକତାକୁ ଆଖି ଆଗରେ ରଖି ସରକାରଙ୍କ ସହ ମିଶି ସହଭାଗୀତାରେ ଶ୍ରେଣୀ ଗୃହର ନବୀକରଣ ଓ ପୁନରୁଦ୍ଧାର କରି ଛାତ୍ର- ଛାତ୍ରୀ ମାନେ ନିରାପତ୍ତା ରେ ସେଠାରେ ବସି ପଢିବାର ଉପଯୋଗୀ କରାଯାଇ ଅଛି । ଏହାକୁ ହୀରାକୁଦ କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ଶିନ୍ଦେ, ହୀରାକୁଦ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାନିଆଲ ବାରିକ ମିଳିତ ଭାବରେ ନବୀକରଣ ଶ୍ରେଣୀଗୃହ ଗୁଡିକୁ ଉଦ୍ଘାଟନ କରିଥିଲେ । ଏହି ବିଦ୍ୟାଳୟର ଶ୍ରେଣୀଗୃହ



ନବୀକରଣ କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ଶିନ୍ଦେ କହିଥିଲେ ଯେ ହୀରାକୁଦ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ହିଣ୍ଡାଲକୋ ସଦା ସର୍ବଦା କାର୍ଯ୍ୟ କରି ଆସୁଅଛି ବିଶେଷକରି ଶିକ୍ଷା କ୍ଷେତ୍ରରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାପାଇଁ ଚେଷ୍ଟା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର -ଛାତ୍ରୀ ମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଏବଂ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ର – ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ବିଜେପି ପକ୍ଷରୁ ନୂଆ ସଭାପତି ନୀତିନ ନବୀନଙ୍କୁ ସ୍ୱାଗତ



କଟକ, (ସ୍ୱପ୍ର) : ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ମହାନଦୀବିହାର ସ୍ଥିତ ମଙ୍ଗଳା ମନ୍ଦିର ସନ୍ନିକଟ ବାଜପେୟୀ ଛକ ଠାରେ ଚୌଦ୍ୱାର-କଟକ ବିଜେପି ପକ୍ଷରୁ ବିଜେପିର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର-କଟକର ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଉପସଭାପତି ଭାଗିରଥି ଦଳାଇ, ମଣ୍ଡଳ ସଭାପତି ଅନିଲ ଦଳାଇ, ସୁରଥ ରାଉତ, ପ୍ରସାର ଜ୍ୟୋତି କୁମାରଙ୍କ ସହ ଧିରପ୍ରସାଦ ମହାନ୍ତି, ସତ୍ୟଜିତ ମହାନ୍ତି, ଶ୍ରୁତିକାନ୍ତ ଦାସ, ପ୍ରକାଶ ବାରିକ, ମୁନୀନ୍ଦ୍ର ଭୋଳ, ପ୍ରିୟରଞ୍ଜନ ବିଶ୍ୱାଳ, ମୋନଜ ନାୟକ, ଶୁଭେନ୍ଦୁ ପୃଷ୍ଟି, ରାକେଶ ସାହୁ, ସଂଗ୍ରାମ ପାତ୍ର, ଜ୍ୟୋତି ରଞ୍ଜନ ପୃଷ୍ଟି, ଆଶୁତୋଷ ବିଶ୍ୱାଳ, ଅରୁଣ ବେହେରା, ଦେବି ପ୍ରସାଦ, ମନମୋହନ ଉପାଧ୍ୟାୟ, ହରିପ୍ରିୟା ଧଳ, ତନୁଶ୍ରୀ ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ସ୍ଲୋଗାନ ଦେବା ସହିତ ନୀତିନ ନବୀନଙ୍କ ନେତୃତ୍ୱ ବିଜେପି ଦଳକୁ ସର୍ବଭାରତୀୟ ସ୍ତରରେ ଆହୁରି ସୁଦୃଢ କରିବ ବୋଲି ମତ ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ୫୯ ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ୧୯.୦୧.୨୦୨୬ରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ ମହାନ୍ତି, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର, ନରାକାସ (ବ୍ୟାଙ୍କ), ଭୁବନେଶ୍ୱର ର ଉପାଧ୍ୟକ୍ଷ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ମଣ୍ଡଳ ବିକାଶ ଅଧିକାରୀ ସମଦେନ ଦୋରଜୀ ଲାମା ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଭୁବନେଶ୍ୱରସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀର



ଆଞ୍ଚଳିକ ଏବଂ ଜୋନାଲ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଜଭାଷା ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ଶ୍ରୀ ସାମଦେନ ଦୋରଜୀ ଲାମାଙ୍କ ସ୍ୱାଗତ ଭାଷଣରୁ ବୈଠକ ଆରମ୍ଭ ହୋଇଥିଲା । ସ୍ୱାଗତ ଭାଷଣରେ ଶ୍ରୀ ଲାମା ନିଜ ନିଜ କାର୍ଯ୍ୟାଳୟରେ ରାଜଭାଷା କାର୍ଯ୍ୟକାରିତା କ୍ଷେତ୍ରରେ ସକ୍ରିୟ ସହଯୋଗ ଏବଂ ସକ୍ରିୟ ମନୋଭାବ ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ । ଡ. ବିଚିତ୍ରସେନ ଗୁପ୍ତ ତାଙ୍କ ସମୀକ୍ଷା ସମୟରେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱର ର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି କହିଛନ୍ତି ଯେ ଏହି କମିଟି ଦେଶର ସର୍ବୋତ୍ତମ କମିଟି ମଧ୍ୟରୁ ଅନ୍ୟତମ। ଏହା ଏକ ଗର୍ବର ବିଷୟ ଯେ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେ 'ରାଜଭାଷା କୀର୍ତ୍ତି ପୁରସ୍କାର' ଗ୍ରହଣ କରୁଛି । ଏ.ଡି. ରତ୍ନା ତେଜା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୭ଟି ନରାକାସ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଉତ୍ସାହ ଏବଂ ଶକ୍ତି ପ୍ରଦାନ କରିବ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ ମହାନ୍ତି କହିଛନ୍ତି ଯେ ରାଜଭାଷାର ପ୍ରଚାର ପ୍ରସାରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି ଏବଂ ଆମେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ୍ । ସଞ୍ଜୟ କୁମାର ତାଲୁକଦାର କହିଛନ୍ତି ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି। ସମୀକ୍ଷା ବୈଠକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସଦସ୍ୟ କାର୍ଯ୍ୟାଳୟକୁ ଶୀଲ୍ଡ ପ୍ରଦାନ କରାଯାଇଥିଲା ଏବଂ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନକରାଯାଇଥିଲା । ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବି.ବି. ଗୋପାଳ ରେଡ୍ଡୀଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଭାରତୀୟ ରିଜର୍ଭ ବ୍ୟାଙ୍କ ର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଅର୍ପଣ କରିବା ସହିତ ବୈଠକ ସମାପ୍ତ ହୋଇଥିଲା ।

# ୧୫୦୦ ଆଇଏସ୍ କଏଦୀ ଜେଲରୁ ଚମ୍ପଟ

ଦାମାସକସ୍: ସିରିଆରେ ଇସଲାମିକ୍ ଷ୍ଟେଟ୍ (ଆଇଏସ୍‌ଆଇଏସ୍) କଏଦୀଙ୍କ ବଡ଼ ଧରଣର ପଳାୟନ ରିପୋର୍ଟ ଆଞ୍ଚଳିକ ସୁରକ୍ଷା ପ୍ରତି ଚିନ୍ତା ସୃଷ୍ଟି କରିଛି। କୁର୍ଦ୍ଦିସ୍ ୱେବସାଇଟ୍ ରୁଡାଓ ଦାବି କରିଛି ଯେ, ସିରିଆର ଶାଦ୍ଦାଦି ଜେଲରୁ ପ୍ରାୟ ୧,୫୦୦ ଇସଲାମିକ୍ ଷ୍ଟେଟ୍ କଏଦୀ ପଳାୟନ କରିଛନ୍ତି। କୁର୍ଦ୍ଦିସ୍ ନେତୃତ୍ୱାଧୀନ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ (ଏସଡିଏଫ୍)ର ମୁଖପାତ୍ର ଫରହାଦ ଶାମି ଏହି ସୂଚନା ଦେଇଛନ୍ତି। ତେବେ ସିରିଆ ଗୃହ ମନ୍ତ୍ରଣାଳୟ ଏହି ସଂଖ୍ୟାକୁ ଖଣ୍ଡନ କରି କହିଛି, ଶାଦ୍ଦାଦି ଜେଲରୁ ୧୨୦ ଜଣ ଆଇଏସ୍ କଏଦୀ ଖସି ପଳାଇଛନ୍ତି। ମନ୍ତ୍ରଣାଳୟ ଅନୁଯାୟୀ, ଖସିଯିବା ପରେ, ସିରିଆନ୍ ସେନା ୟୁନିଟ୍ ଓ



ସ୍ୱତନ୍ତ୍ର ବାହିନୀ ସହରରେ ସନ୍ଧାନ ଅଭିଯାନ ଚଳାଇଛନ୍ତି।

ଏହି ଅଭିଯାନରେ ଏପର୍ଯ୍ୟନ୍ତ ୮୧ ଜଣ ପଳାୟନ କଏଦୀଙ୍କୁ ପୁନର୍ବାର ଗିରଫ କରାଯାଇଛି। ବାକି କଏଦୀଙ୍କ ସନ୍ଧାନ ଜାରି ରହିଛି। ଏହି ଘଟଣା ପୂର୍ବ ସିରିଆର ଶାଦ୍ଦାଦି ସହରରେ ଘଟିଛି। ଜେଲ୍ ଏସଡିଏଫ୍ ନିୟନ୍ତ୍ରଣରେ ରହିଛି। ପୂର୍ବରୁ, ସିରିଆ ସେନା ଏସଡିଏଫ୍ ବିରୋଧରେ ଅଭିଯୋଗ ଆଣିଥିଲା ଯେ ଆଇଏସ୍ ସଦସ୍ୟମାନଙ୍କୁ ଜାଣିଶୁଣି ମୁକ୍ତ କରି ଦେଇଛି। ରିପୋର୍ଟରେ କୁହାଯାଇଛି, ଏସଡିଏଫ୍ ଓ ସିରିଆ ସରକାରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହାପରେ ଏସଡିଏଫ୍ ରାକା ଓ ଡେର ଅଲ-ଜୋର ପ୍ରଦେଶରୁ ପଛକୁ ହଟିବାକୁ କରିବାକୁ ରାଜି ହୋଇଥିଲା। ଏହା ଏକ ଆରବ ବହୁଳ ଅଞ୍ଚଳ ଓ ସିରିଆର ପ୍ରମୁଖ ତୈଳ ଭଣ୍ଡାର। ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ସିରିଆରେ ରାଜନୈତିକ ଏବଂ ସାମରିକ ପରିସ୍ଥିତି ଦ୍ରୁତ ଗତିରେ ବଦଳିବାରେ ଲାଗିଛି।

ଆଇଏସ୍ ବିରୋଧରେ ଲଢ଼େଇରେ ଏସଡିଏଫ୍ ପଶ୍ଚିମ ମେଣ୍ଟର ଏକ ପ୍ରମୁଖ ସହଯୋଗୀ ପାଲଟିଛି। ହଜାର ହଜାର ଆଇଏସ୍ ସଦସ୍ୟ ଓ ସେମାନଙ୍କ ପରିବାର ପୂର୍ବରୁ ବିଭିନ୍ନ ଶିବିର ତଥା ଜେଲ୍ରେ ବନ୍ଦୀ ଅଛନ୍ତି। ସେମାନଙ୍କ ପଳାୟନ ଅଞ୍ଚଳରେ ଆତଙ୍କବାଦର ବିପଦକୁ ବୃଦ୍ଧି କରିପାରେ ବୋଲି ଆଶଙ୍କା କରାଯାଉଛି।। ଇରାକ ମଧ୍ୟ ଏହାର ସୀମାରେ ସୁରକ୍ଷା କଡ଼ାକଡ଼ି କରିଛି। କୌଣସି ଆଇଏସ ସଦସ୍ୟଙ୍କୁ ସୀମା ପାର ନ କରିବା ପାଇଁ ପେସମର୍ଗା ଓ ଫେଡେରାଲ ଫୋର୍ସକୁ ହାଇ ଆଲର୍ଟରେ ରଖାଯାଇଛି।

## ଡିଜିସିଏକୁ ଇଣ୍ଡିଗୋର ପ୍ରତିଶ୍ରୁତି

# ଫେବୃଆରୀ ୧୦ ରୁ ବାତିଲ ହେବନି ଉଡାଣ

ନୂଆଦିଲ୍ଲୀ: ଦେଶର ଏକ ନମ୍ବର ଏୟାରଲାଇନ ଇଣ୍ଡିଗୋ ଆସନ୍ତା ଫେବୃଆରି ୧୦ରୁ କୌଣସି ବିମାନର ଉଡ଼ାଣ ବାତିଲ କରିବ ନାହିଁ। ଏ ସମ୍ପର୍କରେ କମ୍ପାନି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଅବଗତ କରିଛି। କମ୍ପାନି ଜଣାଇଛି ଯେ ଆମ ପାଖରେ ଯଥେଷ୍ଟ ପରିମାଣର ପାଇଲଟ୍ ଅଛନ୍ତି। ତେଣୁ ଉଡ଼ାଣରେ ଖୁବ୍ଶୀଘ୍ର ସ୍ଥିରତା ଫେରିବ। ଗତକାଲି ଡିଜସିଏ ପକ୍ଷରୁ ଇଣ୍ଡିଗୋ ସହ ଏକ ବୈଠକରେ ଆଲୋଚନା କରାଯାଇଥିଲା। ବିମାନ ପରିଚାଳନା ସ୍ୱାଭାବିକ ହୋଇଯିବ ବୋଲି କମ୍ପାନି ପ୍ରତିଶ୍ରୁତି ଦେଇଛି। ତଥାପି କମ୍ପାନିର କାର୍ଯ୍ୟ ଉପରେ ଡିଜିସିଏ ନଜର ରଖିବାକୁ ନିଷ୍ପତ୍ତି ନେଇଛି।

ଗତବର୍ଷ ଡିସେମ୍ବର ୨ରୁ ୯ ପର୍ଯ୍ୟନ୍ତ ଇଣ୍ଡିଗୋ ୪୫୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ କରିଥିଲା। ହଠାତ୍ ଏତେ ସଂଖ୍ୟାରେ ବିମାନର ଉଡ଼ାଣ ବାତିଲ ହେବାରୁ ଦେଶବ୍ୟାପୀ ବିଭିନ୍ନ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ଭାରତୀୟ ବେସାମରିକ ବିମାନ ଚଳାଚଳ ଶିଳ୍ପର ୬୦ ପ୍ରତିଶତ ବଜାର ଅଂଶ ଇଣ୍ଡିଗୋ ପାଖରେ ରହିଛି। ବଜାରରେ କମ୍ପାନିର ଆଧିପତ୍ୟ ଓ ଉପଯୁକ୍ତ ବିକଳ୍ପର ଅଭାବ ଥିବାରୁ ଯାତ୍ରୀ ସେବା ବ୍ୟାହତ ହୋଇଥିଲା।



ଏହି ବିଭ୍ରାଟ ପରେ ଇଣ୍ଡିଗୋର ବିମାନ ସଂଖ୍ୟା, ଇଞ୍ଜିନ ସମସ୍ୟା, ପାଇଲଟ ଅଭାବ ଓ କ୍ରୁ ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ବିଭ୍ରାଟ ପାଇଁ ଚଳିତ ମାସରେ ଡିଜିସିଏ ପକ୍ଷରୁ ଇଣ୍ଡିଗୋ ଉପରେ ୨୨ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଥିଲା। ପରିଚାଳନା ମୁଖ୍ୟଙ୍କୁ ହଟାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ଚେତାବନୀ ଦିଆଯାଇଥିଲା।

# ବନ୍ଦେ ଭାରତ ସ୍ଲିପର୍ ଟ୍ରେନକୁ ନେଇ ଯାତ୍ରୀଙ୍କ ଉତ୍ସାହ

ନୂଆଦିଲ୍ଲୀ, କାମାକ୍ଷା (କେୱାଇକ୍ୟୁ) ଏବଂ ହାଓଡ଼ା (ଏଚଡବ୍ଲୁଏଚ୍) ମଧ୍ୟରେ ବନ୍ଦେ ଭାରତ ସ୍ଲିପର ଟ୍ରେନର ପ୍ରଥମ ବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଛି । ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ପିଆରଏସ ଏବଂ ଅନ୍ୟ ସାଇଟ୍ ଜରିଆରେ ସଂରକ୍ଷିତ ଟିକେଟ୍ ବୁକିଂ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ସବୁ ସିଟ୍ ବୁକିଂ ହୋଇଯାଇଛି। ସିଟ୍ ଗୁଡ଼ିକ ଏତେ ଶୀଘ୍ର ବୁକିଂ ହେବା ଦ୍ୱାରା ଯାତ୍ରୀମାନଙ୍କ ମଧ୍ୟରେ ଏହି ଟ୍ରେନକୁ ନେଇ ରହିଥିବା ଉତ୍ସୁକତା ସ୍ପଷ୍ଟ ହୋଇଛି । ୧୭ ଜାନୁଆରୀ ୨୦୨୬ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବନ୍ଦେ ଭାରତ ସ୍ଲିପର ଟ୍ରେନ ଚଳାଚଳକୁ ଶୁଭାରମ୍ଭ କରିଥିଲେ। ଦ୍ରୁତ ଗତି, ଆରାମଦାୟକ ଯାତ୍ରା ଏବଂ ଆଧୁନିକ ସୁବିଧାର ଅନୁଭୂତି ହାସଲ କରିବା ଲାଗି ରେଳ ଯାତ୍ରୀମାନେ ଏହି ଟ୍ରେନକୁ ଅଧିକ ପସନ୍ଦ କରିଛନ୍ତି। ଏହି ଟ୍ରେନଟି ୨୨ ଜାନୁଆରୀ ୨୦୨୬ ରେ କାମାକ୍ଷାରୁ ଏବଂ ୨୩ ଜାନୁଆରୀ ୨୦୨୬ରେ ହାଓଡ଼ାରୁ ଏହାର ପ୍ରଥମ ବାଣିଜ୍ୟିକ ଯାତ୍ରା ଆରମ୍ଭ କରିବ। ଏହି ନୂତନ ଟ୍ରେନ୍ ସେବା ପାଇଁ ଟିକେଟ୍ ବୁକିଂ ୧୯ ଜାନୁଆରୀ ୨୦୨୬ ସକାଳ ୮ ଟାରେ ଆରମ୍ଭ ହୋଇଥିଲା। ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ସମସ୍ତ ଶ୍ରେଣୀର ଟିକେଟ୍ ବିକ୍ରି ସରିଯାଇଥିଲା। ଏଥିରୁ ଏହି ପ୍ରିମିୟମ୍ ସେମି-ହାଇ-ସ୍ପିଡ୍ ରେଳ ସେବା ପ୍ରତି ଜନସାଧାରଣଙ୍କ ପ୍ରବଳ ଉତ୍ସାହକୁ ପ୍ରତିଫଳିତ ହୋଇଥାଏ।

# ଟ୍ରମ୍ପଙ୍କ ୧୨ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ୱାଶିଂଟନ: ୨୦ ଜାନୁଆରି ୨୦୨୫ରେ, ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ଗୋଟିଏ ବର୍ଷ ପୂରଣ ହୋଇଛି। ଏକ ବର୍ଷ ମଧ୍ୟରେ ଏମିତି କୌଣସି ଦିନ ନାହିଁ ଯେଉଁଦିନ ଟ୍ରମ୍ପ କୌଣସି ବଡ଼ ଆଶ୍ଚର୍ଯ୍ୟଜନକ କିମ୍ବା ବିବାଦୀୟ ନିଷ୍ପତ୍ତି ନେଇ ନାହାନ୍ତି। ଟ୍ରମ୍ପ ତାଙ୍କର ପ୍ରଥମ ଦିନରେ ସ୍ପଷ୍ଟ କରିଦେଇଥିଲେ, ଦ୍ୱିତୀୟ କାର୍ଯ୍ୟକାଳ ପୂର୍ବ ଅପେକ୍ଷା ଅଧିକ କଠୋର, ତୀକ୍ଷ୍ଣ ଓ ଅଧିକ ସ୍ପଷ୍ଟବାଦୀ ହେବ। ଅର୍ଥନୀତି, ପ୍ରବାସ, ସ୍ୱାସ୍ଥ୍ୟ ନୀତି କିମ୍ବା ବିଶ୍ୱ ସହିତ ସମ୍ପର୍କ ହେଉ ଟ୍ରମ୍ପ ପ୍ରତ୍ୟେକ କ୍ଷେତ୍ରରେ ନିଜସ୍ୱ ଶୈଳୀରେ ଏକ ବର୍ଷ ମଧ୍ୟରେ ନିଷ୍ପତ୍ତି ନେଇଛନ୍ତି। ଏକ ବର୍ଷ ମଧ୍ୟରେ ଟ୍ରମ୍ପଙ୍କ ୧୨ ବଡ଼ ନିଷ୍ପତ୍ତି ବେଶ୍ ଚର୍ଚ୍ଚାରେ ରହିଛି। ସେହିପରି ପ୍ରତି ୩ ମାସ ବା ୯୦ ଦିନରେ ସେ ଗୋଟିଏ ଦେଶ ଉପରେ ନିଜର ନିୟନ୍ତ୍ରଣ ହାସଲ କରିଛନ୍ତି।

# ମୁମ୍ବାଇ ଭଳି ଆକ୍ରମଣ ପାଇଁ ଲସ୍କରର ରଣକୌଶଳ

ନୂଆଦିଲ୍ଲୀ: ପାକିସ୍ତାନରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ଏକ ନୂତନ ଭିଡିଓ ଏବେ ସାମ୍ନାକୁ ଆସିଛି। ଏହା ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତାକୁ ବୃଦ୍ଧି କରିଛି। ଭିଡିଓରେ, ଲସ୍କର-ଏ-ତୈବା ଓ ଏହାର ରାଜନୈତିକ ଶାଖା ପାକିସ୍ତାନ ମର୍କଜ ମୁସଲିମ ଲିଗ୍ ସହ ଜଡ଼ିତ ଲୋକେ ଜଳପଥରେ ଆକ୍ରମଣ ପାଇଁ ଆତଙ୍କବାଦୀଙ୍କୁ ପ୍ରସ୍ତୁତ କରାଯାଉଥିବା ବିଷୟରେ କଥା ହେଉଥିବା ଦେଖାଯାଉଛି। ଭିଡିଓରେ ବିଶେଷକରି ଡଙ୍ଗା ଓ ସମୁଦ୍ର ପଥରେ ଲମ୍ବା ଯାତ୍ରା ପାଇଁ ତାଲିମ ଉପରେ ଗୁରୁତ୍ୱାରୋପ କରାଯାଇଛି। ଭିଡିଓକୁ ଗମ୍ଭୀର ବୋଲି ବିବେଚନା କରାଯାଉଛି କାରଣ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଅଂଶଗ୍ରହଣକାରୀ ଅଜମଲ କସାବ ସମୁଦ୍ର ପଥରେ ଭାରତରେ ପ୍ରବେଶ କରିଥିଲା। ତେଣୁ ଲସ୍କର-ଏ-ତୈବା ଦ୍ୱାରା ଆତଙ୍କବାଦୀଙ୍କୁ ତାଲିମ ଦିଆଯିବା ଭିଡିଓକୁ ଏଭଳି ଆକ୍ରମଣ ପାଇଁ ଏକ ପ୍ରସ୍ତୁତି ଭାବରେ ଦେଖାଯାଉଛି।

ଭିଡିଓକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରାଯାଇଛି। ଭିଡିଓରେ ଥିବା ବ୍ୟକ୍ତିଙ୍କୁ ଲସ୍କର-ଏ-ତୈବା କମାଣ୍ଡର



ହରିଶ ଡାର ଭାବରେ ଚିହ୍ନଟ କରାଯାଇଛି। ସେ ନିଯୁକ୍ତି ପାଇଥିବା ନୂଆ ଆତଙ୍କବାଦୀଙ୍କୁ ସମ୍ବୋଧିତ କରି ପାଣିରେ ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ସେ ସ୍କୁବା ଡାଇଭିଂ, ପହଁରିବା, ଡଙ୍ଗା ପରିଚାଳନା ଓ ଉଦ୍ଧାର ଭଳି କାର୍ଯ୍ୟକଳାପ ବିଷୟରେ ଉଲ୍ଲେଖ କରିଛନ୍ତି। ଯାହା ସ୍ପଷ୍ଟ କରୁଛି ସଂଗଠନ ସାମୁଦ୍ରିକ ଆକ୍ରମଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ପ୍ରସ୍ତୁତ କରୁଛି। ଭିଡିଓରେ ଅନ୍ୟ ଜଣେ ଲସ୍କର କମାଣ୍ଡରଙ୍କୁ କହୁଥିବାର ଶୁଣାଯାଉଛି ଯେ, ସଂଗଠନ ଏକ ଜଳ ବାହିନୀ ପ୍ରସ୍ତୁତ କରୁଛି। ସେ ଦାବି କରିଛନ୍ତି, ୧୩୫ ଜଣଙ୍କୁ ଡଙ୍ଗା ଚଳାଇବା ପାଇଁ ତାଲିମ ଦିଆଯାଇଛି। ଭାରତୀୟ ଗଣମାଧ୍ୟମରେ ତାଙ୍କ ସଂଗଠନକୁ ମିଳୁଥିବା କଭରେଜ୍ ନେଇ ସେ ଗର୍ବ କରୁଥିବା ଅଭିଯୋଗ କରିଛନ୍ତି।

ଗତ କିଛି ଦିନ ମଧ୍ୟରେ ପାକିସ୍ତାନ ମାଟିରୁ ଭାରତ ବିରୋଧରେ ବିଷ ଓଗାଳିବା ଭଳି ଅନେକ ଭିଡିଓ ସାମ୍ନାକୁ ଆସିଛି। ଲସ୍କର-ଏ-ତୈବା କମାଣ୍ଡର ଆମିର ଜିଆ ଭାରତରେ ବିନାଶ ଆଣିବା ଓ ପାକ୍ ଅଧିକୃତ କାଶ୍ମୀରରେ ଜିହାଦ ଆରମ୍ଭ କରିବାକୁ ଧମକ ଦେଇଥିଲା। ସେ ଗଜୱା-ଏ-ହିନ୍ଦ୍ ଭଳି ଉତ୍ତେଜନାପୂର୍ଣ୍ଣ ସ୍ଲୋଗାନ ମଧ୍ୟ ଦେଇଥିଲା। ଉଲ୍ଲେଖନୀୟ, ଗତ ବର୍ଷ ମେ' ମାସରେ ଭାରତ ଅପରେସନ ସିନ୍ଦୂରରେ ପାକିସ୍ତାନର ପଞ୍ଜାବ ଓ ପିଓକେରେ ଆତଙ୍କବାଦୀ ଆଡ୍ଡା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସେଥିରେ ଜୈଶ-ଏ-ମହମ୍ମଦ ଓ ଲସ୍କର-ଏ-ତୈବାର ଅନେକ ଆଡ୍ଡା ଧ୍ୱଂସ ହୋଇଯାଇଥିଲା।

# ସ୍ପେନ: ଟ୍ରେନ୍ ମୁହାଁମୁହିଁ, ୩୯ ମୃତ

ମାଡ୍ରିଡ୍: ସ୍ପେନରେ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୩୯ ଜଣଙ୍କର ମୃତ୍ୟୁ ହୋଇଛି। ୭୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪୮ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ଏବଂ ୧୨ ଜଣ ଆଇସିୟୁରେ ଅଛନ୍ତି। ସୂଚନା ଅନୁଯାୟୀ, ଦକ୍ଷିଣ ସ୍ପେନରେ ଗୋଟିଏ ଦ୍ରୁତଗାମୀ ଟ୍ରେନ୍ ଲାଇନଚ୍ୟୁତ ହୋଇ ଅନ୍ୟ ଏକ ଟ୍ରେନ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଟ୍ରେନ୍ ଲାଇନଚ୍ୟୁତ ହେବା ସହ ଏହି ଭୟଙ୍କର ଦୁର୍ଘଟଣା ହୋଇଛି। ଏହି ଟ୍ରେନ୍ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍। ଦୁର୍ଘଟଣା ପରେ ପ୍ରଧାନମନ୍ତ୍ରୀ ୩ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ଟ୍ରେନ୍ ଦୁର୍ଘଟଣାଟି ଟ୍ରାକ୍ର ସିଧା ଅଂଶରେ ହୋଇଥିବାରୁ ଏହା ଚକିତ କରିଛି ବୋଲି ସ୍ପେନ ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେ କହିଛନ୍ତି।

ଅଧିକାରୀମାନେ କହିଛନ୍ତି, ଏକ ଟ୍ରେନ୍ ଟ୍ରାକ୍ରୁ ବାହାରି ବିପରୀତ ଦିଗରୁ ଆସୁଥିବା ଅନ୍ୟ ଟ୍ରେନ୍ ସହିତ ମୁହାଁମୁହିଁ ଧକ୍କା ହୋଇଛି। ସ୍ପେନର ରେଳ ଏଜେନ୍ସି ଏଡିଆଇଏଫ୍ ସୋସିଆଲ୍ ମିଡିଆ ଏକ୍ସ ହ୍ୟାଣ୍ଡେଲ୍ରେ ପୋଷ୍ଟ କରିଛି ଯେ, ମାଲାଗା ଓ ମାଡ୍ରିଡ୍ ମଧ୍ୟରେ ଯାତ୍ରା କରୁଥିବା ସନ୍ଧ୍ୟା ଟ୍ରେନ୍ ଲାଇନଚ୍ୟୁତ ହୋଇ ମାଡ୍ରିଡ୍ରୁ ସ୍ପେନର ଦକ୍ଷିଣ ସହର ହୁଏଲଭାକୁ ଯାଉଥିବା ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ହୋଇଛି। ସ୍ପେନର କର୍ଡୋବାର ଆଡାମୁଏଜ୍ ଷ୍ଟେସନ୍ ନିକଟରେ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା ୪୦ରେ ଏହି ଦୁର୍ଘଟଣା ଘଟିଛି। ଘଟଣା ପରେ ମାଡ୍ରିଡ୍ ଓ ଆଣ୍ଡାଲୁସିଆ ମଧ୍ୟରେ ହାଇ-ସ୍ପିଡ୍ ରେଳସେବା ବାଧାପ୍ରାପ୍ତ ହୋଇଛି। ଆଣ୍ଡାଲୁସିଆ ଜରୁରିକାଳୀନ ସେବା ସୋସିଆଲ ମିଡିଆରେ କହିଛି ଯେ, ସମସ୍ତ ରେଳ ଯାତାୟାତ ବନ୍ଦ ରହିଛି ଏବଂ ଘଟଣାସ୍ଥଳରେ ଜରୁରିକାଳୀନ ସେବା ଶୀଘ୍ର ପହଞ୍ଚିଛି।

# ଏସିଆ ଉତ୍ପାଦନ ସୂଚୀରେ ଭାରତ ଷଷ୍ଠ, ଶୀର୍ଷରେ ଚୀନ

ନୂଆଦିଲ୍ଲୀ: ଏସିଆ ଉତ୍ପାଦନ (ମାନୁଫାକ୍ଚରିଂ) ସୂଚୀ ୨୦୨୬ରେ ଭାରତ ୨୦୨୫ ମସିହା ଭଳି ଷଷ୍ଠ ସ୍ଥାନରେ ରହିଛି । ଭାରତକୁ ଏକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଲାଗି ସରକାର ଲକ୍ଷ୍ୟ ରଖିଥିବାବେଳେ ଏହି ସୂଚୀରେ ଉନ୍ନତି ନଆସିବା ଚିନ୍ତା ବଢ଼ାଇଛି। ୨୦୨୬ ଏବଂ ୨୦୨୫ରେ ଭାରତ ୧୧ଟି ଦେଶ ମଧ୍ୟରେ ଷଷ୍ଠ ସ୍ଥାନରେ ରହିଛି। କିନ୍ତୁ ୨୦୨୪ରେ ରିପୋର୍ଟରେ ଭାରତ ୮ଟି ଦେଶ ମଧ୍ୟରେ ଚତୁର୍ଥ ସ୍ଥାନରେ ରହିଥିଲା। ରିପୋର୍ଟ ଅନୁଯାୟୀ ଭାରତକୁ ବିଶ୍ୱ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାକୁ ହେଲେ ନିଜର ଭିତ୍ତିଭୂମି ଓ ଟିକସ ନିୟମରେ ଅଧିକ ସଂସ୍କାର ଆଣିବାକୁ ହେବ।ସୂଚନା ଅନୁଯାୟୀ, ଏସିଆ ଉତ୍ପାଦନ ସୂଚୀରେ ଚୀନ ଚଳିତବର୍ଷ ମଧ୍ୟ ପ୍ରଥମ ସ୍ଥାନରେ ରହିଛି। ଚଳିତଥର ଭିଏତନାମକୁ ପଛରେ ପକାଇ ମାଲେସିଆ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଭିଏତନାମ ତୃତୀୟ, ସିଙ୍ଗାପୁର ଚତୁର୍ଥ, ଦକ୍ଷିଣ କୋରିଆ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତ ଷଷ୍ଠ ସ୍ଥାନରେ ଥିବାବେଳେ ଇଣ୍ଡୋନେସିଆ ସପ୍ତମ ଏବଂ ଥାଇଲାଣ୍ଡ ଅଷ୍ଟମ ସ୍ଥାନରେ ରହିଛି। ଜାପାନ ନବମ, ଫିଲିପାଇନ୍ସ ଦଶମ ଏବଂ ବାଂଲାଦେଶ ଏକାଦଶ ସ୍ଥାନରେ ରହିଥିବା ଜଣାଯାଇଛି। ଡିଜନ୍ ସିରା ଆଣ୍ଡ ଆସୋସିଏଟ୍ସ ପକ୍ଷରୁ ଏହି ତାଲିକା ଜାରି ହୋଇଛି। ଦେଶଗୁଡ଼ିକର ଉତ୍ପାଦନ କ୍ଷମତାକୁ ୮ଟି ପ୍ରମୁଖ ଆଧାର ଅନୁସାରେ ଅନୁଧ୍ୟାନ କରାଯାଇଛି।

# ନାଟୋ ସହଯୋଗୀଙ୍କୁ କଟାକ୍ଷ କଲେ ଟ୍ରମ୍ପ

ୱାଶିଂଟନ: ଗ୍ରୀନଲାଣ୍ଡ ଦଖଲ ପାଇଁ ଉଦ୍ୟମ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଗୋଟିଏ ପାଦ ଆଗେଇଛନ୍ତି। ସେ ଆମେରିକାର ମାନଚିତ୍ରରେ ପରିବର୍ତ୍ତନ କରି ଗ୍ରୀନଲାଣ୍ଡ, କାନାଡା ଓ ଭେନେଜୁଏଲାକୁ ନିଜର ବୋଲି ଦର୍ଶାଇଛନ୍ତି। ନିଜର ଟ୍ରୁଥ ସୋଶାଲ ପ୍ଲାଟଫର୍ମରେ ଟ୍ରମ୍ପ ଗୋଟିଏ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ସେ ନାଟୋ (ନର୍ଥ ଆଟଲାଣ୍ଟିକ ଟ୍ରିଟୀ ଅର୍ଗାନାଇଜେସନ)ର ସହଯୋଗୀମାନଙ୍କୁ କଟାକ୍ଷ କରିଛନ୍ତି। ଟ୍ରମ୍ପ ଜାରି କରିଥିବା ଫଟୋରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ବ୍ରିଟିଶ ପ୍ରଧାନମନ୍ତ୍ରୀ କେରୀ ଷ୍ଟାର୍ମର ଓ ୟୁରୋପୀୟ କମିଶନର ସଭାପତି ଉରସୁଲା ଭନ ଡେର ଲେୟେନ ପ୍ରମୁଖ ଓଭାଲ ଅଫିସରେ ବସିଛନ୍ତି। ଟ୍ରମ୍ପ ଅଧ୍ୟକ୍ଷଙ୍କ ଭଳି ସେମାନଙ୍କ ଆଗରେ ବସିଥିବା ବେଳେ ଆମେରିକାର ପରିବର୍ତ୍ତିତ ମାନଚିତ୍ର ବ୍ୟାକଗ୍ରାଉଣ୍ଡରେ ରହିଛି। ଏଥିରେ ଗ୍ରୀନଲାଣ୍ଡ, କାନାଡା ଓ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଭାବେଦର୍ଶାଯାଏ।



ଏହାପୂର୍ବରୁ ଗ୍ରୀନଲାଣ୍ଡ ସଙ୍ଗରେ ୟୁରୋପୀୟ ୟୁନିୟନ ଅଧିକ ବାଧା ସୃଷ୍ଟି କରିବ ନାହିଁ ବୋଲି ଟ୍ରମ୍ପ ଦାବି କରିଥିଲେ। ଫ୍ଲୋରିଡାରେ ଟ୍ରମ୍ପ ଦାବି କରିଥିଲେ ଯେ ରୁଷ ଓ ଚାଇନାର ପ୍ରଭାବ ଯୋଗୁ ଜାତୀୟ ସୁରକ୍ଷା ପ୍ରତି ଥିବା ବିପଦକୁ କାଉଣ୍ଟର କରିବା ପାଇଁ ଗ୍ରୀନଲାଣ୍ଡ ଯେମିତି ହେଲେ ବି ଆମେରିକାକୁ ଦରକାର। କାରଣ ଡେନମାର୍କର ପ୍ରତିରକ୍ଷା କ୍ଷମତା ଭଲ ନଥିବା ଟ୍ରମ୍ପ କହିଥିଲେ। ଆଉ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ ସେ ନାଟୋର ମହାସଚିବ ମାର୍କ ରୁଟେଙ୍କ ସହ ଗ୍ରୀନଲାଣ୍ଡ ପ୍ରସଙ୍ଗରେ ଫୋନରେ କଥା ହୋଇଛନ୍ତି ଓ ଆଲୋଚନା ଅତ୍ୟନ୍ତ ଭଲ ରହିଥିଲା। ସେ କହିଛନ୍ତି ଯେ "ଗ୍ରୀନଲାଣ୍ଡ ଜାତୀୟ ଓ ବିଶ୍ୱ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ମୁଁ ସମସ୍ତଙ୍କୁ ସ୍ପଷ୍ଟ ଭାବେ କହି ସାରିଛି। ଏହି ପ୍ରସ୍ତାବରୁ ପଛକୁ ହଟିବାର କୌଣସି ଯୋଜନା ନାହିଁ। ଏଥିରେ ସମସ୍ତେ ରାଜି ଅଛନ୍ତି। ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ। ଏଥିରେ କୌଣସି ସନ୍ଦେହ ନାହିଁ। ଏହାର ପ୍ରମୁଖ କାରଣ ହେଲା, ମୋର ପ୍ରଥମ କାର୍ଯ୍ୟକାଳ ସମୟରେ ମୁଁ ଆମ ସେନାର ପୁନର୍ଗଠନ କରିଥିଲି। ଏବେ ଏହା ଦ୍ରୁତଗତିରେ ଆଗକୁ ବଢ଼ି ଚାଲିଛି। ଆମେ ଏକମାତ୍ର ଏମିତି ଏକ ଶକ୍ତି ଯିଏ ପୃ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିପାରିବ। ଗୋଟିଏ ଶବ୍ଦରେ କହିବାକୁ ଗଲେ- ଏହି ଶାନ୍ତି ଶକ୍ତି ମାଧ୍ୟମରେ ହିଁ ସମ୍ଭବ।"ଟ୍ରମ୍ପ ଏତିକିରେ ଅଟକି ନାହାନ୍ତି। ସେ ନିଜର ସୋଶାଲ ମିଡିଆରେ ଆଉ ଏକ ଫଟୋ ପୋଷ୍ଟ କରିଛନ୍ତି। ଏଥିରେ ସେ, ଉପ ରାଷ୍ଟ୍ରପତି ଜେଡି ଭାନ୍ସ ଓ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ମିଳିତ ଭାବେ ଗ୍ରୀନଲାଣ୍ଡରେ ଆମେରିକାର ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

# ଋଷର ଦମଦାର ଅଫର, ଆକାଶରେ ଉଡ଼ିବ ସୁପରଜେଟ୍-୧୦୦

ମସ୍କୋ : ଭାରତ ଆକାଶରେ ଉଡ଼ିବ ଋଷର ବିମାନ । ଦମଦାର ଅଫର ଦେଲା ଭାରତର ବେଷ୍ଟ ଫ୍ରେଣ୍ଡ ଋଷ । ଋଷ ଭାରତକୁ ଦୁଇଟି ସ୍ୱଦେଶୀ ଯାତ୍ରୀବାହୀ ବିମାନ, ସୁପରଜେଟ୍-୧୦୦ (SJ-100) ଏବଂ Il-୧୧୪-୩୦୦ ପ୍ରଦାନ କରିଛି । ଉଭୟ ବିମାନ ସମ୍ପୂର୍ଣ୍ଣ ଭାବରେ ଋଷ ଟେକନିକକୁ ବ୍ୟବହାର କରି ବିକଶିତ କରାଯାଇଛି । ଋଷ କହିଛି ଯେ ଏହି ପ୍ରସ୍ତାବ ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିମାନ ଶିଳ୍ପ ପାଇଁ ଏକ ଭଲ ବିକଳ୍ପ ହୋଇପାରେ । ଭାରତକୁ ଆକର୍ଷିତ କରିବା ପାଇଁ ଋଷିଆ Il-114-300 ବିମାନ ପାଇଁ ଏକ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରିଛି, ଯେଉଁଥିରେ ଭାରତୀୟ ଜାତୀୟ ପତାକାର ରଙ୍ଗ ରହିଛି । ଏହାକୁ ଏକ ସଙ୍କେତ ଭାବରେ ଦେଖାଯାଉଛି ଯେ ଋଷ ଏହି ଚୁକ୍ତିକୁ କେବଳ ଏକ ବାଣିଜ୍ୟିକ ଭାବରେ ନୁହେଁ, ବରଂ ଏକ ରଣନୈତିକ ସହଭାଗୀତା ଭାବରେ ଦେଖୁଛି । ଯଦି ଏହି ପ୍ରସ୍ତାବ ଆଗକୁ ବଢ଼େ, ତେବେ ପ୍ରତିରକ୍ଷା ଏବଂ ବୈଷୟିକ ସହଯୋଗର ବିକାଶ ପରେ ଭାରତ-ଋଷ ଯାତ୍ରୀ ଉଡ଼ାଣରେ ଏକ ନୂତନ ଅଧ୍ୟାୟ ଖୋଲିପାରେ । ରିପୋର୍ଟ ଆଧାରରେ, ଋଷର ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରଣାଳୟ ସୁପରଜେଟ୍-100 ର ଏକ ଭିଡିଓ ଜାରି କରିଛି, ଯେଉଁଥିରେ ଦେଖାଯାଇଛି ଯେ, ଏହି ସୁପରଜେଟରେ PD-8 ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି । ଏହି ବିମାନଟି



ବିଙ୍ଗ୍ସ ଇଣ୍ଡିଆ-୨୦୨୬ ପ୍ରଦର୍ଶନୀରେ ପ୍ରଦର୍ଶନ କରାଯିବ । ଏହି ସମୟରେ, ୟୁନାଇଟେଡ୍ ଏୟାରକ୍ରାଫ୍ଟ କର୍ପୋରେସନ୍ ପ୍ରଥମ ଥର ପାଇଁ ସମାନ କାର୍ଯ୍ୟକ୍ରମରେ ଏହାର ନୂତନ ଆଞ୍ଚଳିକ ବିମାନ, Il-114-300 ଉପସ୍ଥାପନ କରିବ, ଯେଉଁଠାରେ ଏହା ଏକ ଉଡ଼ାଣ ପ୍ରଦର୍ଶନର ମଧ୍ୟ ଅଂଶ ହେବ ।

# ଟ୍ରମ୍ପଙ୍କ ଧମକ ପରେ ଉପରମୁହାଁ ସୁନା- ରୁପା ଦର !

ନୂଆଦିଲ୍ଲୀ: ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି ରୁପା ଦର । ବଢୁଥିବା ଦରକୁ ଦେଖି ଗ୍ରାହକମାନେ ବି ନିବେଶ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳିଛି । ମଙ୍ଗଳବାର ରୁପା-ଭିତ୍ତିକ ଏକ୍ସଚେଞ୍ଜ-ଟ୍ରାଡେଡ୍ ଫଣ୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ମଲ୍ଟି କମୋଡିଟି ଏକ୍ସଚେଞ୍ଜ ରେ ମାର୍ଚ୍ଚ ମାସରେ ରୁପା ଫ୍ୟୁଚର୍ସ କିଲୋଗ୍ରାମ ପିଛା ୩୧୮,୦୦୦ ଅତିକ୍ରମ କରିଛି । ବିଶ୍ୱ ଉତ୍ତେଜନା ଏବଂ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ରୁପା ଚମକୁଛି । ଅନ୍ତର୍ଜାତୀୟ ବଜାରରେ ରୁପା ୯୪.୭୨ ର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ରୁପା ମୂଲ୍ୟରେ ଏହି ହଠାତ୍ ବୃଦ୍ଧି ପଛରେ ଭୂ-ରାଜନୈତିକ ଉତ୍ତେଜନା ମୁଖ୍ୟ କାରଣ । ସୋମବାର ଟ୍ରମ୍ପ ଗ୍ରୀନଲ୍ୟାଣ୍ଡକୁ ମିଶାଇବା ପାଇଁ ସାମରିକ ଶକ୍ତିର ସମ୍ଭାବ୍ୟ ବ୍ୟବହାର କରିବାକୁ ଇଙ୍ଗିତ ଦେବା ପରେ ରୂପା ଏବଂ ସୁନାର ଚାହିଦା ଶୀର୍ଷରେ ପହଞ୍ଚିଛି । ଶେଷଜ୍ଞଙ୍କ କହିବା ଅନୁସାରେ, ଆମେରିକା ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରିଛି । ଟ୍ରମ୍ପ ଆଠଟି ୟୁରୋପୀୟ ଦେଶ ଉପରେ ନୂତନ ଶୁଳ୍କ ଘୋଷଣା କରିଛନ୍ତି



ଅନ୍ତର୍ଜାତୀୟ ବ୍ୟାପାରରେ ଟ୍ରମ୍ପଙ୍କ ନୀତି ମୂଲ୍ୟବାନ ଧାତୁର ମୂଲ୍ୟକୁ ନିରନ୍ତର ବୃଦ୍ଧି କରୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗ୍ରୀନଲ୍ୟାଣ୍ଡକୁ ମିଶାଇବା ପାଇଁ ପ୍ରୟାସ ଏବଂ ତାଙ୍କ ବୟାନ । ଫେବୃଆରୀ ୧ ତାରିଖରୁ ୟୁରୋପୀୟ ଆମଦାନୀ ଉପରେ ୧୦% ଶୁଳ୍କ ଲାଗୁ କରାଯିବ, ଯାହା ଜୁନ୍ ସୁଦ୍ଧା ୨୫% କୁ ବୃଦ୍ଧି ପାଇବ । ଏହି ଉତ୍ତେଜନା ସୁନା ଏବଂ ରୁପାର ଚାହିଦା ବୃଦ୍ଧି କରିଛି।

# ବୁଲା କୁକୁର ମନ୍ତବ୍ୟ ପାଇଁ ମେନକା ଗାନ୍ଧୀଙ୍କୁ ଭର୍ତ୍ସନା

ନୂଆଦିଲ୍ଲୀ: ପୂର୍ବତନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀ ଏକ ପୋଡକାଷ୍ଟ ସମୟରେ ବୁଲା କୁକୁର ମାମଲାରେ କୋର୍ଟଙ୍କ ବିଚାରଧାରା ଉପରେ ଦେଇଥିବା ମନ୍ତବ୍ୟକୁ ସୁପ୍ରିମକୋର୍ଟ କଡ଼ା ସମାଲୋଚନା କରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଓ ଜଷ୍ଟିସ୍ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଏହା କୋର୍ଟଙ୍କ ଉଦାରତା ଯେ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, କୁକୁରଙ୍କୁ ଖାଇବାକୁ ଦେଉଥିବା ଲୋକଙ୍କୁ ବୁଲା କୁକୁର ଆକ୍ରମଣ ପାଇଁ ଦାୟୀ କରିବା ବିଷୟରେ କୋର୍ଟ ଯାହା କହିଛନ୍ତି, ତାହା ଗମ୍ଭୀର ଥିଲା ଓ ତାହା ମଜାରେ କୁହାଯାଇ ନ ଥିଲା। ଗାନ୍ଧୀଙ୍କ ଓକିଲ ରାଜୁ ରାମଚନ୍ଦ୍ରନଙ୍କୁ କୋର୍ଟ କହିଛନ୍ତି, କିଛି ସମୟ ପୂର୍ବରୁ ଆପଣ କୋର୍ଟଙ୍କୁ କହୁଥିଲେ ଯେ ଆମେ ସତର୍କ ରହିବା ଉଚିତ। ଆପଣଙ୍କ ମହକିଲ କେଉଁ ପ୍ରକାରର ମନ୍ତବ୍ୟ ଦେଉଛନ୍ତି ତାହା ଆପଣ ଜାଣିଛନ୍ତି କି? ଆପଣଙ୍କ ମହକିଲ ଅବମାନନା କରିଛନ୍ତି। ତାହା ହେଉଛି ଆମର ଉଦାରତା ଯେ ଆମେ ଏହାକୁ ଗ୍ରହଣ କରୁନାହୁଁ। ଆପଣ ତାଙ୍କ ପୋଡକାଷ୍ଟ ଶୁଣିଛନ୍ତି କି? ତାଙ୍କର ବଡି ଲାଙ୍ଗୁଏଜ୍ କିପରି ଥିଲା?



ସେ କ'ଣ କୁହନ୍ତି ଓ କିପରି କୁହନ୍ତି। ରାମଚନ୍ଦ୍ରନ୍ ଜଳାତଙ୍କ ନିୟନ୍ତ୍ରଣ ପଦକ୍ଷେପ, ଟିକାର ଉପଲବ୍ଧତା ଏବଂ ବୁଲା କୁକୁର ଆକ୍ରମଣର ମୁକାବିଲା ପାଇଁ ପେସାଦାରଙ୍କ ଦକ୍ଷତା ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ଏହାର ଜବାବରେ କୋର୍ଟ କହିଛନ୍ତି, ଯେହେତୁ ଆପଣଙ୍କ ମହକିଲ ଜଣେ ପଶୁ ଅଧିକାର କର୍ମୀ, ସେ ଜଣେ କ୍ୟାବିନେଟ ମନ୍ତ୍ରୀ ଥିଲେ, ତେଣୁ ଏହି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବଜେଟ୍ ଆବଣ୍ଟନରେ ଆପଣଙ୍କ ମହକିଲଙ୍କ ଅବଦାନ କ'ଣ? ଆବେଦନକାରୀଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି, ଯେ ବନ୍ଧ୍ୟାକରଣ ଦ୍ୱାରା ବୁଲା କୁକୁରଙ୍କ ଆକ୍ରୋଶ ହ୍ରାସ ପାଇଥାଏ, କିନ୍ତୁ ଅଧିକାଂଶ ସହରରେ କୌଣସି ପ୍ରଭାବଶାଳୀ ବନ୍ଧ୍ୟାକରଣ କାର୍ଯ୍ୟକାରୀ ହେଉନାହିଁ। ଏହା ପରେ ସେ କହିଥିଲେ ଯେ କୋର୍ଟଙ୍କ ପର୍ଯ୍ୟବେକ୍ଷଣ ବେଳେବେଳେ ଦୁର୍ଭାଗ୍ୟଜନକ ପରିଣାମ ଆଣିପାରେ। ଉଦାହରଣ ସ୍ୱରୂପ, ଆପଣ କହିଛନ୍ତି ଯେ କୁକୁର କାମୁଡ଼ା ପାଇଁ ଫିଡରମାନଙ୍କୁ ଦାୟୀ କରାଯିବା ଉଚିତ। ବୋଧହୁଏ ଏହା ବ୍ୟଙ୍ଗାତ୍ମକ ଥିଲା। ଏହାର ଉତ୍ତରରେ ଜଷ୍ଟିସ୍ ନାଥ କହିଛନ୍ତି, ନା, ଆମେ ଏହାକୁ ବ୍ୟଙ୍ଗାତ୍ମକ ଭାବରେ କରିନାହୁଁ। ଆମେ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ କହିଥିଲୁ। ଭୂଷଣ ଉତ୍ତର ଦେଇଛନ୍ତି ଯେ, କୁକୁର ଫିଡର୍ ଉପରେ ଆକ୍ରମଣ କରାଯାଉଛି ଏବଂ ଆକ୍ରମଣକାରୀମାନେ ଏହି ମନ୍ତବ୍ୟ ଦେଉଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଓକିଲଙ୍କ ସହ ବାର୍ତ୍ତାଳାପ ସମୟରେ ଏହି ମନ୍ତବ୍ୟ ମୌଖିକ ଯୁକ୍ତି ଥିଲା। ରାମଚନ୍ଦ୍ରନ୍ କହିଛନ୍ତି ଯେ ଏହି ମନ୍ତବ୍ୟ ଟେଲିଭିଜନରେ ପ୍ରସାରିତ ହେଉଛି ଏବଂ ଉଭୟ ବାର୍ ଓ ବେଞ୍ଚର କର୍ତ୍ତବ୍ୟ ରହିଛି। ଏହାର ଉତ୍ତରରେ ଖଣ୍ଡପୀଠ କହିଛନ୍ତି, ହଁ, ଏହି କାରଣରୁ ଆମେ କେବଳ ଅଧିକ ମନ୍ତବ୍ୟ ଦେବାରୁ ନିଜକୁ ନିବୃତ୍ତ ରଖିଛୁ। ଗତ ସପ୍ତାହରେ ଏହି ମାମଲାର ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ, ଶିଶୁ କିମ୍ବା ବୃଦ୍ଧଙ୍କ ମୃତ୍ୟୁ କିମ୍ବା ଆହତ ହେଉଥିବା ପ୍ରତ୍ୟେକ ଆକ୍ରମଣ ପାଇଁ ମୋଟା ଅଙ୍କର କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ କହିବେ। ଏଥିସହ ଯେଉଁମାନେ ଏହି ବୁଲା କୁକୁରମାନଙ୍କୁ ଖାଇବାକୁ ଦେଉନ୍ତି ସେମାନଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରାଯିବ। ଯଦି ଆପଣ ଏହି ପଶୁମାନଙ୍କୁ ଏତେ ଭଲ ପାଆନ୍ତି, ତେବେ ଆପଣ କାହିଁକି ସେମାନଙ୍କୁ ନିଜ ଘରକୁ ନେଇଯାଉନାହାନ୍ତି। ଏହି କୁକୁରମାନେ କାହିଁକି ବୁଲିବେ, କାମୁଡ଼ିବେ ଓ ଲୋକଙ୍କୁ ଭୟଭୀତ କରିବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

# ଅବସର ଘୋଷଣା କଲେ ସାଇନା ନେହ୍ୱାଲ



ନୂଆଦିଲ୍ଲୀ : ଭାରତୀୟ ବ୍ୟାଡମିଣ୍ଟନର ପ୍ରଥମ ସଫଳ ଅଲିମ୍ପିଆନ୍ ସାଇନା ନେହ୍ୱାଲ ବିନା ଘୋଷଣାରେ ଅବସର ନେଇଯାଇଛନ୍ତି। ବୟସ, ଶାରୀରିକ ଦକ୍ଷତା ଓ ଆଣ୍ଠୁ ସମସ୍ୟାକୁ ଦୃଷ୍ଟିରେ ରଖି ସାଇନା ନିରବରେ ହିଁ ନିଜ ପ୍ରିୟ ର୍ୟାକେଟକୁ କାନ୍ଥରେ ଝୁଲାଇ ଦେଇଛନ୍ତି। 'ନିଜେ ଅନୁଭବ କଲି ଆଗକୁ ବଢ଼ି ପାରିବି ନାହିଁ, ଶାରୀରିକ ପ୍ରତିବଂଧକ ବାଟ ଓଗାଳିଛି। ଏଲିଟ୍ ସ୍ପୋର୍ଟର ପ୍ରତିଦ୍ୱନ୍ଦ୍ୱିତା ସ୍ତର ପାଇଁ ଆବଶ୍ୟକ ଶାରୀରିକ ସକ୍ଷମତା ମୋ ନିକଟରେ ଆଉ ନାହିଁ। ଏଥି ସହ ଖାପ ଖୁଆଇବା ପାଇଁ ଶରୀର ବି ସାଥ ଦେଉନାହିଁ' ଏମିତି କିଛି କହିଛନ୍ତି ୩୫ ବର୍ଷୀୟା ସାଇନା।

ଆନୁଷ୍ଠାନିକ ଭାବେ ଅବସର ଘୋଷଣା କରିନଥିବା ସାଇନା ୨ ବର୍ଷ ହେବ କୌଣସି ପ୍ରମୁଖ ପ୍ରତିଯୋଗିତା ଖେଳିନାହାନ୍ତି। ଶେଷ ଥର ପାଇଁ ୨୦୨୩ ସିଙ୍ଗାପୁର ଓପନରରେ ଖେଳିଥିଲେ। ସାଇନ ନେହ୍ୱାଲଙ୍କୁ ଭାରତୀୟ ବ୍ୟାଡ୍ମିଣ୍ଟନ୍ର ପୋଷ୍ଟର୍ ଗର୍ଲ କୁହାଯାଇଥାଏ। ପ୍ରଥମ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଭାବେ ସେ ୨୦୧୨ ଲଣ୍ଡନ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲେ। 'ଖେଳିବାକୁ ମୁଁ ଏବେ ସକ୍ଷମ ନୁହେଁ, ତାହା ହିଁ ଯଥେଷ୍ଟ। ଅବସର ଘୋଷଣାର କିଛି ଆବଶ୍ୟକତା ନାହିଁ ବୋଲି ସାଇନା ପ୍ରକାଶ କରିଛନ୍ତି। ଆସ୍ତେ ଆସ୍ତେ ଲୋକ ଜାଣିଯିବେ ସାଇନା ଖେଳୁନାହାନ୍ତି। ପ୍ରଶିକ୍ଷକ, ପରିବାର ବି ବୁଝିଯିବା ଉଚିତ୍। ମୋ ଆର୍ଥାଇଟିସ୍ ସମସ୍ୟା କାରଣରୁ କାର୍ଟିଲେଜ୍ ବି ପ୍ରଭାବିତ ହେଲାଣି। ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବ୍ୟାଡ୍ମିଣ୍ଟନ୍ ଖେଳିବାକୁ, ବିଶେଷ କରି ବିଶ୍ୱର ଶ୍ରେଷ୍ଠ ହେବାକୁ ଦୈନିକ ୮/୯ ଘଣ୍ଟାର ଅଭ୍ୟାସ ଜରୁରୀ। ମୁଁ ଆଉ ଶରୀରକୁ ଭିଡ଼ି ପାରିବି' ନାହିଁ ବୋଲି ସାଇନା ପ୍ରକାଶ କରିଛନ୍ତି।

୨୦୧୬ ରିଓ ଅଲିମ୍ପିକ୍ସ ସମୟରେ ସାଇନଙ୍କ ଆଣ୍ଠୁ ସମସ୍ୟା ଦେଖା ଦେଇଥିଲା। ଏହା ତାଙ୍କ କ୍ୟାରିୟର୍କୁ ବିଶେଷ ପ୍ରଭାବିତ କରିଥିଲା। ତଥାପି ସେ ନିଜର ସାଧ୍ୟମତେ ଚେଷ୍ଟା କରି ଖେଳିଥିଲେ। ୨୦୧୭ରେ ବିଶ୍ୱ ପ୍ରତିଯୋଗିତାରେ କାଂସ୍ୟ ଏବଂ ୨୦୧୮ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ମଧ୍ୟ ଆଣ୍ଠୁ ସମସ୍ୟା ତାଙ୍କୁ ନିରଂତର ଭାବେ ଅଡୁଆରେ ପକାଉଥିଲା। ୨୦୨୪ରେ ସେ ଘୋଷଣା କରିଥିଲେ ଆର୍ଥାଇଟିସ୍ ଅଛି ଏବଂ କାର୍ଟିଲେଜ୍ ଛିଡ଼ିବା ଆରମ୍ଭ କରିଛି। ବ୍ୟକ୍ତିଗତ ଜୀବନରେ ବି ସାଇନାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ଅନ୍ୟତମ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ତାରକା ପୁରୁପଲୀ କାଶ୍ୟପଙ୍କୁ ବିବାହ କରିଥିଲେ ମଧ୍ୟ ୨୦୨୫ ଅଗଷ୍ଟରେ ଉଭୟ ଅଲଗା ହୋଇଯାଇଥିଲେ। ଏହି ସେଲିବ୍ରିଟି ସଟଲ୍ କପଲ୍ କିନ୍ତୁ ଭାରତୀୟ ବ୍ୟାଡ୍ମିଣ୍ଟନ୍ର ଚେହେରାକୁ ବଦଳାଇ ଦେଇଥିଲେ।

# ବିସିସିଆଇ ଲାଗୁ କରିବ ନୂଆ ନିୟମ

## ବି କ୍ୟାଟେଗୋରୀରେ ରହିବେ ରୋହିତ ଓ କୋହଲି

ମୁମ୍ବାଇ: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଖେଳାଳିମାନଙ୍କ କେନ୍ଦ୍ରୀୟ କଣ୍ଟ୍ରାକ୍ଟ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛି। ପ୍ରସ୍ତାବିତ ଯୋଜନା ଅନୁସାରେ ଏବେ ପ୍ରଚଳିତ ଏ-ପ୍ଲସ୍ ଗ୍ରେଡକୁ ହଟାଇ ଦିଆଯିବ ଓ କେବଳ ଏ, ବି ଓ ସି ଗ୍ରେଡ୍ ରହିବ। ଅଜିତ ଆଗରକରଙ୍କ ଅଧ୍ୟକ୍ଷତାରେ ଥିବା ଚୟନ କମିଟି ଖେଳାଳିମାନଙ୍କ କେନ୍ଦ୍ରୀୟ କଣ୍ଟ୍ରାକ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ବିସିସିଆଇକୁ ପ୍ରସ୍ତାବ ଦେଇଛନ୍ତି ଓ ଏହି ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ବିସିସିଆଇର ପରବର୍ତ୍ତି ସର୍ବୋଚ୍ଚ ପରିଷଦ (ଆପେକ୍ସ କାଉନସିଲ୍) ବୈଠକରେ ଏହି ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବ।

ଏହି ନୂଆ ବ୍ୟବସ୍ଥା ଲାଗୁ ହେଲେ ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡ଼େଜା ଓ ଯସପ୍ରୀତ ବୁମରା ପରି ବରିଷ୍ଠ ଖେଳାଳିଙ୍କ ଗ୍ରେଡ୍ ହ୍ରାସ ପାଇବ।



ଏବେ ଏହି ତିନିଜଣ ଖେଳାଳି ଏ-ପ୍ଲସ ଗ୍ରେଡରେ ଅଛନ୍ତି। କିନ୍ତୁ ନୂଆ ବ୍ୟବସ୍ଥାରେ ସେମାନଙ୍କୁ ବି ଗ୍ରେଡରେ ରଖାଯିବ, ଅର୍ଥାତ୍ ପ୍ରାୟ ଏକ ଦଶନ୍ଧି ପରେ ସେମାନଙ୍କର ପଦାବନତି ହେବ। ବର୍ତ୍ତମାନ ଏ-ଗ୍ରେଡରେ କେଏଲ ରାହୁଲ, ଋଷଭ ପନ୍ତ, ମହମ୍ମଦ ସିରାଦ, ମହମ୍ମଦ ସାମି, ଶୁବମନ ଗିଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା ଅଛନ୍ତି। ସେହିପରି ବି-ଗ୍ରେଡରେ ଅଛନ୍ତି ସୂର୍ଯ୍ୟକୁମାର ଯାଦବ, କୁଳଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସ୍ୱାଲ ଓ ଶ୍ରେୟସ ଆୟର। ସେହିପରି ଗ୍ରେଡ ସିରେ ୧୯ ଜଣ ଖେଳାଳି ଅଛନ୍ତି। ଗ୍ରେଡ-ଏ ପ୍ଲସ୍ ଖେଳାଳିଙ୍କୁ ବର୍ଷକୁ ୭ କୋଟି ଟଙ୍କା ଦିଆଯାଉଥିବାବେଳେ ଗ୍ରେଡ୍-ଏ ଖେଳାଳିମାନଙ୍କୁ ବାର୍ଷିକ ୫ କୋଟି ଓ ଗ୍ରେଡ-ବି ଖେଳାଳିମାନଙ୍କୁ ୩ କୋଟି ଦିଆଯାଏ। ଜାଡ଼େଜା ଟ୍ୱେଣ୍ଟି-୨୦ରୁ ଅବସର ନେଇଥିବାବେଳେ ଦିନିକିଆରେ ତାଙ୍କର ପ୍ରଦର୍ଶନ ଭଲ ରହୁନାହିଁ। ସେହିପରି ବୁମରାଙ୍କୁ ଦ୍ୱିପାକ୍ଷିକ ସିରିଜରେ ବିଶ୍ରାମ ଦିଆଯାଉଛି। ଏଣୁ ଏବେ ଟିମ ଇଣ୍ଡିଆରେ କୌଣସି ଅଲ-ଫର୍ମାଟ୍ ଖେଳାଳି ନାହାନ୍ତି। ଏଣୁ ଏହି ପରିବର୍ତ୍ତନ ବିଷୟରେ ବିସିସିଆଇ ଚିନ୍ତା କରୁଛି।

# ଶେଷ ହେଲା ସହୀଦ ମେମୋରିଆ ଟୁର୍ଣ୍ଣାମେଣ୍ଟ

ତାଳଚେର, ୨୦।୧(ସବ୍ୟୁ) : ତାଳଚେର ଦେଉଳବେଡ଼ା ସ୍ଥିତ ଗ୍ରୀନଗ୍ରାସ୍ ଷ୍ଟାଡ଼ିୟମ ଠାରେ ୩ୟତମ ସହୀଦ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଟ ଗତ ୧୨/୦୧/୨୬ ରୁ ଆରମ୍ଭ ହୋଇ ୧୮/୦୧/୨୬ ପର୍ଯ୍ୟନ୍ତ ହୋଇଥିଲା। ଏହି ଟୁର୍ଣ୍ଣମେଂଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ମା'ହିଙ୍ଗୁଳା ଫୁଟବଲ୍ ତୁରଙ୍ଗ ଦଳ ବ୍ରଜନାଥପୁର ଫୁଟବଲ ଦଳକୁ ୧-୦ ଗୋଲରେ ହରାଇ ଚମ୍ପିଆନ ହୋଇଥିଲେ। ଫାଇନାଲ ଦିବସରେ ତାଳଚେର ଏସଡ଼ିପିଓ ଭରତ ଚନ୍ଦ୍ର ସାହୁ, ଲିଙ୍ଗରାଜ ଜିଏମ ସୁବ୍ରତ ବିଶ୍ୱାଳ, ଫୁଟବଲ ତାରକା ରଣଜିତ ଟିଗା ପ୍ରମୁଖ ଉପସ୍ଥିତରେ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସନ୍ତୋଷ ଝୁଣ୍ଟିଆ ଟ୍ରଫି ପାଇଁ ସହଯୋଗ କରିଥିଲେ। ସହୀଦ ମାନଙ୍କ ମହତ ଉଦ୍ଦେଶ୍ୟରେ ହୋଇଥିବା ଟୁର୍ଣ୍ଣମେଂଟକୁ ଅତିଥିମାନେ ପ୍ରସଂଶା କରିଥିଲେ। ପ୍ରକାଶ ମହାରଣା ମଂଚ ପରିଚାଳନା କରିଥିଲେ। ଗ୍ରୀନଗ୍ରାସ୍ କ୍ଲବ ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଭାପତି, ଉପଦେଷ୍ଟା, ଉପସଭାପତି, କୋଷାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଆଶିଷ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ମୁରଶୁଣ୍ଡୀ ଓ ରେଢ଼ାଖୋଲ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ଏନ ଏ ସି ଅନ୍ତର୍ଗତ ମାଣିକ ପଥର ଖେଳ ପଡ଼ିଆରେ ଚାଲିଥିବା ଆଶିଷ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସର ଅନୁଷ୍ଠିତ ପ୍ରଥମ ମ୍ୟାଚ ରେଢ଼ାଖୋଲ ଓ ବଲାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକର ଜରିଆରେରେ ରେଢ଼ାଖୋଲ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିରଗଡ଼ ଓ ମାଣିକ ପଥର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବିରଗଡ଼ ୨୦ ଗୋଲ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ତଥା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରେଢ଼ାଖୋଲ ଓ ବିରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଟାଇବ୍ରେକରରେ ରେଢ଼ାଖୋଲ ବିଜୟୀ ହୋଇଥିଲା। ଏହି ଅବସରରେ ଅତିଥି ଭାବରେ ମନୋରଞ୍ଜନ ପାଢ଼ୀ, ଧର୍ମରାଜ ସାହୁ ଯୋଗ ଦେଇ ସମସ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବେ ସୁଶୀଲ ବେହେରା, ଲାଇନ୍ସ ମ୍ୟାନ ଭାବେ ଅର୍ଜୁନ ନାଏକ, ବବୁଲୁ ପରିଚାଳନା କରିଥିଲେ। ମା



ମନକେଯୀ ଫୁଟବଲ କ୍ଲବର ସଦସ୍ୟ ସତ୍ୟ ନାରାୟଣ ମାଝୀ, ଅଭିଜିତ ମାଝୀ, କିସାନ ପ୍ରଧାନ, ତନ୍ମୟ ସେଠୀ, ଚିନ୍ମୟ ସେଠୀ, ଶ୍ରବଣ ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ରେଢ଼ାଖୋଲ ଓ ମୁରଶୁଣ୍ଡୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି।

# ଅଷ୍ଟ୍ରେଲିଆନ୍ ଓପନ୍: ହମବର୍ଟ ବିଦାକଲେ ସେଲଟନ୍

ସିଡନି : ଚଳିତବର୍ଷର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ପ୍ରତିଯୋଗିତା 'ଅଷ୍ଟ୍ରେଲିଆନ୍' ଓପନରେ ଗତଥର ବିଜେତା ଜାନିର ସିନ୍ନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ପ୍ରଥମ ରାଉଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଫ୍ରାନ୍ସର ହୁଗୋ ଗଷ୍ଟନ୍ ପାଇଁ ଅସୁସ୍ଥତା ପାଇଁ ଦୁଇଟି ସେଟ୍ ପରେ ଓହରି ଯିବାରୁ ବିଶ୍ୱମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ସିନ୍ନରଙ୍କୁ ଏଥିଲାଗି ବିଶେଷ କଷ୍ଟ କରିବାକୁ ପଡ଼ି ନଥିଲା। ସେତେବେଳକୁ ଅବଶ୍ୟ ଗଷ୍ଟନ୍ ୨-୬, ୧-୬ରେ ପଛୁଆ ଥିଲେ। ଲଗାତାର ତୃତୀୟ ଥର ପାଇଁ ଏଠାରେ ବିଜେତା ହେବା ଲକ୍ଷ୍ୟରେ ଥିବା ସିନ୍ନର ପରବର୍ତ୍ତୀ ରାଉଣ୍ଡ୍ରେ ଜେମ୍ସ ଡକୱର୍ଥ ଓ ଡିନୋ ପ୍ରିଜମିକଙ୍କ ମଧ୍ୟରେ ଖେଳାଯିବାକୁ ଥିବା

ପ୍ରଥମ ରାଉଣ୍ଡ୍ ମୁକାବିଲାର ବିଜେତାଙ୍କୁ ଭେଟିବେ। ସେହିଭଳି ଆମେରିକାର ଅଷ୍ଟମ ସିଡ୍ ଖେଳାଳି ବେନ୍ ସେଲଟନ୍ ୬-୩, ୭-୬ (୨), ୭-୬ (୫)ରେ ୟୁଗୋ ହମ୍ବର୍ଟଙ୍କୁ ହରାଇ ନିଜ



ଅଭିଯାନକୁ ଜୀବନ୍ତ ରଖିଛନ୍ତି। ଫ୍ରାନ୍ସର ତାରକା ଖେଳାଳି ମନଫିଲ୍ସ ଗୋଏଲ୍ସଙ୍କ ୨୦ବର୍ଷର ଅଷ୍ଟ୍ରେଲିଆନ୍ ଓପନ୍ ଅଭିଯାନ କିନ୍ତୁ ଦୁଃଖଦ ପରାଜୟରେ ସମାପ୍ତ ହୋଇଛି। ଆହତ ଜର୍ଜରିତ ମନଫିଲ୍ସ ମଙ୍ଗଳବାର ନିଜ ୨୦ତମ ତଥା ଶେଷ ଅଷ୍ଟ୍ରେଲିଆନ୍ ଓପନ୍ ସଂସ୍କରଣରେ ଯୋଗ୍ୟତା ଅର୍ଜନକାରୀ ଡେନ୍ ସ୍ୱିନୀଙ୍କଠାରୁ ୭-୬, ୫-୭, ୪-୬, ୫-୭ରେ ହାରି ପ୍ରଥମ ରାଉଣ୍ଡ୍ରୁ ବାଦ୍ ପଡ଼ିଛନ୍ତି।

ମହିଳା ଏକକରେ ଗତଥର ବିଜୟିନୀ ମାଡିସନ୍ କିଜ୍ ୭-୬ (୬), ୬-୧ରେ ୟୁକ୍ରେନରେ ଓଲେକସାଣ୍ଡ୍ରା ଓଲିନିକୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡ୍ ଟିକେଟ ହାସଲ କରିଛନ୍ତି। ୱାଇଲ୍ଡ କାର୍ଡ ଜରିଆରେ ମୁଖ୍ୟ ଡ୍ର' ଖେଳିବାର ସୌଭାଗ୍ୟ ଲାଭ କରିଥିବା ଟାଇଲା ପ୍ରେଷ୍ଟନ୍ ୬-୩, ୨-୬, ୬-୩ରେ ଚୀନର ଝାଙ୍ଗ ସୁଆଇ, ଅଷ୍ଟ୍ରେଲିଆର ମାୟା ଜଏଣ୍ଟ କିନ୍ତୁ ଟେରେଜା ଭାଲେଣ୍ଟୋଭାଙ୍କଠାରୁ ୪-୬, ୪-୬ରେ ହାରି ବିଦାୟ ନେଇଛନ୍ତି। ୟୁଏସ୍ ଓପନରେ ପୂର୍ବତନ ଉପବିଜୟିନୀ ଲିଲା ଫର୍ଣ୍ଣାଣ୍ଡେଜ୍ ୬-୨, ୭-୬ (୧)ରେ ଜାନିସ୍ ଟିଜେନଙ୍କଠାରୁ ହାରି ଯାଇଛନ୍ତି। ଫଳରେ ଅଷ୍ଟ୍ରେଲିଆନ୍ ଓପନ୍ର କୌଣସି ମ୍ୟାଚ୍ ଜିତିବାରେ ଟିଜେନ ଗତ ୨୮ବର୍ଷ ମଧ୍ୟ ପ୍ରଥମ ଇଣ୍ଡୋନେସୀୟ ଖେଳାଳି ହୋଇଛନ୍ତି। ସେହିଭଳି ଲୁସିନା ଦାରଦେରି ୭-୬ (୫), ୭-୬ (୩)ରେ କ୍ରିଷ୍ଟିନ ଗାରିନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି।

# ଆଇସିସି ସର୍ତ୍ତ ମାନିବନି ବାଂଲାଦେଶ

ଢାକା : ଭାରତୀୟ କ୍ରିକେଟ କଂଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାପରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ରଖୁଥିବା ଅନ୍ୟାୟପୂର୍ଣ୍ଣ ସର୍ତ୍ତ ମାନିବୁ ନାହିଁ। ଭାରତରେ ନ ଖେଳିବା ସଂପର୍କିତ ନିଷ୍ପତ୍ତି ଅଟଳ ବୋଲି ବାଂଲାଦେଶର କ୍ରୀଡା ଓ ଯୁବ ବ୍ୟାପାର ପରାମର୍ଶଦାତା ଆସିଫ ନଜରୁଲ କହିଛନ୍ତି।

ଢାକାସ୍ଥିତ ସଚିବାଳୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଯଦି ଆଇସିସି ଭାରତୀୟ କ୍ରିକେଟ୍ ବୋର୍ଡ ଚାପ ଆଗରେ ନଇଁଯାଏ ଓ ବାଂଲାଦେଶ ଆଗରେ ଅନ୍ୟାୟପୂର୍ଣ୍ଣ ସର୍ତ୍ତ ରଖେ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ। ଚାପରେ ପଡ଼ି ବାଂଲାଦେଶ ଭାରତ ଗସ୍ତ କରିବ ନାହିଁ। ଯଦି ବାଂଲାଦେଶ ବିଶ୍ୱକପରୁ ଓହରିଯାଏ ତେବେ ସ୍କଟଲାଣ୍ଡକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରା ଯିବାରୁ ସେ କହିଥିଲେ ଯେ ଏ ନେଇ କୌଣସି ଔପଚାରିକ ନିଷ୍ପତ୍ତି ସଂପର୍କରେ ଆଇସିସି ଜଣାଇନାହିଁ। ପୂର୍ବରୁ ଉଦାହରଣ ରହିଛି ଯେ ଭାରତ ପାକିସ୍ତାନକୁ ଗସ୍ତ କରିବାକୁ ମନା କରିବାରୁ ତାହାର ମ୍ୟାଚଗୁଡ଼ିକୁ ପାକିସ୍ତାନ ବାହାରକୁ ନିଆଯାଇଥିଲା। ଏହି ଦୃଷ୍ଟିରୁ ଆମର ଦାବି ଯୁକ୍ତିଯୁକ୍ତ ବୋଲି ସେ କହିଛନ୍ତି।

ଚଳିତ ମାସ ଆରମ୍ଭରେ ଆଇପିଏଲରୁ ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର ରେହମାନଙ୍କୁ ବିଦା କରାଯିବା ପରେ ବାଂଲାଦେଶ ଆସନ୍ତା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବାକୁ ମନା କରୁଛି। ଆଇସିସିର ବାରମ୍ବାର ଉଦ୍ୟମ ସତ୍ତ୍ୱେ ବାଂଲାଦେଶ ନିଜ ଜିଦରେ ଅଟଳ ରହିଛି।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଲିଗ୍ର ହାଇଦ୍ରାବାଦ ତୋଫାନ ବନାମ ଏଚଆଇଏଲ୍ ଜିସି ମ୍ୟାଚରେ ଉପସ୍ଥିତ କ୍ରୀଡା କମିଶନର ରାଜେଶ ପାଟିଲ ଓ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ।

# ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : କାକଟପୁର ବିଜୟୀ

ସାକ୍ଷୀଗୋପାଳ, ୨୦।୧(ସବ୍ୟୁ) : ପଞ୍ଚସଖା ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ତୃତୀୟ ଦିନରେ ପିପିଲିର ସନସାଇନ ଓ କାକଟପୁରର ମଙ୍ଗଳା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ମଙ୍ଗଳା କ୍ଲବ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ଦୁର୍ଗାପ୍ରସାଦ ବେହେରାଙ୍କ ୮୬ ରନ୍ ସହାୟତାରେ ୨୪୦ ରନ ସଂଗ୍ରହ କରିଥିଲା। ପିପିଲି ତରଫରୁ ତୋଫାନ ଗୌଡ଼ ୨ ୱିକେଟ ଅକ୍ତିଆର କରିଥିଲେ ଜବାବରେ ପିପିଲି ଦଳ ମଧ୍ୟ ନିର୍ଦ୍ଧାରିତ ଓଭରରେ ଓମକାର ସିଂ ୬୨ ଓ ଶୁଭମଶେଖର ନାୟକଙ୍କ ୪୨ ରନ ସହାୟତାରେ ସମାନ ୨୪୦ କରି ମ୍ୟାଚଟିକୁ ସୁପର ଓଭରକୁ ନେଇ ଯାଇଥିଲେ। ମଙ୍ଗଳା କ୍ଲବ ତରଫରୁ ସ୍ୱାଗତ ସତ୍ୟମ ପାଞ୍ଚ ୱିକେଟ ହାସଲ କରିଥିଲେ। ସୁପର ଓଭରରେ ପିପିଲି ଦଳ ପ୍ରଦତ୍ତ ୧୧ରନର ଲକ୍ଷ୍ୟକୁ ମଙ୍ଗଳା କ୍ଲବ ଗୋଟିଏ ବଲ ବାକି ଥାଇ ହାସଲ କରି ନେଇ ବିଜୟୀ ହୋଇଥିଲା। ଆଜିର ମ୍ୟାଚକୁ ବାରୀଶ ମିଶ୍ର ଓ ପ୍ରଶାନ୍ତ ଶତପଥୀ ପରିଚାଳନା କରିଥିଲେଛ ଖେଳ ଶେଷରେ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଦୁର୍ଗାପ୍ରସାଦ ବେହେରା ଓ ସ୍ୱାଗତ ସତ୍ୟମଙ୍କୁ ଯୁଗ୍ମ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ବରିଷ୍ଠ ଶିକ୍ଷାବିତ ରବୀ ନାରାୟଣ ମହାନ୍ତି ପ୍ରଦାନ କରିଥିଲେ।


ସୂଚନା

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ଟ୍ରିମ୍ସ ପଲିଟେକ୍ନିକ ବାର୍ଷିକ କ୍ରୀଡା ଉଦ୍ଯାପିତ

କଟକ, (ସ୍ୱପ୍ର): ଏଆଇସିଟିଇ ଦ୍ୱାରା ରାଜ୍ୟର ପ୍ରଥମ ସ୍ୱୟଂଶାସିତ ମାନ୍ୟତା ପାଇଥିବା ଟ୍ରିମ୍ସ ପଲିଟେକ୍ ନିକର ବାର୍ଷିକ କ୍ରୀଡା ସୋମବାର ଉଦ୍ଯାପିତ ହୋଇଛି । ଏଥିରେ ବିଭିନ୍ନ ବର୍ଗରେ ଉଭୟ ବ୍ୟକ୍ତିଗତ ଦଳଗତ ଖେଳକୁଦ ସହ ଅନ୍ତିମ ଦିବସରେ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ କମ୍ପ୍ୟୁଟର ସାଇନ୍ସ ବିଭାଗ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟରେ ବିନିମୟରେ ୧୦୯ ରନ୍ କରିଥିଲା । ଏହା ବିପକ୍ଷରେ ଇଟିସି ୮ ୱିକେଟରେ ୧୩୯ ରନ୍ କରି ବିଜୟୀ ହୋଇଥିଲା । ଚଳିତ ବର୍ଷ କ୍ରୀଡାରେ ବାଳିକା ବର୍ଗରେ ପୂର୍ଣ୍ଣିମା ବେହେରା ଓ ବାଳକ ବର୍ଗରେ ଅରୁଣ କୁମାର ମହାନ୍ତ ଚମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଚମ୍ପିୟନ୍ ଦଳକୁ ଟ୍ରଫି ପ୍ରଦାନ କରିବା ସହ ପାଠ ପଢା ସହିତ ଶାରୀରିକ ଓ ମାନସିକ ସୁସ୍ଥତା ଲାଗି ଯୋଗ ଓ କ୍ରୀଡାଭ୍ୟାସ ଜରୁରୀ ବୋଲି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପଲିଟେକ୍ନିକ୍ ର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି



ଏବଂ ଲୋକ ସଂପର୍କ ଅଧିକାରୀ ନିରକାର ସାହୁ ଛାତ୍ରୀଛାତ୍ରୀଙ୍କୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବାରେ ଖେଳକୁଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି କୃତୀ ଖେଳାଳୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ସ୍ୱାଗତ ଅଭିଭାଷଣ ଓ ପ୍ରାଧ୍ୟାପକ ଦେବ୍ରତ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ।

# ଦଶପଲ୍ଲା କପ ଭଲିବଲ ଇଟମାଟି ଚାମ୍ପିଅନ

ଦଶପଲ୍ଲା, ୨୦/୧(ସବ୍ୟୁ) : ସ୍ଥାନୀୟ ସ୍ପୋଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନ ଠାରେ ଅନୁଷ୍ଠିତ ଦଶପଲ୍ଲା କପ ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି।



ଉଦଜାପନୀ ଉତ୍ସବ ଫାଇନାଲରେ ଟିମ ଭୁବନେଶ୍ୱର ବନାମ ସ୍ୱାଇକ ଟାଇମ କ୍ଲବ ଇଟମାଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାଇକ ଟାଇମ କ୍ଲବ ଇଟାମାଟି , ଟିମ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ଶ୍ରେଷ୍ଠ ଖେଳ ପାଇଁ ଇଟାମାଟି ଟିମର ଖେଳାଳି ସୌମ୍ୟ ରଞ୍ଜନ ମହାରଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଅତିଥିଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇ ଚାମ୍ପିଅନ ଓ ରାନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିବା ବେଳେ କ୍ଲବର ସଭାପତି ଆଇନଜୀବୀ ଦିଲୀପ କୁମାର ପଣ୍ଡା ,ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସହ କ୍ଲବର ସମସ୍ତ ସଦଶ୍ୟ ଉପସ୍ଥିତ ଥିଲେ।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି